



# ସକାଳ
THE SAKALA

RNI REGD NO: 42041/83 PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR ♦VOLUME- 44 ♦ISSUE-97 ♦WEDNESDAY ♦30 SEPTEMBER 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୯୭ ♦ବୁଧବାର ♦୩୦ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**ଜ୍ଞାନେଶଙ୍କ ବିରୋଧରେ ଜନସ୍ୱାର୍ଥ ମାମଲା**

## ଆସନ୍ତା ସପ୍ତାହରେ 'ସୁପ୍ରିମ' ଶୁଣାଣି

■ ନୂଆଦିଲ୍ଲୀ, ୨୯।୯ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍ ଆଳରେ କୋଟି କୋଟି ଭୋଟରଙ୍କୁ କାଟିଥିବା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ଅଭିଯୋଗର ଶୁଣାଣି କରିବେ ସୁପ୍ରିମକୋର୍ଟ। ଏଥିପାଇଁ ଆସନ୍ତା ସପ୍ତାହ ଦିନ ଧାର୍ଯ୍ୟ କରାଯାଇଛି। ଅନ୍ୟ ଦୁଇ ଜଣ କମିସନରଙ୍କ ଆପତ୍ତିକୁ ଖାତିର ନକରି ଏକତରଫା ନିଷ୍ପତ୍ତି ନେଇଥିବା ଜ୍ଞାନେଶ କୁମାରଙ୍କୁ ସସପେଣ୍ଡ କରିବା ଲାଗି ଆଗତ ଜନସ୍ୱାର୍ଥ ମାମଲା ଉପରେ ବିଚାର



କରିବେ ସର୍ବୋଚ୍ଚ ଅଦାଲତ। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଭି ମୋହନାଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଛି ଯେ, ଦୁଇ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀଙ୍କ ଅନୁମୋଦନ ବିନା ମୁଖ୍ୟ ନିର୍ବାଚନ କମିସନର ନିଜ ଇଚ୍ଛା ମୁତାବକ ନିଷ୍ପତ୍ତି ନେଇଛନ୍ତି।

ଆବେଦନକାରୀଙ୍କ ଯୁକ୍ତି ଅନୁଯାୟୀ, ସମ୍ବିଧାନର ଧାରା ୩୨୪(୧) ଅନୁସାରେ ନିର୍ବାଚନ ସମ୍ପର୍କିତ କ୍ଷମତା ଜଣେ ବ୍ୟକ୍ତିଗତ ମୁଖ୍ୟ ନିର୍ବାଚନ କମିସନରଙ୍କ ନୁହେଁ, ବରଂ ବହୁସଦସ୍ୟ ବିଶିଷ୍ଟ ନିର୍ବାଚନ କମିସନଙ୍କ ଅଧୀନ। ▶ପୃଷ୍ଠା-୭

# କାମକୁ ନୁହେଁ ଆୟୁଷ୍ମାନ !

## ଶାସକ ଦଳର ସାଂସଦ, ବିଧାୟକଙ୍କ ଅସନ୍ତୋଷ

■ ଭୁବନେଶ୍ୱର, ୨୯।୯ (ସମିସ): ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ନେଇ ରାଜ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଦେଶବ୍ୟାପୀ ୨୯ ହଜାର ହସ୍ପିଟାଲରେ ଲୋକଙ୍କୁ ଏହି ଯୋଜନା ଅଧିନରେ କ୍ୟାସଲେସ ଚିକିତ୍ସା ସୁବିଧା ମିଳିପାରୁଛି ବୋଲି ସରକାରଙ୍କ ପକ୍ଷରୁ ପ୍ରଚାରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଏହି ଯୋଜନାରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହେଉଥିବାବେଳେ ଖୋଦ୍ ଶାସକ ଦଳର ସାଂସଦ ଓ ବିଧାୟକ ଏଥିରେ ସ୍ୱର ମିଳାଇଛନ୍ତି। ଏହି ଯୋଜନାରେ ବେସରକାରୀ ହସ୍ପିଟାଲଗୁଡ଼ିକ ଟଙ୍କା ଲୁଟି ନେଉଛନ୍ତି ଓ ରୋଗୀମାନେ ହଇରାଣ ହେଉଥିବା ଉଲ୍ଲେଖ କରି ରାଜ୍ୟ ସରକାରଙ୍କ

**ହଇରାଣ ହେଉଛନ୍ତି ରୋଗୀ, ମଗାଯାଉଛି ଟଙ୍କା**

**ବିଏସ୍କେୱାଇକୁ ଝୁରୁଛନ୍ତି ରାଜ୍ୟର ଜନସାଧାରଣ**

ହସ୍ତକ୍ଷେପ ଲୋଡ଼ିଛନ୍ତି । ନବୀନ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍କେୱାଇ) ରେ ରହିଥିବା ସୁବିଧାଗୁଡ଼ିକ ପରି ଆୟୁଷ୍ମାନରେ ଅନୁରୂପ ସୁବିଧା କରାଯାଉ ବୋଲି ମଧ୍ୟ ବିଭିନ୍ନ ମହଲରେ ଦାବି ହୋଇଛି ।

ବିଧାନସଭାରେ ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ ଏହି କଥା ଉଠାଇଥିବାବେଳେ ସାଂସଦ ପ୍ରଦୀପ ପାଣିଗ୍ରାହୀ ଏ ପ୍ରସଙ୍ଗରେ ସରକାରଙ୍କୁ ଚିଠି ଲେଖିଛନ୍ତି । ବିଧାନସଭାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆୟୁଷ୍ମାନ ଭାରତ କାର୍ଡ ଧରି ଯଦି ରୋଗୀ କୌଣସି ଘରୋଇ ହସ୍ପିଟାଲକୁ ଯାଉଛନ୍ତି ତ ତେବେ କଥା ସରିଲା। ହସ୍ପିଟାଲରେ ଭର୍ତ୍ତି ହେବା ପରେ କାର୍ଡରୁ ସବୁ ଟଙ୍କା ସରିଯାଉଛି। ରୋଗୀ ଜଣକ ଯଦି ମରିଗଲା ତ ତରିଗଲା। ନ ହେଲେ ସେ କୁଆଡ଼େ ଯିବ ବାଟ ପାଉନାହିଁ। ଏହି ପ୍ରସଙ୍ଗରେ ସେ ▶ପୃଷ୍ଠା-୭



# ସମ୍ଭଲ ହିଂସା ଅଭିଯୁକ୍ତଙ୍କ ଏନ୍‌ଏସ୍‌ଏ ଅଟକାଦେଶ ବାତିଲ, ୟୁପି ସରକାରଙ୍କୁ ୧୦ ଲକ୍ଷ ଟଙ୍କା ଜରିମାନା

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସମ୍ଭଲ ହିଂସା ମାମଲାର ଅଭିଯୁକ୍ତ ମୁଲ୍ଲା ଆଫ୍ରୋଜଙ୍କ ବିରୋଧରେ ଉତ୍ତରପ୍ରଦେଶ ସରକାର ଜାତୀୟ ସୁରକ୍ଷା ଆଇନ (ଏନ୍‌ଏସ୍‌ଏ) ଅଧୀନରେ ଜାରି କରିଥିବା ଅଟକାଦେଶକୁ ସୁପ୍ରିମକୋର୍ଟ ମଙ୍ଗଳବାର ବାତିଲ କରିଛନ୍ତି । ଏହାସହ ଅବୈଧ ଅଟକାଦେଶ ଜାରି କରିଥିବାରୁ ୟୁପି ସରକାରଙ୍କ ଉପରେ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ଲାଗୁ କରିଛନ୍ତି । ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ଶୀଲ ନାଗୁଙ୍କ ଖଣ୍ଡପୀଠ କହିଛନ୍ତି ଯେ ପୁଲିସ ହେପାଜତରେ ଅଭିଯୁକ୍ତ ଦେଇଥିବା କଥିତ ସ୍ୱୀକାରୋକ୍ତିକୁ ଆଧାର କରି ଏନ୍‌ଏସ୍‌ଏ ଅଧୀନରେ ପ୍ରତିଷେଧମୂଳକ ଅଟକ ରଖାଯାଇପାରିବ ନାହିଁ । ପୁଲିସ ହେପାଜତରେ ଦିଆଯାଇଥିବା ଏଭଳି ବୟାନ ଆଇନଗତ ଭାବେ ଅଗ୍ରହଣୀୟ ହୋଇଥିବାରୁ ଏହାକୁ ଅଟକାଦେଶର ଆଧାର କରାଯାଇପାରିବ ନାହିଁ ବୋଲି କୋର୍ଟ ମତ ଦେଇଛନ୍ତି । ୨୦୨୪ ନଭେମ୍ବରରେ ସମ୍ଭଲର ଶାହି ଜାମା ମସଜିଦ ସର୍ଭେ ସମୟରେ ଘଟିଥିବା ହିଂସାରେ ଆଫ୍ରୋଜଙ୍କୁ ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଅଭିଯୋଗ କରାଯାଇଥିଲା ।



ଆଲ୍ଲାହାବାଦ ହାଇକୋର୍ଟରୁ ଜାମିନ ପାଇବା ପରେ ୨୦୨୫ ଅକ୍ଟୋବରରେ ତାଙ୍କୁ ୟୁପି ସରକାର ଏନ୍‌ଏସ୍‌ଏ ଅଧୀନରେ ପୁନଃ ଅଟକ ରଖିଥିଲେ । ଅକ୍ଟୋବର ୧୩, ୨୦୨୫ରେ ତାଙ୍କ ବିରୋଧରେ ଅଟକାଦେଶ ଜାରି ହୋଇଥିଲା । ୟୁପି ସରକାର ଯୁକ୍ତି ଦେଇଥିଲେ ଯେ ଆଫ୍ରୋଜଙ୍କ ମୁକ୍ତି ଦ୍ୱାରା ପୁଣିଥରେ ହିଂସା କିମ୍ବା ଅଞ୍ଚଳରେ ଆଇନଶୃଙ୍ଖଳା ଭଙ୍ଗ ହେବାର ଆଶଙ୍କା ରହିଥିଲା । ତେଣୁ ସାଧାରଣ ଶୃଙ୍ଖଳା ବଜାୟ ରଖିବା ପାଇଁ ଏନ୍‌ଏସ୍‌ଏ ଅଧୀନରେ ଅଟକ ଆବଶ୍ୟକ ଥିଲା ବୋଲି ସରକାର କହିଥିଲେ । କିନ୍ତୁ ସୁପ୍ରିମକୋର୍ଟ ଏହି ଯୁକ୍ତି ଉପରେ ପ୍ରଶ୍ନ ଉଠାଇଥିଲେ ।

# ନନ୍ଦିଗ୍ରାମ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ଜାମିନ, ପ୍ରଚାର କରିପାରିବେ



କୋଲକାତା, ୨୯ ।୯ (ଏଜେନ୍ସି): ନନ୍ଦିଗ୍ରାମ ବିଧାନସଭା ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମିଳନ ପ୍ରଧାନଙ୍କୁ ଅନ୍ତରୀଣ ଜାମିନ ଦେଇଛନ୍ତି କଲକାତା ହାଇକୋର୍ଟ । ୨୦୦୭ରେ ରୁଜୁ ହୋଇଥିବା ୬ଟି ଅପରାଧିକ ମାମଲାରେ ଗିରଫ ହୋଇଥିବା ପ୍ରଧାନ ଅକ୍ଟୋବର ୬ରେ ହେବାକୁ ଥିବା ଉପନିର୍ବାଚନ ପାଇଁ ପ୍ରଚାର କରିପାରିବେ । ବିଚାରପତି ତୀର୍ଥଙ୍କର ଘୋଷ ଅକ୍ଟୋବର ୨୦ ପର୍ଯ୍ୟନ୍ତ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିବା ବେଳେ ଅକ୍ଟୋବର ୨୧ରେ ଟ୍ରାଏଲ୍ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ୬ଟି ମାମଲା ପାଇଁ ପ୍ରତ୍ୟେକରେ ୨୦ ହଜାର ଟଙ୍କାର ଜାମିନ ବଣ୍ଡ ଦାଖଲ କରିବାକୁ ମଧ୍ୟ କୋର୍ଟ କହିଛନ୍ତି । ପ୍ରଧାନଙ୍କ ବିରୋଧରେ ୨୦୦୭ର ନନ୍ଦିଗ୍ରାମ ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ସମୟର ହତ୍ୟା, ହତ୍ୟା ଉଦ୍ୟମ ଏବଂ ଅସ୍ତ୍ରଶସ୍ତ୍ର ଆଇନ ଉଲ୍ଲଂଘନ ଭଳି ଅଭିଯୋଗରେ ମାମଲା ରହିଛି । ଗତ ୧୮ ତାରିଖରେ ଗିରଫ ହେବା ପରଠାରୁ ସେ ନ୍ୟାୟିକ ହେପାଜତରେ ଥିଲେ । ଉପନିର୍ବାଚନ ପ୍ରଚାର ଅକ୍ଟୋବର ୪ରେ ଶେଷ ହେବ ଏବଂ ଅକ୍ଟୋବର ୯ରେ ଭୋଟ ଗଣତି ହେବ ।

# ଜ୍ଞାନେଶଙ୍କ ଅଡୁଆ ବଢ଼ାଇଲେ ମହାରାଷ୍ଟ୍ର ନିର୍ବାଚନ ଅଧିକାରୀ

## 'ଇସିଆଇନେଟ୍' ବିରୋଧରେ ସ୍ୱର ଉଠାଇଲେ



ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍)କୁ ନେଇ ନିର୍ବାଚନ ଆୟୋଗ ମଧ୍ୟରେ ମତଭେଦ ଚର୍ଚ୍ଚାରେ ଥିବାବେଳେ ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀ ଏସ୍ ଚୋକ୍କଲିଙ୍ଗମ୍‌ଙ୍କ ଏକ ଚିଠି ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଅଡୁଆ ବଢ଼ାଇ ଦେଇଛି । ସେପ୍ଟେମ୍ବର ୨୪ରେ ନିର୍ବାଚନ ଆୟୋଗର ବରିଷ୍ଠ ଅଧିକାରୀଙ୍କୁ ଲେଖିଥିବା ଏହି ଚିଠିରେ ସେ ଏସ୍‌ଆଇଆର୍ ପ୍ରକ୍ରିୟାରେ ବ୍ୟବହୃତ 'ଇସିଆଇନେଟ୍' ସଫ୍ଟୱେରକୁ ନେଇ ଆପତ୍ତି ଉଠାଇବା ସହିତ ଏଥିରେ ୫ଟି ପରିବର୍ତ୍ତନ ପାଇଁ ଦାବି କରିଛନ୍ତି । ସେ କହିଛନ୍ତି ଯେ ଆଇନ ଅନୁଯାୟୀ ଭୋଟରଙ୍କୁ ଯୋଡ଼ିବା/କାଟିବା କ୍ଷମତା ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ପାଖରେ ରହିବା ଜରୁରୀ । କିନ୍ତୁ ବିବାଦୀୟ 'ଇସିଆଇନେଟ୍' ସଫ୍ଟୱେର ନିର୍ବାଚନ ଅଧିକରୀଙ୍କ ସେହି କ୍ଷମତାକୁ ସଙ୍କୁଚିତ କରିଦେଇଛି ।

ସୂଚନାଯୋଗ୍ୟ ଯେ ଏହି 'ଇସିଆଇନେଟ୍' ସଫ୍ଟୱେରକୁ ନେଇ ଦୁଇଜଣ ନିର୍ବାଚନ କମିସନର ସୁଖବୀର ସିଂହ ସାନ୍ଧୁ ଓ ବିବେକ ଯୋଶୀ ଆପତ୍ତି ଉଠାଇବା ସହିତ ଏହାର କେନ୍ଦ୍ରୀକରଣକୁ ବିରୋଧ କରିଥିଲେ । ସେମାନେ ମଧ୍ୟ ଯୁକ୍ତି କରିଥିଲେ ଯେ ଭୋଟରଙ୍କୁ ଯୋଡ଼ିବ/କାଟିବା କ୍ଷମତା କେବଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ରହିବା ଉଚିତ ।

**ଭୋଟରଙ୍କୁ ଯୋଡ଼ିବା/କାଟିବା କ୍ଷମତା ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ରହୁ**

ଚୋକ୍କଲିଙ୍ଗମ୍ ତାଙ୍କ ପତ୍ରରେ ଯୁକ୍ତି କରିଛନ୍ତି, ଯଦି କୌଣସି ଭୋଟର ଆବଶ୍ୟକ ଓ ସନ୍ତୋଷଜନକ ଦଲିଲ ଦାଖଲ କରିଥାନ୍ତି, ତେବେ ତାଙ୍କୁ ବ୍ୟକ୍ତିଗତ ଶୁଣାଣିରୁ ମୁକ୍ତ କରିବାର ବିକଳ୍ପ (ଇଲେକଟୋରାଲ ରେଜିଷ୍ଟ୍ରେସନ ଅଫିସର) ଇଆର୍‌ଓଙ୍କୁ ଦିଆଯାଉ । ଏହାଛଡ଼ା, ଏସ୍‌ଆଇଆର୍‌ରେ ଉଲ୍ଲେଖ ଥିବା ୧୩ ପ୍ରକାର ଦଲିଲ ବ୍ୟତୀତ ଅନ୍ୟ ଦଲିଲ ଗ୍ରହଣ କରିବାର ସୁବିଧା ମଧ୍ୟ ରହୁ । ବିଶେଷକରି ଆଦିବାସୀ, ଗୃହହୀନ ଓ ଯୌନକର୍ମୀ ସମୁଦାୟର ଲୋକଙ୍କ ପାଖରେ ତାଲିକାଭୁକ୍ତ ଦଲିଲ ନଥାଇପାରେ ବୋଲି ସେ ଦର୍ଶାଇଛନ୍ତି । 'ଲଜିକାଲ୍ ଡିସ୍କ୍ରେପାନ୍ସି' ମାମଲାରେ ମଧ୍ୟ ଇଆର୍‌ଓମାନଙ୍କୁ ଅଧିକ ଅଧିକାର ଦେବାକୁ ସେ ଦାବି କରିଛନ୍ତି । ପୂର୍ବ ଏସ୍‌ଆଇଆର୍ ତାଲିକାରେ ପିତା କିମ୍ବା ଜେଜେବାପାଙ୍କ ନାମ, ବୟସ ଆଦିରେ ମେଳ ନହେବା ଭଳି କାରଣରୁ ଏପରି ଅସଙ୍ଗତି ଚିହ୍ନଟ ହୋଇପାରେ । ଏହାକୁ ଆଧାର କରି ଭୋଟର ଅଯୋଗ୍ୟ ବୋଲି ସ୍ୱତଃସିଦ୍ଧ ହୁଏ ନାହିଁ । ଇସିଆଇନେଟ୍‌ରେ 'ଲଜିକାଲ୍ ଡିସ୍କରେପାନ୍ସି' ମାମଲାରେ ପୂର୍ବ ଏସ୍‌ଆଇଆର୍‌ର ତଥ୍ୟ ଅପଲୋଡ୍‌କୁ ବାଧ୍ୟତାମୂଳକ ନକରିବା ସହ ଇଆର୍‌ଓମାନଙ୍କ ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଓ ପ୍ରଶ୍ନୋତ୍ତର ବ୍ୟବସ୍ଥା କରିବାକୁ ମଧ୍ୟ ସେ କହିଛନ୍ତି । ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଚାଲିଥିବା ଆନ୍ଦୋଳନରେ ମହାରାଷ୍ଟ୍ର ନିର୍ବାଚନ ଅଧିକାରୀଙ୍କ ଏହି ପତ୍ର ନିଆଁରେ ଘିଅ ଢାଳିବା ଭଳି କାମ କରିଛି ।

# ଯବାନଙ୍କ ଗୁଳିମାଡ଼, ୪ ସହଯୋଗୀ ମୃତ

କଠୁଆ, ୨୯।୯ (ଏଜେନ୍ସି): ଜମ୍ମୁ-କାଶ୍ମୀରର କଠୁଆ ଜିଲ୍ଲା ବସୋହଲି ସ୍ଥିତ ସିଆଇଏସ୍‌ଏଫ୍ କ୍ୟାମ୍ପରେ ଜଣେ ଯବାନ ନିଜ ସହକର୍ମୀଙ୍କ ଉପରେ ଗୁଳି ଚଳାଇବାରୁ ୪ ଜଣ ସିଆଇଏସ୍‌ଏଫ୍‌ଙ୍କ ମୃତ୍ୟୁ ଘଟିଛି । ଅଭିଯୁକ୍ତ ଯବାନ ଅବଧେଶ କୁମାର ସିଂ ବୋଲି ଜଣାପଡ଼ିଛି । ଏହି ଘଟଣା ସେୱା-୩ ଜଳ ବିଦ୍ୟୁତ୍ ପ୍ରକଳ୍ପ ସୁରକ୍ଷା କ୍ୟାମ୍ପରେ ଘଟିଥିଲା । ମୃତକମାନେ ହେଲେ ସହକାରୀ କମାଣ୍ଡାଣ୍ଟ ଅଙ୍କିତ କୁମାର ପାଣ୍ଡେ, ଏସ୍‌ଆଇ ଲକ୍ଷ୍ମଣ ସିଂ, କନଷ୍ଟେବଲ ରଫିକ୍ ଅହମ୍ମଦ ଏବଂ କନଷ୍ଟେବଲ ସନ୍ଦୀପ କୁମାର । ସୂଚନା ଅନୁଯାୟୀ, କୌଣସି କାରଣରୁ କର୍ମଚାରୀଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ଏହାପରେ ହେଡ୍ କନଷ୍ଟେବଲ ଅବଧେଶ ନିଜ ସର୍ଭିସ୍ ଏକେ-୪୭ ରାଇଫଲ୍‌ରୁ ଅତର୍କିତ ଗୁଳିଚାଳନା କରିଥିଲେ । ଗୁଳିକାଣ୍ଡ ପରେ କଠୁଆ ପୁଲିସ ଅଭିଯୁକ୍ତ ଯବାନଙ୍କୁ ଗିରଫ କରିଛି । ସିଆଇଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି । ତେବେ ମୂଳ ବିବାଦର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ।

# ମ୍ୟାଁମାରରେ ସେନାର ଆକ୍ରମଣ, ୪୯ ମୃତ

ନେପିଦ, ୨୯ ।୯ (ଏଜେନ୍ସି): ମ୍ୟାଁମାରର ପଶ୍ଚିମ ରାଖାଇନ ରାଜ୍ୟରେ ସୋମବାର ସେନା ପକ୍ଷରୁ ହୋଇଥିବା ବିମାନ ଆକ୍ରମଣରେ ଅନ୍ତତଃ ୪୯ ଜଣଙ୍କ ମୃତ୍ୟୁ ହୋଇଛି । ଓ ୫୮ ଜଣ ଆହତ ହୋଇଥିବା ରିପୋର୍ଟରେ କୁହାଯାଇଛି । ଆକ୍ରମଣ ସମୟରେ ଏକ ଭିଡ଼ଭାଡ଼ ବଜାରରେ ବ୍ୟବସାୟୀ ଓ ଗ୍ରାହକଙ୍କ ସମାଗମ ଥିଲା । ଆହତଙ୍କ ମଧ୍ୟରୁ ୨୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ସଶସ୍ତ୍ର ବିଦ୍ରୋହୀ ସଂଗଠନ ଆରାକାନ ଆର୍ମି ଅଭିଯୋଗ କରିଛି ଯେ, ଏକ ସେନା ଯୁଦ୍ଧବିମାନ ବଜାର ନିକଟରେ ଦୁଇଟି ବୋମା ପକାଇଥିଲା । ଏହି ଅଞ୍ଚଳ ଆରାକାନ ଆର୍ମି ନିୟନ୍ତ୍ରଣରେ ରହିଛି । ମଙ୍ଗଳବାର ଆରାକାନ ଆର୍ମି ପକ୍ଷରୁ ଜାରି ବିବୃତିରେ ଆକ୍ରମଣର ପ୍ରତିଶୋଧ ନିଆଯିବ ବୋଲି ଧମକ ଦିଆଯାଇଛି । ସେନା ଏହି ଘଟଣା ନେଇ ତୁରନ୍ତ କୌଣସି ମନ୍ତବ୍ୟ ଦେଇନାହିଁ । ସେନା ପୂର୍ବରୁ ନିଜର ବିମାନ ଆକ୍ରମଣ କେବଳ ସାମରିକ ଘାଟିକୁ ଲକ୍ଷ୍ୟ କରି କରାଯାଉଥିବା ଦାବି କରିଆସିଛି । ୨୦୨୧ରେ ଅଙ୍ଗ ସାନ ସୁ କିଙ୍କ ନେତୃତ୍ୱାଧୀନ ନିର୍ବାଚିତ ସରକାରକୁ ହଟାଇ ମିଆନାମର ସେନା କ୍ଷମତା ଦଖଲ କରିବା ପରଠାରୁ ସଂଘର୍ଷ ଜାରି ରହିଛି ।

# ଆତଙ୍କବାଦୀ ଆକ୍ରମଣ, ଆସାମ ରାଇଫଲ୍ସ ଯବାନ ସହିଦ

ଇଟାନଗର, ୨୯ ।୯ (ଏଜେନ୍ସି): ଅରୁଣାଚଳ ପ୍ରଦେଶର ଚାଙ୍ଗଲାଙ୍ଗ ଜିଲ୍ଲାରେ ମଙ୍ଗଳବାର ସକାଳେ ମିଲିଟାଣ୍ଟ ଆକ୍ରମଣରେ ଆସାମ ରାଇଫଲ୍ସର ଜଣେ ଯବାନଙ୍କ ମୃତ୍ୟୁ ହୋଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି । ଭାରତ-ମ୍ୟାଁମାର ସୀମା ନିକଟ ନାମ୍‌ପୋଙ୍ଗ ସର୍କଲରେ ସକାଳ ପ୍ରାୟ ୬ଟା ୩୦ରେ ପାଟ୍ରୋଲିଂ ସମୟରେ ଏହି ଆକ୍ରମଣ ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି । ଆକ୍ରମଣରେ ୪୨ ବର୍ଷୀୟ ହାବିଲଦାର ଜାନଖୋକାଇ କୁକିଙ୍କ ମୃତ୍ୟୁ ହୋଇଛି । ନାମ୍‌ପୋଙ୍ଗ ଷ୍ଟ୍ରିମ୍ ନିକଟରେ ସୀମାବାଡ଼ ନିର୍ମାଣ କାର୍ଯ୍ୟ ଚାଲିଥିବା ସମୟରେ ଯବାନମାନେ ପାଟ୍ରୋଲିଂ କରୁଥିଲେ । ପ୍ରାଥମିକ ତଦନ୍ତ ଓ ଗୁଇନ୍ଦା ସୂଚନା ଆଧାରରେ ନ୍ୟାସନାଲ ସୋସାଲିଷ୍ଟ କାଉନ୍‌ସିଲ ଅଫ୍ ନାଗାଲାଣ୍ଡର ୟୁଙ୍ଗ୍ ଆଙ୍ଗ ଗୋଷ୍ଠୀର ମିଲିଟାଣ୍ଟମାନେ ଏହି ଆକ୍ରମଣ କରିଥିବା ସନ୍ଦେହ କରାଯାଉଛି ।

# ଗୋଲ୍ଡି ବିରୋଧରେ ଆମେରିକାର ୧୦ କୋଟି ଟଙ୍କା ପୁରସ୍କାର

ୱାଶିଂଟନ୍, ୨୯ ।୯ (ଏଜେନ୍ସି): ଭାରତୀୟ ଗ୍ୟାଙ୍ଗଷ୍ଟର ସତିନ୍ଦରଜିତ ସିଂହ ଓରଫ ଗୋଲ୍ଡି ବ୍ରାରକୁ ଆମେରିକାର ଏଫ୍‌ବିଆଇ 'ଟପ୍-୧୦ ମୋଷ୍ଟ ୱାଣ୍ଟେଡ୍' ତାଲିକାରେ ସାମିଲ କରିଛି । ତାଙ୍କ ସମ୍ପର୍କରେ ସୂଚନା ଦେଲେ ସର୍ବାଧିକ ୧ ନିୟୁତ ଡଲାର, ପ୍ରାୟ ୯.୫ କୋଟି ଟଙ୍କା ପୁରସ୍କାର ଦିଆଯିବ ବୋଲି ଆମେରିକା କହିଛି । ଆମେରିକୀୟ ଅଭିଯୋଗ ଅନୁସାରେ, ଗୋଲ୍ଡି ବ୍ରାର ଲରେନ୍ସ ବିଷ୍ଣୋଇ ସଂଗଠିତ ଅପରାଧ ଗୋଷ୍ଠୀର ଉତ୍ତର ଆମେରିକା ଶାଖାର ପ୍ରମୁଖ ଅପରେସନାଲ ନେତା । ଲରେନ୍ସ ବିଷ୍ଣୋଇ ଓ ବ୍ରାରଙ୍କ ଉପରେ ୨୦୨୩ରେ ଖଲିସ୍ତାନୀ ନେତା ହରଦୀପ ସିଂହ ନିଜ୍ଜରଙ୍କ ହତ୍ୟା ଷଡ଼ଯନ୍ତ୍ରର ଅଭିଯୋଗ ରହିଛି । ଆମେରିକାର ଅଭିଯୋଗପତ୍ରରେ କୁହାଯାଇଛି ଯେ, ଭାରତୀୟ ଜେଲ୍‌ରେ ଥାଇ ମଧ୍ୟ ଲରେନ୍ସ ମୋବାଇଲ ଓ ଇଣ୍ଟରନେଟ୍ କଲିଂ ବ୍ୟବସ୍ଥା ମାଧ୍ୟମରେ ହତ୍ୟା, ଦାଦାବଟି, ଅପହରଣ ଓ ମାଦକଦ୍ରବ୍ୟ ଚୋରାଚାଲାଣ ଭଳି ଅପରାଧ ନିର୍ଦ୍ଦେଶ ଦେଉଥିଲା । 'ଅପରେସନ୍ ହାର୍ଡ ବଲ୍'ରେ ଆମେରିକା, କାନାଡା ଓ ୟୁରୋପରେ ଏହି ନେଟୱର୍କ ସହ ଜଡ଼ିତ ୩୭ ଜଣଙ୍କ ବିରୋଧରେ ମାମଲା ହୋଇଥିବା ଏବଂ ୨୪ ଜଣ ଗିରଫ ହୋଇଥିବା ଆମେରିକା କହିଛି ।

# କେଜ୍ରିୱାଲଙ୍କ ଆବେଦନ ଖାରଜ କଲେ ଗୁଜରାଟ ହାଇକୋର୍ଟ

ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶିକ୍ଷାଗତ ଡିଗ୍ରୀ ସମ୍ପର୍କିତ ମାମଲାରେ ଆମ୍ ଆଦମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ଆବେଦନକୁ ଗୁଜରାଟ ହାଇକୋର୍ଟ ମଙ୍ଗଳବାର ଖାରଜ କରିଛନ୍ତି । ମୁଖ୍ୟ ବିଚାରପତି ସୁନୀତା ଅଗ୍ରୱାଲ ଓ ବିଚାରପତି ଡିଏନ୍ ରାୟଙ୍କ ଖଣ୍ଡପୀଠ ଏକକ ବିଚାରପତିଙ୍କ ରାୟକୁ ବଳବତ୍ତର ରଖିବା ସହ କେଜ୍ରିୱାଲଙ୍କ ଉପରେ ଲାଗିଥିବା ୨୫ ହଜାର ଟଙ୍କା ଜରିମାନାକୁ ମଧ୍ୟ କାଏମ ରଖିଛନ୍ତି । ୨୦୧୬ରେ କେନ୍ଦ୍ରୀୟ ସୂଚନା ଆୟୋଗ ପ୍ରଧାନମନ୍ତ୍ରୀଙ୍କ ଡିଗ୍ରୀ ସମ୍ପର୍କିତ ତଥ୍ୟ ପ୍ରକାଶ ପାଇଁ ଗୁଜରାଟ ବିଶ୍ୱବିଦ୍ୟାଳୟକୁ ଦେଇଥିବା ନିର୍ଦ୍ଦେଶକୁ ୨୦୨୩ ମାର୍ଚ୍ଚରେ ଏକକ ଖଣ୍ଡପୀଠ ରଦ୍ଦ କରିଥିଲେ । ଏହାସହ କେଜ୍ରିୱାଲଙ୍କ ଉପରେ ୨୫ ହଜାର ଟଙ୍କା ଜରିମାନା ଲାଗୁ କରାଯାଇଥିଲା । କେଜ୍ରିୱାଲଙ୍କ ଓକିଲ ଅଭିଷେକ ମନୁ ସିଂଘଭି ଏହି ଜରିମାନା ଲାଗୁ କରିବାର ଆଧାରକୁ ଚ୍ୟାଲେଞ୍ଜ କରିଥିଲେ । ତାଙ୍କ ଯୁକ୍ତି ଥିଲା, କେଜ୍ରିୱାଲ ଡିଗ୍ରୀ ପାଇଁ ମାମଲାକୁ ଜାରି ରଖି ନ ଥିଲେ ଏବଂ ସୂଚନା ଆୟୋଗ ନିଜ ଆଡୁ ପ୍ରକ୍ରିୟା ଆରମ୍ଭ କରିଥିଲା । ଗୁଜରାଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କେଜ୍ରିୱାଲ ମାମଲାକୁ ନିରନ୍ତର ଭାବେ ଆଗକୁ ବଢ଼ାଇଥିବା ଯୁକ୍ତି ଦେଇଥିଲେ ।

# ଜ୍ଞାନେଶଙ୍କ ଉପରେ ଇସ୍ତଫା ଚାପ

# କଂଗ୍ରେସ ଏଜେଣ୍ଡା ପ୍ରସ୍ତୁତ, 'ଇଣ୍ଡିଆ' ବୈଠକ ଆଜି



ନୂଆଦିଲ୍ଲୀ, ୨୯।୯: ଏସଆଇଆରକୁ ନେଇ ନିର୍ବାଚନ କମିସନରେ ମତଭେଦ ଖବର ପ୍ରକାଶ ପାଇବା ପରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ଚାରି ଆଡୁ ଚାପ ବଢ଼ିବାରେ ଲାଗିଛି । ଏସଂପର୍କରେ ମିଳିତ ରଣନୀତି ପ୍ରସ୍ତୁତ କରିବା ଲାଗି ଆସନ୍ତାକାଲି ଇଣ୍ଡିଆ ମେଣ୍ଟର ଗୁରୁତ୍ୱପୂର୍ଣ୍ଣ ବୈଠକ ହେବାକୁ ଯାଉଥିବାବେଳେ ଆଜି କଂଗ୍ରେସ କାର୍ଯ୍ୟକାରୀ କମିଟି ବୈଠକରେ ଏଥିଲାଗି ଏଜେଣ୍ଡା ପ୍ରସ୍ତୁତ କରିଛି ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଏବଂ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରିଛି । ବୈଠକରେ ଗୃହୀତ ପ୍ରସ୍ତାବରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଇଛି । ଏବେ ଯେଉଁସବୁ ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର ଚାଲିଛି, ତାହାକୁ ସ୍ଥଗିତ ରଖିବା ଲାଗି ଦାବି କରାଯିବା ସହିତ ଏହି ପ୍ରକ୍ରିୟାରେ ଯେଉଁ ୧୩ କୋଟି ଭୋଟରଙ୍କ ନାମ କଟିଛି, ତାହାକୁ ବଜାୟ ରଖିବା ଲାଗି ମଧ୍ୟ ଦାବି କରାଯାଇଛି । ପ୍ରସ୍ତାବରେ ଆହୁରି କୁହାଯାଇଛି ଯେ ପ୍ରଧାନମନ୍ତ୍ରୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସାରାରେ ଭୋଟ ଚୋରି ହୋଇଛି । ତେଣୁ ସେମାନେ ଇସ୍ତଫା ନଦେବା ପର୍ଯ୍ୟନ୍ତ ସମ୍ବିଧାନ ଓ ଗଣତନ୍ତ୍ର ସୁରକ୍ଷିତ ରହିପାରିବ ନାହିଁ ।

- ■ କଂଗ୍ରେସ ବୈଠକରେ ପ୍ରସ୍ତାବ ଗୃହୀତ
- ■ ଜ୍ଞାନେଶ କୁମାର ଇସ୍ତଫା ଦିଅନ୍ତୁ
- ■ ବାତିଲ ହେଉ ଏସ୍‌ଆଇଆର୍ ପ୍ରକ୍ରିୟା
- ■ ୧୩ କୋଟି ଭୋଟରଙ୍କୁ ବଜାୟ ରଖାଯାଉ

ବୈଠକ ପରେ କଂଗ୍ରେସ ସାଧାରଣ ସଂପାଦକ କେସି ବେଣୁଗୋପାଲ କହିଲେ ଯେ ଆସନ୍ତାକାଲି ହେବାକୁ ଥିବା ଇଣ୍ଡିଆ ମେଣ୍ଟ ବୈଠକରେ ତାଙ୍କ ଦଳ ଏହି ପ୍ରସଙ୍ଗ ଉଠାଇବ । ଭୋଟ୍ ଚୋରି ବିରୋଧରେ ମିଳିତ ଆନ୍ଦୋଳନ ପାଇଁ ସେହି ବୈଠକରେ ରଣନୀତି ପ୍ରସ୍ତୁତ କରାଯିବ । ଦେଶର ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ଲାଗି ସମସ୍ତ ରାଜନୈତିକ ଦଳଙ୍କ ସହଯୋଗରେ କଂଗ୍ରେସ ଏକ ବ୍ୟାପକ ଆନ୍ଦୋଳନ କରିବାକୁ ଚାହୁଁଛି । ଏସଂପର୍କରେ ସମସ୍ତ ଦଳର ମତାମତ ଗୁରୁତ୍ୱ ବହନ କରୁଛି । ବ୍ୟାପକ ବିଚାରବିମର୍ଶ ପରେ ଆନ୍ଦୋଳନ ସଂପର୍କରେ ନିଷ୍ପତ୍ତି ନିଆଯିବ ।

ଆସନ୍ତାକାଲି ଇଣ୍ଡିଆ ମେଣ୍ଟର ଯେଉଁ ଉଚ୍ଚସ୍ତରୀୟ ବୈଠକ ହେବ, ସେଥିରେ କଂଗ୍ରେସ ସଭାପତି ସମେତ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ, ଟିଏମସି ସୁପ୍ରିମୋ ମମତା ବାନାର୍ଜୀ ଓ ଅଭିଷେକ ବାନାର୍ଜୀ, ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, ପିଡିପି ମୁଖ୍ୟ ମେହବୁବା ମୁଫତି, ଆରଜେଡି ମୁଖ୍ୟ ତେଜସ୍ୱୀ ଯାଦବ ଯୋଗ ଦେବେ । ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଏହି ବୈଠକରେ ଯୋଗ ଦେବେ ନାହିଁ । ତାଙ୍କ ବଦଳରେ ଦଳର ବରିଷ୍ଠ ନେତା ଆସିବେ । ସେହିଭଳି ଉଦ୍ଧବ ଠାକରେ ମୁମ୍ବାଇରୁ ଭିଡିଓ କନଫେରେନ୍ସ ଜରିଆରେ ଯୋଡ଼ିହେବେ । ଇଣ୍ଡିଆର ମେଣ୍ଟରୁ ଡିଏମକେ ବାହାରି ଯାଇଥିବାରୁ ବୈଠକରେ ଏହାର ପ୍ରତିନିଧି ଆସିବେ ନାହିଁ । ଜେଏମଏମକୁ ନେଇ ଅନିଶ୍ଚିତା ରହିଛି । ତେବେ ସିପିଆଇ, ସିପିଏମର ବରିଷ୍ଠ ନେତାମାନେ ଯୋଗଦେବେ ବୋଲି ସୂଚନା ମିଳିଛି ।

ଇତିମଧ୍ୟରେ କେଜ୍ରିୱାଲଙ୍କ ଆପ୍ ଏବଂ ଷ୍ଟାଲିନଙ୍କ ଡିଏମ୍‌କେ ଘୋଷଣା କରିଛନ୍ତି ଯେ ଆସନ୍ତକାଲିର ଇଣ୍ଡିଆ ମେଣ୍ଟ ବୈଠକରେ ସେମାନେ ଯୋଗଦେବେ ନାହିଁ । ତେବେ ମୁଖ୍ୟ ନିର୍ବାଚନ କମିସନର ପଦରୁ ଜ୍ଞାନେଶ କୁମାରଙ୍କୁ ହଟାଇବା ଲାଗି ସଂସଦରେ ଯେଉଁ ମହାଭିଯୋଗ ପ୍ରସ୍ତାବ ଆସିବ, ତାହାକୁ ସେମାନେ ସମର୍ଥନ କରିବେ । ଏସଂକ୍ରାନ୍ତ ନୋଟିସରେ ସେମାନେ ଦସ୍ତଖତ କରିବେ ବୋଲି କହିଛନ୍ତି ।

# ପାକିସ୍ତାନ ଗସ୍ତରେ ଭାରତୀୟ ପ୍ରତିନିଧିଦଳ

ଇସଲାମାବାଦ, ୨୯ ।୯ (ଏଜେନ୍ସି): ଅପରେସନ ସିନ୍ଦୂର ପରେ ପ୍ରାୟ ଦେଢ଼ ବର୍ଷ ପରେ ଭାରତୀୟ ଅଧିକାରୀଙ୍କ ଏକ ପ୍ରତିନିଧି ଦଳ ଶାଂଘାଇ ସହଯୋଗ ସଂଗଠନ ବୈଠକରେ ଯୋଗଦେବା ପାଇଁ ପାକିସ୍ତାନ ପହଞ୍ଚିଛି । ବୈଦେଶିକ ମନ୍ତ୍ରଣାଳୟର ଅତିରିକ୍ତ ସଚିବ ତଥା ଭାରତର ଏସ୍‌ସିଓ ସଂଯୋଜକ ଆଲୋକ ଡିମ୍ରି ଭାରତୀୟ ପ୍ରତିନିଧିଦଳର ନେତୃତ୍ୱ ନେଉଛନ୍ତି । ଇସଲାମାବାଦରେ ସୋମବାରଠାରୁ ଆରମ୍ଭ ହୋଇଥିବା ବୈଠକ ବୁଧବାର ପର୍ଯ୍ୟନ୍ତ ଚାଲିବ । ପାକିସ୍ତାନର ଅଧ୍ୟକ୍ଷତାରେ ଏସ୍‌ସିଓର କାର୍ଯ୍ୟକ୍ରମ, ଆଗାମୀ ବୈଠକର ପ୍ରସ୍ତୁତି ଓ ସଂଗଠନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ । ଆଗାମୀ ଏସ୍‌ସିଓ ଶିଖର ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପାକିସ୍ତାନ ନିମନ୍ତ୍ରଣ କରିପାରେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ତେବେ ଏହି ମଞ୍ଚରେ ଭାରତ-ପାକିସ୍ତାନ ଦ୍ୱିପାକ୍ଷିକ ଆଲୋଚନାର କୌଣସି ଯୋଜନା ନାହିଁ । ଭାରତ କହିଆସିଛି ଯେ, ଏସ୍‌ସିଓ ମଞ୍ଚରେ ସହଯୋଗ ଜାରି ରହିବ, କିନ୍ତୁ ପାକିସ୍ତାନ ସହ ପ୍ରତ୍ୟକ୍ଷ ଆଲୋଚନା ପାଇଁ ଆତଙ୍କବାଦମୁକ୍ତ ପରିବେଶ ଆବଶ୍ୟକ । ପହଲଗାମ ଆତଙ୍କବାଦୀ ଆକ୍ରମଣ ଓ ଅପରେସନ ସିନ୍ଦୂର ପରେ ଭାରତ ଏହି ଆଭିମୁଖ୍ୟକୁ ପୁନର୍ବାର ସ୍ପଷ୍ଟ କରିଥିଲା । ଏହା ପୂର୍ବରୁ ୨୦୨୪ ଅକ୍ଟୋବରରେ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏସ୍‌ସିଓ ଶିଖର ବୈଠକରେ ଯୋଗଦେବା ପାଇଁ ପାକିସ୍ତାନ ଯାଇଥିଲେ । ପ୍ରାୟ ୯ ବର୍ଷ ପରେ ପାକିସ୍ତାନ ଯାଇଥିବା ସେ ପ୍ରଥମ ଭାରତୀୟ ବୈଦେଶିକ ମନ୍ତ୍ରୀ ଥିଲେ । ୨୦୦୧ରେ ପ୍ରତିଷ୍ଠିତ ଏସ୍‌ସିଓରେ ଭାରତ ଓ ପାକିସ୍ତାନ ୨୦୧୭ ରେ ସଦସ୍ୟ ହୋଇଥିଲେ । ସୁରକ୍ଷା, ଅର୍ଥନୀତି ଓ ଆଞ୍ଚଳିକ ସହଯୋଗ ସହ ଆତଙ୍କବାଦ, ମାଦକ ଚୋରାଚାଲାଣ ଓ ସାଇବର ଅପରାଧ ଭଳି ପ୍ରସଙ୍ଗରେ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ସହଯୋଗ ବଢ଼ାଇବା ଏହାର ଲକ୍ଷ୍ୟ । ୨୦୨୫ ମେ' ୭ରେ ପହଲଗାମ ଆକ୍ରମଣର ପ୍ରତିକ୍ରିୟାରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହା ପରେ ଦୁଇ ଦେଶ ମଧ୍ୟରେ ସାମରିକ ଉତ୍ତେଜନା ବଢ଼ିଥିଲା । ମେ' ୧୦ରେ ଦୁଇ ଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ସହମତ ହୋଇଥିଲେ ।

- ■ ଅପରେସନ ସିନ୍ଦୂର ପରେ ପ୍ରଥମ ଥର ଗସ୍ତ
- ■ ମୋଦୀଙ୍କୁ ମିଳିପାରେ ଆମନ୍ତ୍ରଣ

# ରାଜ୍ୟସଭାକୁ ଫେରିପାରନ୍ତି ସ୍ମୃତି ଇରାନୀ, ବରୁଣ ଗାନ୍ଧୀ



ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ଉତ୍ତରପ୍ରଦେଶରୁ ଆସନ୍ତା ରାଜ୍ୟସଭା ନିର୍ବାଚନ ପାଇଁ ବିଜେପିରେ ପ୍ରାର୍ଥୀ ଚୟନକୁ ନେଇ ଚର୍ଚ୍ଚା ଜୋରଦାର ହୋଇଛି । ଦଳୀୟ ସୂତ୍ର ଅନୁସାରେ ଜାତୀୟ ସାଧାରଣ ସମ୍ପାଦକ ସ୍ମୃତି ଇରାନୀ ଓ ହରିଶ ଦ୍ୱିବେଦୀଙ୍କ ନାମ ଆଗରେ ରହିଛି । ଏଥିସହ ବରୁଣ ଗାନ୍ଧୀ, ସଞ୍ଜୀବ ବାଲିଆନ, ସତ୍ୟପାଲ ସିଂହ, ସୁରେଶ ରାଣା ଓ ଅନ୍ୟ କିଛି ନେତାଙ୍କ ନାମ ମଧ୍ୟ ବିଚାରାଧୀନ ଥିବା ସୂଚନା ମିଳିଛି । ଉତ୍ତରପ୍ରଦେଶର ୧୦ଟି ରାଜ୍ୟସଭା ଆସନ ପାଇଁ ଅକ୍ଟୋବର ୧୬ରେ ନିର୍ବାଚନ ହେବ । ବିଜେପି ୭ଟି ଆସନ ଜିତିବା ସ୍ଥିତିରେ ଥିବାବେଳେ ୮ମ ଆସନ ପାଇଁ ମଧ୍ୟ ପ୍ରୟାସ କରିପାରେ । ଏହା ହେଲେ ଦଶମ ଆସନକୁ ନେଇ ବିଜେପି ଓ ସମାଜବାଦୀ ପାର୍ଟି ମଧ୍ୟରେ ମୁକାବିଲା ହେବା ସମ୍ଭାବନା ରହିଛି । ଏସ୍‌ପି ୩ ଜଣ ପ୍ରାର୍ଥୀ ଦେବାକୁ ବିଚାର କରୁଥିବା ସୂଚନା ମିଳିଛି । ଦଳର ଏବେକାର ସଂଖ୍ୟା ଅନୁସାରେ ୨ଟି ଆସନ ଜିତିବା ସମ୍ଭବ । ବରିଷ୍ଠ ନେତା ରାମଗୋପାଳ ଯାଦବଙ୍କୁ ପୁଣି ରାଜ୍ୟସଭା ପଠାଇବା ନେଇ ଚର୍ଚ୍ଚା ଥିବାବେଳେ ପୂର୍ବତନ ଆଇଏଏସ୍ ଅଧିକାରୀ ଆଲୋକ ରଞ୍ଜନ ଓ ସଲିମ ଇକବାଲଙ୍କ ନାମ ମଧ୍ୟ ଆଲୋଚନାରେ ରହିଛି । ବିଜେପି ନିଜ ପ୍ରାର୍ଥୀ ଚୟନରେ ଆଗାମୀ ବିଧାନସଭା ନିର୍ବାଚନକୁ ମଧ୍ୟ ଦୃଷ୍ଟିରେ ରଖୁଥିବା ସୂଚନା ମିଳିଛି । ଜାଟ, ରାଜପୁତ, ଓବିସି ଓ ସଂଖ୍ୟାଲଘୁ ସମୁଦାୟକୁ ପ୍ରତିନିଧିତ୍ୱ ଦେବା ନେଇ ଦଳରେ ବିଚାର ଚାଲିଛି । ଯୁବ ଓ ମହିଳା ନେତୃତ୍ୱକୁ ଅଧିକ ସୁଯୋଗ ଦେବା ନେଇ ମଧ୍ୟ ଆଲୋଚନା ହୋଇଛି । ଆଜି ଲକ୍ଷ୍ନୌରେ ବିଜେପିର କୋର୍ କମିଟି ବୈଠକରେ ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା ହୋଇଛି ।

# ସୁପ୍ରିମକୋର୍ଟ ବିଚାରପତି ପାଇଁ ୩ ମୁଖ୍ୟ ବିଚାରପତିଙ୍କ ନାମ ସୁପାରିସ



ନୂଆଦିଲ୍ଲୀ, ୨୯ ।୯ (ଏଜେନ୍ସି): ସୁପ୍ରିମକୋର୍ଟରେ ବିଚାରପତି ଭାବେ ନିଯୁକ୍ତି ପାଇଁ ତିନି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନାମ ସୁପାରିସ କରିଛି ସୁପ୍ରିମକୋର୍ଟ କଲେଜିୟମ୍ । ଏହି ତାଲିକାରେ ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଦେବେନ୍ଦ୍ର କୁମାର ଉପାଧ୍ୟାୟ, ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ସୁନୀତା ଅଗ୍ରୱାଲ ଏବଂ ତେଲେଙ୍ଗାନା ହାଇକୋର୍ଟର ମୁଖ୍ୟ ବିଚାରପତି ଅପରେଶ କୁମାର ସିଂହ ଅଛନ୍ତି । ଜଷ୍ଟିସ୍ ଦେବେନ୍ଦ୍ର କୁମାର ଉପାଧ୍ୟାୟ ଲକ୍ଷ୍ନୌରୁ ନିଜ ଆଇନଜୀବୀ ଓ ନ୍ୟାୟିକ ଜୀବନ ଆରମ୍ଭ କରିଥିଲେ । ଗତ ୨୫ ବର୍ଷ ମଧ୍ୟରେ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚରୁ ସୁପ୍ରିମକୋର୍ଟକୁ ପଦୋନ୍ନତି ପାଇବାକୁ ଯାଉଥିବା ଦ୍ୱିତୀୟ ଆଇନଜୀବୀ ବୋଲି ତାଙ୍କୁ କୁହାଯାଉଛି । ତାଙ୍କ ପୂର୍ବରୁ ଜଷ୍ଟିସ୍ ବ୍ରିଜେଶ କୁମାର ୨୦୦୦ ମସିହାରେ ସୁପ୍ରିମକୋର୍ଟ ବିଚାରପତି ହୋଇଥିଲେ । ଦିଲ୍ଲୀ ହାଇକୋର୍ଟ ୱେବସାଇଟ୍ ଅନୁଯାୟୀ, ଜଷ୍ଟିସ୍ ଉପାଧ୍ୟାୟ ୧୯୬୫ ଜୁନ୍ ୧୬ରେ ଉତ୍ତରପ୍ରଦେଶର ଆମ୍ବେଦକର ନଗର ଜିଲ୍ଲାର ମୁସ୍କରାଇ ଗାଁରେ ଜନ୍ମଗ୍ରହଣ କରିଥିଲେ । ୨୦୦୭ ମେ'ରେ ସେ ଉତ୍ତରପ୍ରଦେଶର ମୁଖ୍ୟ ସ୍ଥାୟୀ ଆଇନଜୀବୀ ଭାବେ ନିଯୁକ୍ତ ହୋଇଥିଲେ । ୨୦୧୧ ନଭେମ୍ବରରେ ହାଇକୋର୍ଟ ବିଚାରପତି ହେବା ପର୍ଯ୍ୟନ୍ତ ସେ ଏହି ପଦରେ ରହିଥିଲେ । ୨୦୧୧ ନଭେମ୍ବର ୨୧ରେ ସେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ । ୨୦୨୩ ମାର୍ଚ୍ଚ ୨୮ ରେ ସେ ଲକ୍ଷ୍ନୌ ବେଞ୍ଚର ବରିଷ୍ଠ ବିଚାରପତି ହୋଇଥିଲେ । ପରେ ୨୦୨୩ ଜୁଲାଇ ୨୯ ରେ ସେ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଇଥିଲେ ।

# ରାଜ୍ୟ ରାଜକୋଷରେ ପାଣ୍ଠି ନାହିଁ!

## ଭୋକେସନାଲ ଶିକ୍ଷକଙ୍କୁ ମିଳିନି ୬ ମାସର ଦରମା

■ କମ୍ପାନୀକୁ ସରକାର ଦେଇନାହାନ୍ତି ପ୍ରାୟ ୯ ମାସର ବକେୟା
■ ୬ମାସ ହେଲା ମିଳିନାହିଁ ଏସ୍‌ସି-ଏସଟି ପିଲାଙ୍କୁ ଷ୍ଟାଇପେଣ୍ଡ
■ ବିଭିନ୍ନ ସ୍ଥାନରେ ୫ମାସ ହେଲାଣି ମିଳିନି ବାର୍ଦ୍ଧକ୍ୟ ଭତ୍ତା

ଭୁବନେଶ୍ୱର, ୨୯।୯(ସମିସ): ରାଜ୍ୟ ସରକାରଙ୍କ ପାଖରେ ପାଣ୍ଠି ନାହିଁ। ଫଳରେ ଅନେକ ଆନୁଷଙ୍ଗିକ ଓ ବିଭିନ୍ନ ଅନୁଦାନ ପ୍ରଦାନରେ ସମସ୍ୟା ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ଏସ୍‌ସି ଓ ଏସ୍‌ଟି ପିଲାମାନଙ୍କୁ ୬ ମାସ ହେଲା ଷ୍ଟାଇପେଣ୍ଡ ମିଳି ନ ଥିବାବେଳେ ଭୋକେସନାଲ ଶିକ୍ଷକମାନେ ମଧ୍ୟ ୬ ମାସ ହେଲା ଦରମା ପାଇ ନାହାନ୍ତି । ଏପରିକି ବୟସ୍କ ନାଗରିକଙ୍କୁ ମିଳୁଥିବା ସାମାଜିକ ସୁରକ୍ଷା ଭତ୍ତା ମଧ୍ୟ କେତେକ ଅଞ୍ଚଳରେ ବନ୍ଦ କରିଦିଆଯାଇଛି । ଯାହାକୁ ନେଇ ସାରା ରାଜ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି ।

ରାଜ୍ୟର ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତ ଭୋକେସନାଲ ଶିକ୍ଷକଙ୍କୁ ଦରମା ମିଳୁନି। ଦୀର୍ଘ ୬ ମାସର ଦରମା ବକେୟା ରହିଛି। ଭୋକେସନାଲ୍ ଟ୍ରେନିଂ ପାର୍ଟନର୍ (ଭିଟିପି) ମାଧ୍ୟମରେ ଠିକା ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ସମ୍ପୃକ୍ତ କମ୍ପାନୀ ୬ ମାସ ହେଲା ଦରମା ଦେଇନଥିବାବେଳେ କମ୍ପାନୀଗୁଡ଼ିକୁ ସରକାର ପ୍ରାୟ ୯ ମାସ ହେଲା ଦରମା ବାବଦକୁ ଅର୍ଥ ଦେଇ ନଥିବା ଅଭିଯୋଗ ହୋଇଛି। ୨୦୨୫-୨୬ ଶିକ୍ଷାବର୍ଷରେ ଶେଷ ପ୍ରାୟ ୪ ମାସ ଦରମା ଶିକ୍ଷକଙ୍କୁ ମିଳିନି। ସରକାର ଦେୟ ପ୍ରଦାନ ନ କଲେ ମଧ୍ୟ ଶିକ୍ଷକଙ୍କୁ ୩ ମାସ ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ ଦରମା ଦିଆଯିବାର ପ୍ରାବଧାନ ଥିବାରୁ କମ୍ପାନୀ ମାନେ ନିଜସ୍ୱ ଅର୍ଥରୁ ଦରମା ଦେଉଛନ୍ତି। ସରକାର ପ୍ରାୟ ୭ ମାସର ଦରମା କମ୍ପାନୀଗୁଡ଼ିକୁ ପ୍ରଦାନ କରି ନାହାନ୍ତି। ଅପରପକ୍ଷରେ ୨୦୨୬-୨୭ ଶିକ୍ଷାବର୍ଷରେ ସରକାରଙ୍କ ପକ୍ଷରୁ ଏପ୍ରିଲ୍, ମେ ଓ ଜୁନ୍ ମାସର ଦରମା ବାବଦ ଦେୟ ଦେଇଥିବା ଜଣା ପଡ଼ିଛି। ପୂର୍ବ ଶିକ୍ଷାବର୍ଷର ଦେୟ ବକେୟା ଥିବାରୁ କମ୍ପାନୀଗୁଡ଼ିକ ମଧ୍ୟ କେବଳ ଏହି ୩ ମାସର ଦରମା ଦେବା ପରେ ହାତ ଟେକିଦେଇଛନ୍ତି। ଫଳରେ ଚଳିତ ଶିକ୍ଷାବର୍ଷର ଅବଶିଷ୍ଟ ଆଉ ୨ ମାସର ଦରମା ମଧ୍ୟ ଶିକ୍ଷକଙ୍କୁ ମିଳିପାରି ନାହିଁ। ଦୀର୍ଘ ୬ ମସ ଧରି ଦରମା ମିଳି ନଥିବାରୁ ଶିକ୍ଷକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ଦେଖାଦେଇଛି। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ମାଧ୍ୟମରେ ୨୦୧୬ ମସିହାରୁ ପର୍ଯ୍ୟାୟକ୍ରମେ ପ୍ରାୟ ୩୨୨୬ ଭୋକେସନାଲ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଥିଓରୀ, ପ୍ରାକ୍ଟିକାଲ୍ ସମେତ ବିଭିନ୍ନ ରେକର୍ଡ ପ୍ରସ୍ତୁତି, ଇଣ୍ଡଷ୍ଟ୍ରି ଭିଜିଟ୍, ଏବଂ ବିଦ୍ୟାଳୟର ବିଭିନ୍ନ ବୈଷୟିକ କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ମାତ୍ର ସେମାନଙ୍କୁ ନିୟମିତ ଭାବେ ଦରମା ମିଳୁନଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

ସୁନ୍ଦରଗଡ଼ ଜିଲ୍ଲାର ୬୦ରୁ ଊର୍ଦ୍ଧ୍ୱ ଛାତ୍ରାବାସ ଓ ଛାତ୍ରୀନିବାସକୁ ମିଶାଇ ରାଜ୍ୟର ୬୦୦ରୁ ଊର୍ଦ୍ଧ୍ୱ ଅନୁସୂଚୀତ ଜାତି ଓ ଜନଜାତି ସ୍କୁଲ ଛାତ୍ରାବାସର ଅନ୍ତେବାସୀଙ୍କୁ ୬ ମାସ ହେଲା ବୃତ୍ତି ମିଳି ନଥିବା ଅଭିଯୋଗ ହୋଇଛି । ଏହି ଅର୍ଥରାଶି ଗରିବ ପରିବାରର ପିଲାଙ୍କ ଶିକ୍ଷା ଖର୍ଚ୍ଚ, ପୁସ୍ତକ, ଖାତା ଓ ଅନ୍ୟାନ୍ୟ ଆବଶ୍ୟକତା ସହ ଛାତ୍ରାବାସରେ ଖାଦ୍ୟ ସାମଗ୍ରୀ କ୍ରୟ ନିମନ୍ତେ ମଧ୍ୟ ବ୍ୟବହାର ହୋଇଥାଏ। ତେଣୁ ଦୀର୍ଘ ସମୟ ଧରି ଟଙ୍କା ନ ମିଳିବା ଶିକ୍ଷକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି ଓ ଅଭିଭାବକମାନେ ମଧ୍ୟ ଚିନ୍ତିତ ହୋଇପଡ଼ିଛନ୍ତି। ସରକାରଙ୍କ ଦ୍ୱାରା ସିଧାସଳଖ ପରିଚାଳିତ ସ୍କୁଲର ଛାତ୍ରଛାତ୍ରୀଙ୍କୁ ବୃତ୍ତି ମିଳୁଥିବାବେଳେ ଜିଲ୍ଲାସ୍ତରରେ ଅନୁମୋଦିତ ସ୍କୁଲଗୁଡ଼ିକର ଛାତ୍ରଛାତ୍ରୀଙ୍କୁ ଏହି ବୃତ୍ତି ୬ ମାସ ହେଲା ମିଳିନାହିଁ। ଯାହାକୁ ନେଇ ସମସ୍ୟ ସୃଷ୍ଟି ହୋଇଛି । ଗତ ଫେବ୍ରୁଆରୀ ୩ ତାରିଖରେ ଅନୁସୂଚୀତ ଜାତି ଓ ଜନଜାତି କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଏ ସଂକ୍ରାନ୍ତରେ ସବୁ ଜିଲ୍ଲାର କଲ୍ୟାଣ ଅଧିକାରୀଙ୍କୁ ଚିଠି ଲେଖି ୨୦ ତାରିଖ ସୁଦ୍ଧା ଅନୁମତିପ୍ରାପ୍ତ ଛାତ୍ରାବାସ ଓ ଛାତ୍ରୀନିବାସ ଅନ୍ତେବାସୀଙ୍କ ପାକ୍ ମାଟ୍ରିକ୍ ଛାତ୍ରବୃତ୍ତି ସଂକ୍ରାନ୍ତ ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଆର୍ଥିକ ବର୍ଷର ୬ମାସ ବିତିବାକୁ ବସିଥିଲେ ମଧ୍ୟ ଏହି ଅନୁମତିପ୍ରାପ୍ତ ଛାତ୍ରାବାସ ଓ ଛାତ୍ରୀନିବାସ ଅନ୍ତେବାସୀଙ୍କୁ ପ୍ରାକ୍ ମାଟ୍ରିକ୍ ଛାତ୍ରବୃତ୍ତି ମିଳିନାହିଁ।

ସେହିପରି ରାଜ୍ୟର ବିଭିନ୍ନ ଅଞ୍ଚଳରେ ବରିଷ୍ଠ ନାଗରିକମାନଙ୍କୁ ପ୍ରାୟ ୫ ମାସ ଧରି ଭତ୍ତା ଦିଆଯାଇ ନାହିଁ । ପ୍ରଥମେ ବୈଷୟିକ କାରଣରୁ ଏହି ଭତ୍ତା ଦିଆଯାଇ ପାରିନାହିଁ ବୋଲି କୁହାଗଲା। ନିକଟରେ ବିଧାନସଭାରେ ମଧ୍ୟ ବିଭାଗୀୟ ମନ୍ତ୍ରୀ ଏହାକୁ ସ୍ୱୀକାର କରି ବୈଷୟିକ କାରଣ ପ୍ରସଙ୍ଗକୁ ଦୋହରାଇଛନ୍ତି ଓ ଖୁବ୍ ଶୀଘ୍ର ଏହି ଭତ୍ତା ଅର୍ଥ ପ୍ରଦାନ କରାଯିବ ବୋଲି କହିଛନ୍ତି । ଗୋଟିଏ ପରେ ଗୋଟିଏ ବିଭାଗର ଅନୁଦାନ ପ୍ରଦାନରେ ବିଳମ୍ବିତ ହେଉଥିବାରୁ ରାଜ୍ୟ ସରକାର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି କି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି ।

# ଆଜି ଓଡ଼ିଶା ବନ୍ଦ

ଭୁବନେଶ୍ୱର, ୨୯।୯(ସମିସ): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ସମେତ ୬ ଦଫା ଦାବି ନେଇ ନବନିର୍ମାଣ ଯୁବଛାତ୍ର ସଂଗଠନର ଆନ୍ଦୋଳନ ଜାରି ରହିଛି। ସଂଗଠନର ସତ୍ୟାଗ୍ରହ ୪୧ ଦିନରେ ଏବଂ ପ୍ରତିଷ୍ଠାତା ଅକ୍ଷୟ କୁମାରଙ୍କ ଅନିର୍ଦ୍ଦିଷ୍ଟକାଳୀନ ଅନଶନ ୨୪ ଦିନରେ ପହଞ୍ଚିଛି। ଦାବି ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବୁଧବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ 'ଓଡ଼ିଶା ବନ୍ଦ' ଡାକରା ଦିଆଯାଇଛି।

ମଙ୍ଗଳବାର ସତ୍ୟାଗ୍ରହ ସ୍ଥଳରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅକ୍ଷୟ କୁମାର କହିଥିଲେ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ୧୬୭୮ଟି ତ୍ରୁଟି ଥିବା ସଂଗଠନ ଅଭିଯୋଗ କରିଛି। ଏହି ପ୍ରସଙ୍ଗରେ ଦୀର୍ଘଦିନ ଧରି ଆନ୍ଦୋଳନ ଚାଲିଥିଲେ ମଧ୍ୟ ସରକାର ଆଲୋଚନା ପାଇଁ କୌଣସି ଠୋସ୍ ପଦକ୍ଷେପ ନେଇନଥିବା ସେ ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ବନ୍ଦ ଡାକରା ଦିଆଯାଇଥିବା ସେ କହିଥିଲେ।

ବନ୍ଦକୁ ସଫଳ କରିବା ପାଇଁ ଦୋକାନ ବଜାର ବନ୍ଦ ରଖିବା ସହ ଗାଡ଼ି ଚଳାଚଳ ବନ୍ଦ କରି ସହଯୋଗ କରିବାକୁ ସେ ରାଜ୍ୟବାସୀଙ୍କୁ ନିବେଦନ କରିଥିଲେ। ଏଥିସହ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ କିମ୍ବା ସରକାର ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଅକ୍ଷୟ ଦାବି କରିଥିଲେ। ସଂଗଠନର ରାଜ୍ୟ ସଂଯୋଜକ ଏମ୍‌ଡି ମନୱର ଅଲ୍ଲୀ କହିଥିଲେ, ପାଠ୍ୟପୁସ୍ତକର ତ୍ରୁଟି ଯୋଗୁଁ ବହୁ ଛାତ୍ରଛାତ୍ରୀ ପ୍ରଭାବିତ ହେଉଛନ୍ତି। ସରକାର ଦାବି ପ୍ରତି ଧ୍ୟାନ ନଦେଲେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ। ଛାତ୍ର ଓ ଯୁବକଙ୍କ ସହ ଚାଷୀ, ମୂଲିଆ ଓ ଶ୍ରମିକମାନେ ମଧ୍ୟ ଆନ୍ଦୋଳନରେ ସାମିଲ ହେବେ ବୋଲି ରାଜ୍ୟ ମହିଳା ଆବାହକ ମଧୁମିତା ସାମଲ କହିଥିଲେ। ସାମ୍ବାଦିକ ସମ୍ମିଳନୀରେ ନବନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ଡା. କୁଳମଣି, କୃଷକ ନେତା ସୁରେନ୍ଦ୍ର ମହାରଣା, ପ୍ରସନ୍ନ କଅଁର, ଅମିତି ଜେନା, ସ୍ମୃତି ରଞ୍ଜନ ସାମଲ ଓ ଏସ୍.କେ. ହେଦାଇଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ହାଇକୋର୍ଟରେ ବ୍ରହ୍ମପୁର ନିର୍ବାଚନୀ ମାମଲା

# ବିଧାୟକ ଅନିଲ କୁମାରଙ୍କ ଆବେଦନ ଖାରଜ

କଟକ,୨୯।୯(ସମିସ): ଗତ ୨୦୨୪ ସାଧାରଣ ନିର୍ବାଚନରେ ବ୍ରହ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ବିଧାୟକ କେ. ଅନିଲ କୁମାରଙ୍କ ନିର୍ବାଚନକୁ ଚ୍ୟାଲେଞ୍ଜ କରି ଦାୟର ନିର୍ବାଚନୀ ମାମଲାରେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ପ୍ରଦାନ କରିଛନ୍ତି। ନିଜର ପୂର୍ବରୁ ଦାଖଲ ଲିଖିତ ଜବାବରେ ନୂତନ ତଥ୍ୟ ଓ ସଂଶୋଧନ ଯୋଡ଼ିବା ପାଇଁ ମାମଲାର ପ୍ରତିପକ୍ଷ ବିଧାୟକଙ୍କ ପକ୍ଷରୁ ଦାୟର ଅନ୍ତରୀଣ ଆବେଦନକୁ ଜଷ୍ଟିସ ଶଶିକାନ୍ତ ମିଶ୍ର ଖାରଜ କରିଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ବ୍ରହ୍ମପୁର ବିଧାନସଭା ଆସନରୁ ବିଜୟୀ ବିଧାୟକ କେ. ଅନିଲ କୁମାର ନିଜର ନାମାଙ୍କନପତ୍ର ଓ ସତ୍ୟପାଠରେ ବହୁ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ପରାଜିତ ପ୍ରାର୍ଥୀ ମନୋଜ କୁମାର ପଣ୍ଡା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ନାମାଙ୍କନପତ୍ରର ଫର୍ମ-୨୬ ସତ୍ୟପାଠରେ ବିଧାୟକ ଅଳକାପୁର ମୌଜାର ବିଭିନ୍ନ ପ୍ଲଟରେ ଥିବା ନିଜର ଓ ପରିବାରର ସଂପତ୍ତିର ସଠିକ୍ ତଥ୍ୟ ଦେଇନଥିବା ଅଭିଯୋଗ ହୋଇଥିଲା। ତେବେ ବିଧାୟକଙ୍କ ତରଫରୁ ପୂର୍ବରୁ ଦାଖଲ ହୋଇସାରିଥିବା ଲିଖିତ ଜବାବରେ ନୂଆ ତଥ୍ୟ ଯୋଡ଼ିବା ପାଇଁ ଏକ ଅନ୍ତରୀଣ ଆବେଦନ ଦାୟର କରାଯାଇଥିଲା । କେତେକ ଜମି ବିକ୍ରି ହୋଇସାରିଛି ଏବଂ କିଛି ଅଂଶ ରାସ୍ତା ଭାବେ ବ୍ୟବହୃତ ହେଉଛି। ଏହାସହ ବ୍ୟାଙ୍କ ଆକାଉଣ୍ଟ ଏବଂ ବିନିଯୋଗ ସଂପର୍କିତ ସ୍ପଷ୍ଟୀକରଣ ଅତିରିକ୍ତ ଭାବେ ଦେବାକୁ ଚାହିଁଥିଲେ। ଏହି ସବୁ ତଥ୍ୟ ସେ ପରବର୍ତ୍ତୀ ସମୟରେ ସରକାରୀ ରେକର୍ଡରୁ ପାଇଥିବାରୁ ପୂର୍ବରୁ ଦାଖଲ କରିପାରି ନ ଥିଲେ ବୋଲି ପ୍ରାର୍ଥନା କରିଥିଲେ। ଆବେଦନକାରୀଙ୍କ ଆଇନଜୀବୀ ଯୁକ୍ତି ବାଢିଥିଲେ ଯେ ସାକ୍ଷ୍ୟପ୍ରମାଣ ଗ୍ରହଣ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମାମଲାକୁ ବିଳମ୍ବିତ କରିବା ପାଇଁ ଏହି ଆବେଦନ କରାଯାଇଛି, ଯାହା ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ। ବିଧାୟକଙ୍କୁ ପୂର୍ବରୁ ଲିଖିତ ଜବାବ ରଖିବା ପାଇଁ ପର୍ଯ୍ୟାପ୍ତ ସମୟ ଦିଆଯାଇଥିଲା। ତେଣୁ ବିଚାରର ଏହି ଅନ୍ତିମ ପର୍ଯ୍ୟାୟରେ ଲିଖିତ ଜବାବରେ ନୂତନ ଆଧାର ଯୋଡ଼ିବା ଆବେଦନକୁ ହାଇକୋର୍ଟ ଖାରଜ କରିଛନ୍ତି। ମୂଳ ନିର୍ବାଚନୀ ମାମଲାର ପରବର୍ତ୍ତୀ ଶୁଣାଣି ଏବଂ ଚୂଡ଼ାନ୍ତ ଯୁକ୍ତିପ୍ରମାଣ ପାଇଁ ଆସନ୍ତା ଅକ୍ଟୋବର ୭କୁ ତାରିଖ ଧାର୍ଯ୍ୟ କରାଯାଇଛି।

# ନିର୍ବାଚନୀ ଚାନ୍ଦା: ବିଜେଡିକୁ ଶୂନ

## ବିଜେପି ଓ କଂଗ୍ରେସ ଦାଖଲ କରିନାହାନ୍ତି ଚାନ୍ଦା ସୂଚନା

ନୂଆଦିଲ୍ଲୀ, ୨୯।୯ (ସମିସ) : ୨୦୨୪-୨୫ ଆର୍ଥିକ ବର୍ଷରେ ବିଜେଡିକୁ ମିଳିଥିଲା ପ୍ରାୟ ୬୦ କୋଟି ଟଙ୍କା ନିର୍ବାଚନୀ ଚାନ୍ଦା। ମାତ୍ର ୨୦୨୫-୨୬ରେ ଦଳକୁ ଗୋଟିଏ ଟଙ୍କା ବି ଚାନ୍ଦା ବା ଆର୍ଥିକ ଅନୁଦାନ ମିଳିନାହିଁ । ନିର୍ବାଚନ କମିଶନଙ୍କ ନିକଟରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦାଖଲ ହୋଇଥିବା ରିପୋର୍ଟରୁ ଏହି ତଥ୍ୟ ପଦାକୁ ଆସିଛି । ବିଜେଡି କୋଷାଧ୍ୟକ୍ଷ ସୁବାସ ସିଂହ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ଫର୍ମ ୨୪ ଏ ଅନୁସାରେ ବିଜେଡି ଏହି ବର୍ଷ କେଉଁଠାରୁ ଟଙ୍କାଟିଏ ବି ଚାନ୍ଦା ବା ଆର୍ଥିକ ସହାୟତା ପାଇନାହିଁ । ୨୦୨୪ ନିର୍ବାଚନରେ ୨୪ ବର୍ଷର ଶାସନ ପରେ ବିଜେଡି କ୍ଷମତାଚ୍ୟୁତ ହୋଇ ପ୍ରଥମଥର ପାଇଁ ବିଧାନସଭାରେ ବିରୋଧୀ ଦଳ ଭୂମିକାକୁ ଆସିଥିଲା। ଏହା ପରେ ୨୦୨୫-୨୬ ହେଉଛି ଦଳର ପ୍ରଥମ ପୂର୍ଣ୍ଣ ଆର୍ଥିକ ବର୍ଷ। ମାତ୍ର ଏହି ବର୍ଷ ଦଳକୁ କୌଣସି ଆର୍ଥିକ ସହାୟତା ବା ନିର୍ବାଚନ ଚାନ୍ଦା ମିଳିନାହିଁ । ଅନ୍ୟପକ୍ଷରେ ୨୦୨୫-୨୬ ଆର୍ଥିକ ବର୍ଷରେ ଆମ୍ ଆଦମୀ ପାର୍ଟି (ଆପ୍) ୧୨.୦୯ କୋଟି ଟଙ୍କାର ଚାନ୍ଦା ଘୋଷଣା କରିଥିବା ବେଳେ, ପୂର୍ବବର୍ଷ ତୁଳନାରେ ଏହାର ଚାନ୍ଦା ପ୍ରାୟ ୬୮% ହ୍ରାସ ପାଇଛି। ଆପ୍ ଚାନ୍ଦାର ବଡ଼ ଅଂଶ ମାତ୍ର ଦୁଇଟି ଉତ୍ସରୁ ଆସିଛି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ଏବଂ ଟ୍ରାଇଡେଣ୍ଟ ଲିମିଟେଡ୍ ପ୍ରତ୍ୟେକ ୫ କୋଟି ଟଙ୍କା ଲେଖାଏଁ ଦାନ କରିଛନ୍ତି। ଏହି ଦୁଇ ଉତ୍ସରୁ ମିଳିଥିବା ୧୦ କୋଟି ଟଙ୍କା ଆପ୍‌ର ମୋଟ ୧୨.୦୯ କୋଟି ଚାନ୍ଦାର ପ୍ରାୟ ୮୩%। ପୂର୍ବରୁ ମଧ୍ୟ ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟ ବିଭିନ୍ନ ରାଜନୈତିକ ଦଳକୁ ଦାନ କରୁଥିବା ପ୍ରମୁଖ ଇଲେକ୍ଟୋରାଲ ଟ୍ରଷ୍ଟ ଭାବେ ସାମ୍ନାକୁ ଆସିଛି। ଅନ୍ୟପକ୍ଷରେ ବିଜେପି, କଂଗ୍ରେସ ସମେତ ଅନ୍ୟ ପ୍ରମୁଖ ଦଳଗୁଡ଼ିକର ୨୦୨୫-୨୬ ଅବଦାନ ରିପୋର୍ଟ ଏପର୍ଯ୍ୟନ୍ତ ନିର୍ବାଚନ କମିଶନ ସାର୍ବଜନୀନ କରିନାହାନ୍ତି ।

# ରାଜ୍ୟସଭା କ୍ରସଭୋଟିଂ: ହାଇକୋର୍ଟଙ୍କ ଭିନ୍ନ ଖଣ୍ଡପୀଠରେ ହେବ ଶୁଣାଣି

କଟକ,୨୯।୯(ସମିସ): ବିଭିନ୍ନ ସମୟରେ ଦଳୀୟ ହୁଇପକୁ ଅମାନ୍ୟ କରିବା ସହ ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ୮ ବିଜେଡି ବିଧାୟକଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗକୁ ନେଇ ରୁଜୁ ମାମଲାର ଶୁଣାଣି ଭିନ୍ନ ଖଣ୍ଡପୀଠରେ ହେବ। ପୂର୍ବରୁ ଏହି ମାମଲାଗୁଡିକର ଶୁଣାଣି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ କରିଆସୁଥିଲେ। ତେବେ ଆଜି ଏହି ମାମଲାଗୁଡିକ ଶୁଣାଣିରୁ ଜଷ୍ଟିସ ପଟ୍ଟନାୟକ ବିରତ ରହିବା ସହ ମୁଖ୍ୟ ବିଚାରପତିଙ୍କ ଅନୁମୋଦନକ୍ରମେ ଏଗୁଡିକ ଅନ୍ୟ ଖଣ୍ଡପୀଠରେ ଶୁଣାଣି କରାଯିବ ବୋଲି କହିଛନ୍ତି। ଏଣୁ ମୁଖ୍ୟ ବିଚାରପତିଙ୍କ ଅନୁମୋଦନ ପରେ କେଉଁ ଖଣ୍ଡପୀଠରେ ଏହାର ଶୁଣାଣି ପାଇଁ ତାଲିକାଭୁକ୍ତ ହେବ ତାହା ଆଗାମୀ ଦିନରେ ଜଣାପଡିବ।

ପ୍ରକାଶଥାଉକି, ଗତ ଶୁଣାଣି ବେଳେ ତିନିଟି ପିଟିସନରେ ପକ୍ଷଭୁକ୍ତ ହୋଇଥିବା ୩ ବିଧାୟକ ଅରବିନ୍ଦ ମହାପାତ୍ର, ସୌଭିକ ବିଶ୍ୱାଳ ଓ ସନାତନ ମହାକୁଡ଼ଙ୍କ ସମେତ ବିଧାନସଭା ସଚିବଙ୍କୁ ସତ୍ୟପାଠ ମାଧ୍ୟମରେ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଏଥିପୂର୍ବରୁ ବିଧାୟକ ଚକ୍ରମଣି କଅଁର ଓ ସୁବାସିନୀ ଜେନା ପକ୍ଷଭୁକ୍ତ ହୋଇଥିବା ମାମଲାରେ ବିଧାନସଭା ବାଚସ୍ପତିଙ୍କୁ ମଧ୍ୟ ହାଇକୋର୍ଟ ଜବାବତଲବ କରିଥିଲେ। ମାମଲାରୁ ପ୍ରକାଶ ଯେ ବିଜେଡିରୁ ନିଲମ୍ବିତ ବିଧାୟକ ଅରବିନ୍ଦ ମହାପାତ୍ର, ସନାତନ ମହାକୁଡ଼ଙ୍କ ସମେତ ନବକିଶୋର ମଲ୍ଲିକ, ଦେବୀରଞ୍ଜନ ତ୍ରିପାଠୀ, ସୋ÷ଭିକ ବିଶ୍ୱାଳ, ରମାକାନ୍ତ ଭୋଇ, ସୁବାସିନୀ ଜେନା, ଚକ୍ରମଣି କହଁରଙ୍କ ସଭ୍ୟପଦ ରଦ୍ଦ ପ୍ରସଂଗ ନେଇ ଆବେଦନ ଗୁଡ଼ିକୁ ଖାରଜ କରି ବିଧାନସଭା ବାଚସ୍ପତି ପ୍ରଦାନ କରିଥିବା ନିର୍ଦ୍ଦେଶ ବିରୋଧରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ୮ ଗୋଟି ପିଟିସନ ରୁଜୁ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦଳର ହ୍ୱିପ ମାନି ନଥିବା ଓ ଦଳ ବିରୋଧୀ କାର୍ଯ୍ୟରେ ସଂପୃକ୍ତ ଥିବା ଅଭିଯୋଗ ଆଣି ୮ ଜଣ ବିଧାୟକଙ୍କ ବିରୋଧରେ ବାଚସ୍ପତିଙ୍କ ନିକଟରେ ଦାଖଲ ପିଟିସନକୁ ବିନା ଶୁଣାଣିରେ ଖାରଜ କରାଯାଇଥିଲା। ଆବେଦନକାରୀଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଂଗ ସଂପର୍କିତ ପିଟିସନ ଖାରଜ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ଖାରଜ ନିର୍ଦ୍ଦେଶ ସଂପର୍କିତ ଓଡ଼ିଶା ବିଧାନସଭା ସଚିବାଳୟର ଗତ ୨୦୨୬ ଜୁନ ୧୯ର ବିଜ୍ଞପ୍ତିକୁ ରଦ୍ଦ କରାଯାଉ ବୋଲି ଆବେଦନରେ ନିବେଦନ କରାଯାଇଛି। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମିଳନ କାନୁନଗୋ ଓ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଛନ୍ତି।

## ସୁପ୍ରିମ୍‌କୋର୍ଟରେ ଡିଜିପି ଚୟନ ମାମଲା

# ଶୁଣାଣି ଶେଷ, ଅକ୍ଟୋବର ୮ରେ ରାୟ

ପକ୍ଷ ରଖିଲେ ରାଜ୍ୟ ସରକାର, ୟୁପିଏସ୍‌ସି; ଚୟନ ପ୍ରକ୍ରିୟାକୁ ନେଇ ଅଦାଲତଙ୍କ ପ୍ରଶ୍ନ

ଭୁବନେଶ୍ୱର, ୨୯।୯(ସମିସ): ଓଡ଼ିଶା ଡିଜିପି ଚୟନକୁ ନେଇ ସୁପ୍ରିମ୍‌କୋର୍ଟରେ ଚାଲିଥିବା ମାମଲାର ଶୁଣାଣି ମଙ୍ଗଳବାର ଶେଷ ହୋଇଛି। ମାମଲା ସହ ଜଡ଼ିତ ସମସ୍ତ ପକ୍ଷ ନିଜ ନିଜ ଯୁକ୍ତି ଉପସ୍ଥାପନ କରିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି. ମୋହନଙ୍କୁ ନେଇ ଗଠିତ ତିନିଜଣିଆ ଖଣ୍ଡପୀଠ ରାୟ ପାଇଁ ଅକ୍ଟୋବର ୮ ରେ ମାମଲା ତାଲିକାଭୁକ୍ତ କରିଛନ୍ତି। ଫଳରେ ସେହିଦିନ ଡିଜିପି ଚୟନକୁ ନେଇ ଚାଲିଥିବା ସସ୍‌ପେନ୍ସ ଦୂର ହେବାର ସମ୍ଭାବନା ରହିଛି।

ପୂର୍ବ ଶୁଣାଣିରେ ବରିଷ୍ଠ ଓକିଲ ପି. ଚିଦାମ୍ବରମ, କରୁଣା ନନ୍ଦୀ, ପ୍ରଶାନ୍ତ ଭୂଷଣ ଓ ଆମିକସ୍ କ୍ୟୁରି ରାଜୁ ରାମଚନ୍ଦ୍ରନଙ୍କ ପକ୍ଷ ଶୁଣିଥିଲେ ଖଣ୍ଡପୀଠ। ମଙ୍ଗଳବାର ରାଜ୍ୟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ୍ ତୁଷାର ମେହେଟ୍ଟା ଏବଂ ୟୁପିଏସ୍‌ସି ନିଜ ନିଜ ପକ୍ଷ ରଖିଥିଲେ।

ଶ୍ରୀ ମେହେଟ୍ଟା କହିଥିଲେ, ଓଡ଼ିଶା ଏକ ଛୋଟ ରାଜ୍ୟ ହୋଇଥିବାରୁ ଡିଜି ପାହ୍ୟାରେ ମାତ୍ର ଦୁଇଟି କ୍ୟାଡର ଓ ଦୁଇଟି ଏକ୍ସ-କ୍ୟାଡର ପଦବୀ ରହିଛି। ତତ୍କାଳୀନ ଡିଜିପି ଯୋଗେଶ ବାହାଦୂର ଖୁରାନିଆ ଅଗଷ୍ଟ ୧୬ରେ ଏବଂ ବରିଷ୍ଠ ଆଇପିଏସ୍ ବିନୟତୋଷ ମିଶ୍ର ନଭେମ୍ବର ୩୦ରେ ଅବସର ନେବେ। ତେଣୁ ରାଜ୍ୟ କେବଳ ତିନିଜଣଙ୍କ ନାମ ପଠାଇଥାନ୍ତା ହେଲେ ୟୁପିଏସ୍‌ସି ନିକଟରେ ପ୍ରକୃତ ଚୟନ ପାଇଁ ବିକଳ୍ପ ରହିନଥାନ୍ତା ବୋଲି ସେ ଯୁକ୍ତି ଦର୍ଶାଇଥିଲେ।

୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସଞ୍ଜିବ ପଣ୍ଡା ଓ ଯଶୱନ୍ତ କୁମାର ଜେଠୱା ୨୦୨୪ ଜାନୁଆରୀ ୧ରୁ ଲେଭଲ୍-୧୬ ପାଇଁ ଯୋଗ୍ୟ ଥିଲେ। ତାଙ୍କ ପଦୋନ୍ନତି ପାଇଁ ୨୦୨୪ରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଏବଂ ୨୦୨୬ ଅଗଷ୍ଟ ୧୦ରେ ରାଜ୍ୟ ସ୍କ୍ରିନିଂ କମିଟି ଉଭୟଙ୍କୁ ପଦୋନ୍ନତି ଦେଇଥିବା ରାଜ୍ୟ ପକ୍ଷରୁ କୁହାଯାଇଥିଲା। ପଦବୀ ଖାଲି ହେବା ବେଳକୁ ସେମାନେ ଲେଭଲ୍-୧୬ରେ ଥିବାରୁ ତାଙ୍କ ନାମ ବିଚାରକୁ ନିଆଯିବା ଯୁକ୍ତିସଙ୍ଗତ ବୋଲି ଶ୍ରୀ ମେହେଟ୍ଟା କହିଥିଲେ।

ତେବେ ଖଣ୍ଡପୀଠ କହିଥିଲେ, ପ୍ରିୟ ବା ଅପ୍ରିୟ କଥା ନୁହେଁ, ମୁଖ୍ୟ ପ୍ରଶ୍ନ ହେଉଛି ନିୟମ ଓ ନିର୍ଦ୍ଧାରିତ ପ୍ରକ୍ରିୟା ପାଳନ ହୋଇଛି କି ନାହିଁ। ମଇ ମାସରେ ପ୍ରସ୍ତାବ ପଠାଯିବା ପରେ ଅଗଷ୍ଟ ୧୦ରେ ପଦୋନ୍ନତି ଦେଇ ନୂଆ ନାମକୁ ପୁରୁଣା ତାଲିକାରେ ଯୋଡ଼ିବା ପ୍ରକ୍ରିୟାକୁ ନେଇ ଖଣ୍ଡପୀଠ ପ୍ରଶ୍ନ ଉଠାଇଥିଲେ। ଏପରି ପରିସ୍ଥିତିରେ ସୁପ୍ରିମ୍‌କୋର୍ଟଙ୍କ ଅନୁମତି ନିଆଯିବା ଆବଶ୍ୟକ ଥିଲା ବୋଲି ଖଣ୍ଡପୀଠ ମତ ଦେଇଥିଲେ।

ଅନ୍ୟପକ୍ଷରେ, ୟୁପିଏସ୍‌ସି ନିୟମାବଳୀର ଧାରା ୨(କ) ଓ ୨(ଖ)ର ଅନୁପାଳନକୁ ନେଇ ମଧ୍ୟ ପ୍ରଶ୍ନ ଉଠିଥିଲା। ନିୟମ ଅନୁସାରେ ପଦବୀ ଖାଲି ହେବାର ତିନିମାସ ପୂର୍ବରୁ ଲେଭଲ୍-୧୬ର ଯୋଗ୍ୟ ଅଧିକାରୀଙ୍କ ତାଲିକା ୟୁପିଏସ୍‌ସିକୁ ପଠାଇବା କଥା। ଲେଭଲ୍-୧୫ ଓ ୧୬ର ଅଧିକାରୀଙ୍କ ନାମକୁ ଏକାଠି ପଠାଯାଇଥିବା ପ୍ରସଙ୍ଗ ମଧ୍ୟ ଶୁଣାଣିରେ ଉଠିଥିଲା।

ସେହିପରି ଆଇପିଏସ୍ ଅଧିକାରୀ ସୁଶାନ୍ତ କୁମାର ନାଥଙ୍କ 'ଇଣ୍ଟିଗ୍ରିଟି ସାର୍ଟିଫିକେଟ୍'କୁ ନେଇ ମଧ୍ୟ ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ସିବିଆଇ ଚିଠିରେ ତାଙ୍କ ବିରୋଧରେ କୌଣସି ଏଫ୍‌ଆଇଆର୍ ନଥିବା କିମ୍ବା ସେ ଅଭିଯୁକ୍ତ ନଥିବା ଖଣ୍ଡପୀଠ ଉଲ୍ଲେଖ କରିଥିଲେ। କେବଳ ସମ୍ଭାବ୍ୟ ତଦନ୍ତ ସମ୍ପର୍କିତ ଚିଠି ଆଧାରରେ ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ପ୍ରତ୍ୟାହାର କରିବାରେ ବ୍ୟାପକ ବିଚାରଧୀନ କ୍ଷମତା ଦିଆଯାଇଲେ ତାହାର ଅପବ୍ୟବହାର ହୋଇପାରେ ବୋଲି ଖଣ୍ଡପୀଠ କହିଥିଲେ।

ସୁଶାନ୍ତ ନାଥଙ୍କ ପକ୍ଷରୁ ବରିଷ୍ଠ ଓକିଲ କରୁଣା ନନ୍ଦୀ କହିଥିଲେ, ଚିଟ୍‌ଫଣ୍ଡ ମାମଲାରେ ସିବିଆଇ ପଚରାଉଚରା କରିଥିବା ଅନ୍ୟ ଅଧିକାରୀଙ୍କୁ ସରକାର ଇଣ୍ଟିଗ୍ରିଟି ସାର୍ଟିଫିକେଟ୍ ଦେଇଥିଲେ ମଧ୍ୟ ନାଥଙ୍କ କ୍ଷେତ୍ରରେ ଭିନ୍ନ ଆଭିମୁଖ୍ୟ ନିଆଯାଇଛି। ଏହାକୁ ଶ୍ରୀ ମେହେଟ୍ଟା ଖଣ୍ଡନ କରି କହିଥିଲେ ଯେ, ଉକ୍ତ ମାମଲା ଦଶନ୍ଧି ପୁରୁଣା ଏବଂ ସେଥିରେ ସମ୍ପୃକ୍ତ ଅଧିକାରୀଙ୍କ କୌଣସି ଭୂମିକା ନାହିଁ।

# ଡରରେ ବିଧାନସଭାକୁ ଚାରି ଦିନ ଆଗରୁ ବନ୍ଦ କଲେ ସରକାର: ବିଜେଡି

ଭୁବନେଶ୍ୱର,୨୯।୯(ସମିସ): ସଂଶୋଧିତ ଏମଏମଡିଆର ଆଇନର ପ୍ରତ୍ୟାହାର ଦାବିରେ ବିଜେଡି ଦ୍ୱାରା ଲୋୟର ପିଏମଜି ଠାରେ ଆୟୋଜିତ ହୋଇଥିବା ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିବାରୁ ରାଜ୍ୟ ସରକାର ଭୟଭୀତ ହୋଇ ବିଧାନସଭାର କାର୍ଯ୍ୟକାଳ ଚାରି ଦିନ ପୂର୍ବରୁ ବାତିଲ କରିଦେଇଛନ୍ତି ଅଭିଯୋଗ କରିଛି ବିଜେଡି । ଏହାଛଡା ଏହି ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ସମର୍ଥନ ଦେଇଥିବା ଜନସାଧାରଣଙ୍କୁ ବିଜେଡି କୃତଜ୍ଞତା ଜଣାଇଛି।

ମଙ୍ଗଳବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକଡ. ଅରୁଣ କୁମାର ସାହୁ, ପିଏସି ସଦସ୍ୟା ଟୁକୁନି ସାହୁ, ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ କୁମାର ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଦଳର ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ବିପୁଳ ଜନ ସମର୍ଥନ ମିଳିଥିବାରୁ ଜନସାଧାରଣଙ୍କୁ କୃତଜ୍ଞତା ଜଣାଇଛନ୍ତି।



■ ବିଜେଡିର ବିକ୍ଷୋଭକୁ ବିପୁଳ ଜନ ସମର୍ଥନ ପାଇଁ ରାଜ୍ୟବାସୀଙ୍କୁ କୃତଜ୍ଞତା
■ ସଂଶୋଧିତ ଖଣି ଆଇନର ପ୍ରତ୍ୟାହାର ଦାବି ଆହୁରି ଜୋରଦାର କରାଯିବ

ଏହାସହ ବିଧାନସଭାକୁ ଚାରି ଦିନ ପୂର୍ବରୁ ବନ୍ଦ କରିଥିବାରୁ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଛନ୍ତି। ବିଜେଡିର ନେତୃବୃନ୍ଦମାନେ କହିଥିଲେ ଯେ ଏମଏମଡିଆର ସଂଶୋଧନ ଆଇନ ଓଡ଼ିଶାକୁ ବିପୁଳ କ୍ଷତି ପହଞ୍ଚାଇବ ବୋଲି ବିଜୁ ଜନତା ଦଳ ପକ୍ଷରୁ ପ୍ରଥମ ଦିନରୁ କୁହାଯାଇ ଆସୁଛି । ଖଣିରୁ ଟିକସ ଆକାରରେ ଆଦାୟ ହେବାକୁ ଥିବା ବକେୟା ବାବଦକୁ ୧ ଲକ୍ଷ କୋଟି ଟଙ୍କା ଓ ଖଣି ରାଜସ୍ୱ ବାବଦକୁ ବର୍ଷକୁ ପ୍ରାୟ ୧୨ ହଜାର କୋଟି ଟଙ୍କା କ୍ଷତି ଓଡ଼ିଶା ସହିବ ବୋଲି ବିଜେଡିର ଦାବି ସହ ଅନ୍ୟ ବିରୋଧୀ ମଧ୍ୟ ସହମତ। କିନ୍ତୁ ସରକାରରେ ଥିବା ବିଜେପି ଏହା କ୍ଷତି ନୁହେଁ ବରଂ ଲାଭ ହେବ ବୋଲି କହୁଛି । ଯେହେତୁ ରାଜ୍ୟ ସ୍ୱାର୍ଥ ଦୃଷ୍ଟିରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ, ରାଜ୍ୟ ବିଧାନସଭାରେ ଏହା ଉପରେ ଆଲୋଚନା ପାଇଁ ବିଜେଡି ପକ୍ଷରୁ ଏକ ମୋସନ ଦାଖଲ କରାଯାଇଥିଲା । ଯେହେତୁ ସଂଶୋଧିତ ଏମଏମଡିଆର ଆଇନ ଯୋଗୁଁ ରାଜ୍ୟର କ୍ଷତି ନୁହେଁ ଲାଭ ହେବ ବୋଲି ବିଜେପି ଦାବି କରୁଛି, ବିଜେପି ପକ୍ଷରୁ କେନ୍ଦ୍ର ସରକାରଙ୍କ ସପକ୍ଷରେ ଧନ୍ୟବାଦ ପ୍ରସ୍ତାବ ଆଣୁ ଆମେ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ବିଜେଡି କହିଥିଲା । କିନ୍ତୁ ବିଜେଡି ଦ୍ୱାରା ଦିଆଯାଇଥିବା କୌଣସି ପ୍ରସ୍ତାବକୁ ରାଜ୍ୟ ସରକାର ଗ୍ରହଣ କରିନଥିଲେ । ସୋମବାର ଦିନ ଲୋୟର ପିଏମଜି ଠାରେ ସଂଶୋଧିତ ଏମଏମଡିଆର ଆଇନ ପ୍ରତ୍ୟାହାର ଦାବିରେ ଆୟୋଜିତ ଗଣବିକ୍ଷୋଭ କାର୍ଯ୍ୟକ୍ରମକୁ ରାଜ୍ୟବାସୀଙ୍କ ବିପୁଳ ଜନ ସମର୍ଥନ ମିଳିବାରୁ, ଭୟଭୀତ ହୋଇ ରାଜ୍ୟ ସରକାର ବିଧାନସଭାକୁ ଚାରି ଦିନ ପୂର୍ବରୁ ବନ୍ଦ କରିଦେଲେ। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଏମଏମଡିଆର ସଂଶୋଧନ ଆଇନ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ରାଜ୍ୟ ବିଧାନସଭାରେ ଆଲୋଚନା ହୋଇ ନପାରିବା, ବାସ୍ତବରେ ଦୁର୍ଭାଗ୍ୟଜନକ। ବିଧାନସଭାରେ ଆଲୋଚନା କରେଇ ନଦେଲେ ମଧ୍ୟ ବିଜେଡି ଏହି ପ୍ରସଙ୍ଗରେ ଚୁପ୍ ବସିବ ନାହିଁ । ଏହି ପ୍ରସଙ୍ଗରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ ବୋଲି ଦଳ ଚେତାବନୀ ଦେଇଛି ।

# ଗାନ୍ଧୀମାର୍ଗରେ ଇଣ୍ଡିଆ ମେଣ୍ଟର ଗର୍ଜନ

## ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ବାତିଲ ଦାବି; ୮ ଅକ୍ଟୋବରରେ ଓଡ଼ିଶା ବନ୍ଦ ଡାକରା

ଭୁବନେଶ୍ୱର, ୨୯।୯(ସମିସ): ସଂଶୋଧିତ ଏମ୍‌ଏମ୍‌ଡିଆର୍ ଆଇନ ବାତିଲ ସମେତ ବିଭିନ୍ନ ଦାବି ନେଇ ମଙ୍ଗଳବାର ଭୁବନେଶ୍ୱର ଗାନ୍ଧୀମାର୍ଗରେ ଇଣ୍ଡିଆ ମେଣ୍ଟ ପକ୍ଷରୁ ବିଶାଳ ଜନଗର୍ଜନ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ଦଳର ନେତା, କର୍ମୀଙ୍କ ସମେତ ଶ୍ରମିକ, କୃଷକ, ଯୁବ, ଛାତ୍ର, ମହିଳା, ଆଦିବାସୀ, ଦଳିତ ଓ ସାଧାରଣ ଲୋକ ସାମିଲ ହୋଇଥିଲେ। ସମାବେଶ ପରେ ବିଧାନସଭା ଅଭିମୁଖେ ଯିବା ବେଳେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା।




ଇଣ୍ଡିଆ ମେଣ୍ଟ ପକ୍ଷରୁ ଓଡ଼ିଶାର ଖଣିଜ ସମ୍ପଦ ଓ ରାଜ୍ୟର ଅଧିକାର ଉପରେ କେନ୍ଦ୍ରୀୟ ହସ୍ତକ୍ଷେପ ବନ୍ଦ କରିବା ସହ ଏମ୍‌ଏମ୍‌ଡିଆର୍ (ସଂଶୋଧନ) ଆଇନ, ୨୦୨୬ ସମ୍ପୂର୍ଣ୍ଣ ବାତିଲ, ନିର୍ବାଚନ ପ୍ରକ୍ରିୟା ଓ ଭୋଟର ତାଲିକା ସମ୍ପର୍କିତ ଅଭିଯୋଗର ତଦନ୍ତ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଏବଂ ବନ୍ୟା କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ପର୍ଯ୍ୟାପ୍ତ ସରକାରୀ ସହାୟତା ପ୍ରଦାନ ଆଦି ଦାବି ଉଠାଯାଇଥିଲା। ଇଣ୍ଡିଆ ମେଣ୍ଟ ନେତାମାନେ କହିଥିଲେ, ଓଡ଼ିଶାର ଖଣିଜ ସମ୍ପଦ, ରାଜ୍ୟର ଅଧିକାର, ଗଣତାନ୍ତ୍ରିକ ଅଧିକାର, ଶିକ୍ଷା ଓ ଜନଜୀବନର ସୁରକ୍ଷା ପାଇଁ ଆନ୍ଦୋଳନ ଆହୁରି ବ୍ୟାପକ କରାଯିବ। କେବଳ ବିଧାନସଭା ଭିତରେ ଆଲୋଚନାରେ ସୀମିତ ନରହି ଜନସାଧାରଣଙ୍କୁ ନେଇ ରାସ୍ତାକୁ ଓହ୍ଲାଇ ସରକାରଙ୍କ ଉପରେ ଚାପ ସୃଷ୍ଟି କରାଯିବ ବୋଲି ସେମାନେ କହିଥିଲେ। ବିଧାନସଭା ଅଧିବେଶନ ଶେଷ ହେବା ପୂର୍ବରୁ ବିଧାନସଭା ବନ୍ଦ କରିଦେବା ଗଣତନ୍ତ୍ର ପ୍ରତି ଅବମାନନା ବୋଲି ମଧ୍ୟ ନେତାମାନେ ଅଭିଯୋଗ କରିଥିଲେ। ସମାବେଶ ପରେ ଇଣ୍ଡିଆ ମେଣ୍ଟର ନେତାମାନେ ବିଧାନସଭା ଅଭିମୁଖେ ଅଗ୍ରସର ହୋଇଥିଲେ। ଏହି ସମୟରେ ପୁଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। କେତେକ ନେତାଙ୍କୁ ପୁଲିସ ଅଟକ ରଖିଥିଲା। ଏହି ଘଟଣାକୁ ନେଇ ଉଭୟ ପକ୍ଷରୁ ମତପ୍ରକାଶ କରାଯାଇଛି।

ଇଣ୍ଡିଆ ମେଣ୍ଟ ପକ୍ଷରୁ ଆସନ୍ତା ୮ ଅକ୍ଟୋବରରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଖଣିଜ ସମ୍ପଦ ଓ ରାଜ୍ୟର ଅଧିକାରର ସୁରକ୍ଷା, ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା, ଶିକ୍ଷା ଓ ଜନଜୀବନର ସୁରକ୍ଷା ସହ ବନ୍ୟା ପୀଡ଼ିତଙ୍କ ନ୍ୟାୟସଙ୍ଗତ ସହାୟତା ଦାବିରେ ବନ୍ଦକୁ ସଫଳ କରିବାକୁ ନେତାମାନେ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ, ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ୍) ଲିବରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି(ଏସ୍‌ପି) ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ଶିବ ହାତୀ ଯାଦବ ଓ ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାରଙ୍କ ସମେତ ବିଭିନ୍ନ ଦଳର ନେତା ଉପସ୍ଥିତ ଥିଲେ।

# ଆଇଏଫ୍‌ଜିଏଲ୍ ରିଫ୍ରାଟୋରିଜ ଲିମିଟେଡରେ ବୋନସ ଚୁକ୍ତିନାମ ସ୍ୱାକ୍ଷରିତ



ରାଉରକେଲା,୨୯।୯(ସମିସ): କଳୁଙ୍ଗା ଶିଳ୍ପାଞ୍ଚଳ ସ୍ଥିତ ଆଇଏଫଜିଏଲ ରିଫ୍ରାଟୋରିଜ ଲିମିଟେଡର ମାନେଜମେଣ୍ଟ ସହିତ ସିଆଇଟିୟୁ ସହ ବନ୍ଧିତ ଆଇଏଫଜିଏଲ ରିଫ୍ରାଟୋରିଜ ୱାର୍କସ ୟୁନିୟନ ଚଳିତ ବର୍ଷ ପାଇଁ ପୂଜା ବୋନସ ଚୁକ୍ତିନାମ ସ୍ୱାକ୍ଷରିତ ହୋଇଛି। ଉକ୍ତ ଚୁକ୍ତିନାମ ଅନୁଯାଇ କାରଖାନାରେ କାମ କରୁଥିବା ସମସ୍ତ ସ୍ଥାୟୀ ଶ୍ରମିକମାନଙ୍କ ପାଇଁ ୨୧ହଜାର ଟଙ୍କା ବୋନସ ପ୍ରଦାନ ପାଇଁ ସ୍ଥିର ହୋଇଥିବା ବେଳେ, କାରଖାନାରେ କାମ କରୁଥିବା ଠିକା ଶ୍ରମିକ ମାନଙ୍କ ପାଇଁ ବାର୍ଷିକ ଦରମାର ୧୦% ବୋନସ ପ୍ରଦାନ ପାଇଁ ସ୍ଥିର ହୋଇଛି। ଯାହାର ପରିମାଣ ବିଭିନ୍ନ ବର୍ଗର ଶ୍ରମିକ ମାନଙ୍କ ପାଇଁ ୧୪,୭୦୦ରୁ ଆରମ୍ଭ କରି ୧୯ହଜାର ଟଙ୍କା ପର୍ଯ୍ୟନ୍ତ ମିଳିବ। ବୋନସ ଚୁକ୍ତିନାମରେ ୟୁନିୟନ ପକ୍ଷରୁ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, କାର୍ଯ୍ୟକାରୀ ସଭାପତି ଅଜିତ କୁମାର ଦାସ, କୋଷାଧ୍ୟକ୍ଷ ସିଡିଓ ମୁଣ୍ଡା, ସମ୍ପାଦକ ସୁଜିତ ସାମଲ, ସୁକାନ୍ତ ବିଶ୍ୱାଳ, ବାଲାଶିଷ ମିଞ୍ଜ ପ୍ରମୁଖ ସ୍ୱାକ୍ଷରିତ କରିଥିବା ବେଳେ ମାନେଜମେଣ୍ଟ ପକ୍ଷରୁ ପ୍ଲାଣ୍ଟ ହେଡ ବିକାଶେନ୍ଦୁ ମହାନ୍ତି, ଏଚ୍‌ଆର ହେଡ ରବିନାରାୟଣ ସାହୁ ଓ ଏଚ୍‌ଆର ତରୁଣ ସାହୁ ପ୍ରମୁଖ ସ୍ୱାକ୍ଷରିତ କରିଛନ୍ତି।

# ପୁଣି ରାଉରକେଲାରେ ଆନ୍ତଃରାଜ୍ୟ ସାଇବର ଠକେଇ; ୨ ଗିରଫ

ରାଉରକେଲା,୨୯।୯(ସମିସ)



ପୁଣି ରାଉରକେଲାରେ ଆନ୍ତଃରାଜ୍ୟ ସାଇବର ଠକେଇ। ଗତ ମାସ ରାଉରକେଲା ପୁଲିସ ୫ ଜଣଙ୍କୁ ଏହି ମାମଲାରେ ଗିରଫ କରିଥିବା ବେଳେ ଆଜି ୨ ଜଣ ଆନ୍ତଃରାଜ୍ୟ ସାଇବର ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରେଲୱେ କଲୋନୀର ଶେଖ୍ ଅମାନ (୨୨) ଏବଂ ନୂଆ ବସଷ୍ଟାଣ୍ଡ ଗାନ୍ଧୀ ରୋଡ୍ ଅଞ୍ଚଳର ଯଶରାଜ ସିଂ ଓରଫ ଯଶ୍ (୨୪)। ସେମାନଙ୍କ ନିକଟରୁ ଗୋଟିଏ ଆଇଫୋନ୍, ସିମ୍ କାର୍ଡ ଓ ଏଟିଏମ୍ କାର୍ଡ ତଥା ବିଭିନ୍ନ ବ୍ୟାଙ୍କର ବ୍ୟାଙ୍କ ଖାତାକୁ ଜବତ କରାଯାଇଛି।

ବେକାର ଯୁବକ/ଯୁବତୀମାନଙ୍କୁ କିଛି କମିଶନର ପ୍ରଲୋଭନ ଦେଖାଇ ସେମାନଙ୍କ ଠାରୁ ବ୍ୟାଙ୍କ ଖାତା ଭଡ଼ାରେ ନେଉଥିଲେ ଏହି ଠକ। ପରେ ଏହି ପାସ୍‌ବୁକ୍‌କୁ ରାଜ୍ୟ ବାହାରର ବଡ଼ ବଡ଼ ସାଇବର ଠକଙ୍କୁ ବିକୁଥିବା ଖୁଲାସା ହୋଇଛି। ଗିରଫ ସାଇବର ଠକ ଦ୍ୱୟ ୨୧ଟି ବ୍ୟାଙ୍କ ଖାତା ଭଡ଼ାରେ କ୍ରୟ କରି ବାହାରେ ବିକିଥିବାବେଳେ ତନ୍ମଧ୍ୟରୁ କେବଳ ୪ ଟି ବ୍ୟାଙ୍କ ଖାତାରେ ୨୫ ଲକ୍ଷ ଟଙ୍କାର ସାଇବର ଠକେଇ ହୋଇଥିବା ରାଉରକେଲା ପୁଲିସ ପ୍ରମାଣ ପାଇଥିବା ଜିଲ୍ଲା ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ସାଇବର ଠକେଇରେ ବ୍ୟବହୃତ ହେଉଥିବା ବେଆଇନ "ମ୍ୟୁଲ୍' ବ୍ୟାଙ୍କ ଆକାଉଣ୍ଟ ଖୋଲିବା ଓ ବିକ୍ରି କରିବା ରାକେଟ୍‌ରେ ପୁଣି ପର୍ଦ୍ଦାଫାଶ ହୋଇଛି। ଏହି ମାମଲାରେ ବନ୍ଧମୁଣ୍ଡା ଥାନା ପୁଲିସ ଶେଖ୍ ଅମାନ ଓ ଯଶରାଜ ସିଂକୁ ଗିରଫ କରିଛି। ଏମାନେ ଏକ ଆନ୍ତଃରାଜ୍ୟ ସାଇବର ଠକେଇ ସିଣ୍ଡିକେଟ୍ ସହ ଜଡ଼ିତ ଥିଲେ। ସେମାନେ ରାଉରକେଲା ଓ ଏହାର ଆଖପାଖ ଅଞ୍ଚଳର ସାଧାରଣ ଲୋକଙ୍କୁ ଚାକିରି ଏବଂ କମ୍ ସମୟରେ ଅଧିକ ଟଙ୍କା ରୋଜଗାରର ପ୍ରଲୋଭନ ଦେଖାଇ ସେମାନଙ୍କ ନାମରେ ବିଭିନ୍ନ ବ୍ୟାଙ୍କରେ ଆକାଉଣ୍ଟ ଖୋଲିବା ସହ ବ୍ୟକ୍ତିଗତ ପରିଚୟପତ୍ର ଓ କାଗଜପତ୍ର ପିଛା ପ୍ରାୟ ୧୮ହଜାର ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ଦେଇ ସଂଗ୍ରହ କରୁଥିଲେ। ଅଭିଯୁକ୍ତମାନେ ଉକ୍ତ

- ୪ ବ୍ୟାଙ୍କଖାତାରେ ୨୫ ଲକ୍ଷ ଟଙ୍କାର ସାଇବର ଠକେଇ
- ବ୍ୟାଙ୍କ ପାସବୁକ୍ କିଣି ବିକୁଥିଲେ ବାହାର ରାଜ୍ୟ ଠକଙ୍କୁ
- ଆଇଫୋନ୍, ସିମ୍ ଓ ଏଟିଏମ୍ କାର୍ଡ ଜବତ

ଆକାଉଣ୍ଟଗୁଡ଼ିକର ଏଟିଏମ୍/ଡେବିଟ୍ କାର୍ଡ, ପଞ୍ଜୀକୃତ ସିମ୍ କାର୍ଡ, ପାସବୁକ୍ ଏବଂ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ସମ୍ପର୍କିତ ସମସ୍ତ ଗୋପନୀୟ ତଥ୍ୟ ନିଜ ନିୟନ୍ତ୍ରଣରେ ରଖି ଅନ୍ୟ ରାଜ୍ୟର ସାଇବର ଠକମାନଙ୍କୁ ବିକ୍ରି କରୁଥିଲେ। ବିଭିନ୍ନ ଅନଲାଇନ୍ ଠକେଇ ମାଧ୍ୟମରେ ହଡ଼ପ ହୋଇଥିବା କଳାଟଙ୍କା ଏହି ଆକାଉଣ୍ଟଗୁଡ଼ିକରେ କାରବାର କରାଯାଉଥିଲା ବୋଲି ଏସ୍‌ପି ସୂଚନା ଦେଇଛନ୍ତି।

ରାଉରକେଲା ସାଇବର ସେଲ୍‌ର ଯାଞ୍ଚରୁ ଜଣାପଡ଼ିଛି ଯେ ଅଭିଯୁକ୍ତମାନେ ଯୋଗାଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ଦେଶର ବିଭିନ୍ନ ରାଜ୍ୟରେ ହୋଇଥିବା ପ୍ରାୟ ୨୧ଟି ସାଇବର ଅପରାଧ ସହିତ ସିଧାସଳଖ ଜଡ଼ିତ। ଏଥିମଧ୍ୟରେ ହରିୟାଣା, ଦିଲ୍ଲୀ, ପଞ୍ଜାବ, କର୍ଣ୍ଣାଟକ, ରାଜସ୍ଥାନ, ମହାରାଷ୍ଟ୍ର (୨) ଏବଂ ମଧ୍ୟପ୍ରଦେଶ ସମେତ ଅନ୍ୟାନ୍ୟ ରାଜ୍ୟର ମାମଲା ରହିଛି। ଏହି ସିଣ୍ଡିକେଟ୍‌ର ମାତ୍ର ୪ଟି ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି ଏବଂ ସେଥିରୁ ପ୍ରାୟ ୨୫ ଲକ୍ଷ ଟଙ୍କାର ସାଇବର କାରବାର ହୋଇଥିବା ସାମ୍ନାକୁ ଆସିଛି।

ଗିରଫ ୨ ଅଭିଯୁକ୍ତ ସାଇବର ଠକଙ୍କ ନିକଟରୁ ଏକ ସ୍କୁଟି ଗୋଟିଏ ଆପଲ୍ ଆଇଫୋନ୍, ଗୋଟିଏ ମୋବାଇଲ୍, ସିମ୍ କାର୍ଡ, ୨ ବ୍ୟାଙ୍କ ପାସବୁକ୍, ଚେକ୍ ବୁକ୍, ଏଟିଏମ୍ କାର୍ଡ, ଆଧାର କାର୍ଡ ଏବଂ ନଗଦ ୪୦୦ ଟଙ୍କା ଜବତ କରାଯାଇଛି।

# ଅବକାରୀ ଓ ପୁଲିସ ଟିମ୍‌କୁ ମରଣାନ୍ତକ ଆକ୍ରମଣ: ୫ ଗିରଫ



ରାଉରକେଲା, ୨୯।୯(ସମିସ): ବେଆଇନ ମହୁଲି ମଦ ରନ୍ଧା ଓ ବିକ୍ରି ରୋକିବା ପାଇଁ ଯାଇଥିବା ଅବକାରୀ ଏବଂ ପୁଲିସ ଟିମ୍ ଉପରକୁ ଗ୍ରାମବାସୀଙ୍କ ସଂଘବଦ୍ଧ ଆକ୍ରମଣ ଘଟଣାରେ ସୁନ୍ଦରଗଡର ଧାରୁଆଡିହ ଥାନା ପୁଲିସ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ଘଟଣାରେ ବ୍ୟବହୃତ ୪ଟି ବାଇକ୍ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ଧରୁଆଡିହି ଥାନା ଅନ୍ତର୍ଗତ ଅଲଙ୍ଗପାଣି ଗାଁର ବିନୋଦ କିଷାନ (୩୮), ବେଣୁଧର କିଷାନ (୨୯), ଭାରତ କିଷାନ (୩୫), ମନମୁଣ୍ଡା ଗାଁର ବାବୁଲି କିଷାନ (୪୩), ହଳ ଓରଫ ହଳଧର କିଷାନ (୩୪)।

ପ୍ରକାଶ ଯେ, ଗତ ୨୮ ତାରିଖରେ ଅବକାରୀ ବିଭାଗର ଅଧିକାରୀ ଏବଂ ଧରୁଆଡିହି ଥାନା ପୁଲିସ କର୍ମଚାରୀଙ୍କ ଏକ ମିଳିତ ଟିମ୍ ବେଆଇନ ମହୁଲି ମଦ ବିରୋଧରେ ଚଢ଼ାଉ କରିବା ପାଇଁ ଅଲଙ୍ଗପାଣି ଗ୍ରାମକୁ ଯାଇଥିଲେ। ଗ୍ରାମ ନିକଟସ୍ଥ ଜଙ୍ଗଲରେ ଖାନତଲାସି କରି ଟିମ୍ ପ୍ରାୟ ୧୨୦୦ କିଲୋଗ୍ରାମ ପୋଚ ଏବଂ ୪୦୦ ଲିଟର ମହୁଲି ମଦ ନଷ୍ଟ କରିଥିଲେ। ଫେରୁଥିବାବେଳେ କିଛି ଗ୍ରାମବାସୀ ପୁଲିସ ଓ ଅବକାରୀ ଟିମ୍ ଉପରକୁ ପଥର, ବାଟୁଲି (ଗୁଲତି) ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଏକ ବୋଲେରୋ ଭାଙ୍ଗିବା ସହ ସୁନ୍ଦରଗଡ଼ ଅବକାରୀ ଥାନାର ଏସ୍‌ଆଇ ଫୁଲ ସାହୁଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କ ଏତଲା କ୍ରମେ ଧରୁଆଡିହି ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏସ୍. ଆଇ ବରୁଣ ନାଏକ ଏହି ଘଟଣାର ତଦନ୍ତ କରୁଛନ୍ତି। ଘଟଣାକୁ ଗୁରୁତ୍ୱର ସହ ନେଇ ସୁନ୍ଦରଗଡ଼ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଭସ୍ମା ଥାନା, ଧରୁଆଡିହି ଥାନା ଏବଂ ଆର.ଓ ର ଏପିଆର ଫୋର୍ସକୁ ନେଇ ଆଜି ସକାଳେ ଏକ ସ୍ୱତନ୍ତ୍ର ଚଢ଼ଉ କରାଯାଇ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା।

# ଡାଲମିଆ ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ

କୁତ୍ରା,୨୯।୯(ସମିସ): ସୁନ୍ଦରଗଡ ଜିଲ୍ଲା କୁତ୍ରା ବ୍ଲକ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ କଳା,ବିଜ୍ଞାନ ସମସ୍ତ ବିଭାଗରେ ନବଜ୍ୟୋତି ତଥା +୩ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ମଙ୍ଗଳବାର ଦିନ ଆୟୋଜିତ ହୋଇଯାଇଛି। ଅଧ୍ୟକ୍ଷ ଡ଼ ଜିତେନ୍ଦ୍ର କୁମାର ପଟେଲ ଏବଂ ମହାବିଦ୍ୟାଳୟର ପ୍ରଶାସନିକ ବର୍ସାର ଏକଲବ୍ୟ ନାଏକ ସମସ୍ତ ବିଭାଗରେ ଯୋଗଦାନ ଦେଇ ଦୀପ ପ୍ରଜ୍ୱଳନ କରି ସମାହୋରର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଜଣାଇବା ସହିତ ଶୃଙ୍ଖଳାଧିନ ହୋଇ ଜ୍ଞାନର୍ଜନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀମାନେ ନିଜର ହସ୍ତକଳା ଦ୍ୱାରା ନିଜନିଜ ବିଭାଗକୁ ସୁସଜ୍ଜିତ କରି ନୃତ୍ୟ,ଗୀତ ଆଦି ମାଧ୍ୟମରେ ମହାଡମ୍ବରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପାଳନ କରିଥିଲେ।

# ଆର୍‌ଏମ୍‌ସି ପକ୍ଷରୁ ସ୍ୱଚ୍ଛତାରୁ ସମୃଦ୍ଧି କାର୍ଯ୍ୟକ୍ରମ



ରାଉରକେଲା,୨୯।୯(ସମିସ): ରାଉରକେଲା ମହାନଗର ନିଗମ ତରଫରୁ ଆଜି ସ୍ୱଚ୍ଛତାରୁ ସମୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ବର୍ଜ୍ୟରୁ ସମ୍ପଦ, ବର୍ଜ୍ୟରୁ କଳା, ପ୍ଲାଷ୍ଟିକ୍ ପୁନଃଚକ୍ରଣ ମେଳା ଏବଂ ପୁନଃବ୍ୟବହାର ଓ ପୁନଃଚକ୍ରଣ ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍କଳମଣି ଗୋପବନ୍ଧୁ ଯାନ୍ତ୍ରିକ ଅନୁଷ୍ଠାନ , ଏସ୍‌କେ ଡିଏଭି ବହୁବୃତ୍ତି ଅନୁଷ୍ଠାନ, ରାଉରକେଲା ସ୍ଥିତ ସରକାରୀ ଶିଳ୍ପ ପ୍ରତିଷ୍ଠାନ ଓ ଜଗଦା ସ୍ଥିତ ଆମ୍ବେଦକର ଘରୋଇ ଶିଳ୍ପ ଅନୁଷ୍ଠାନର ପ୍ରାୟ ୯୫ ଜଣ ଛାତ୍ରଛାତ୍ରୀ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ୨୩ଟି କଳାକୃତି ପ୍ରଦର୍ଶନ କରିଥିଲେ।

ରାଉରକେଲା ସରକାରୀ ଶିଳ୍ପ ପ୍ରତିଷ୍ଠାନ ପ୍ରଥମ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜଗଦା ସ୍ଥିତ ଆମ୍ବେଦକର ଘରୋଇ ଶିଳ୍ପ ପ୍ରତିଷ୍ଠାନ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ମନୋନୀତ କିଛି କଳାକୃତି ସହରର ବିଭିନ୍ନ ସ୍ଥାନରେ ସ୍ଥାପନ କରାଯିବ। କୃତୀ ବିଦ୍ୟାର୍ଥୀମାନଙ୍କୁ ଆଗାମୀ ଗାନ୍ଧୀ ଜୟନ୍ତୀ ଅବସରରେ ସମ୍ମାନୀତ କରାଯିବ। ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ଅନୀତା ନାଏକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ଅଧିକ୍ଷଣ ଯନ୍ତ୍ରୀ ବିରେନ୍ଦ୍ର ନନ୍ଦ, ଅର୍ଥ ଏବଂ ହିସାବ ଅଧିକାରୀ ଦେବରାଜ ପ୍ରଧାନ, ଅର୍ଥ ଅଧିକାରୀ ସୁଶ୍ରୀ ସ୍ୱାଗତିକା ଜେନାଙ୍କ ସହ ବୈଷୟିକ ଶିକ୍ଷାନୁଷ୍ଠାନର ବରିଷ୍ଠ ଅଧ୍ୟାପକ ଓ ଆରଏମସିର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବାସୁଦେବପୁର ଜନକଲ୍ୟାଣ ପରିଷଦ ତରଫରୁ ଇରମ୍ ସହିଦ ସ୍ମୃତି ଦିବସ

ରାଉରକେଲା,୨୯।୯(ସମିସ): ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନରେ ଭାଗ ନେଇ ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ଇରମ ମାଟିରେ ଇଂରେଜ ଫୌଜଙ୍କ ଗୁଳିରେ ପ୍ରାଣ ହରାଇଥିବା ୨୯ ଜଣ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ନିମିତ୍ତ ରାଉରକେଲାର ବାସୁଦେବପୁର ଜନକଲ୍ୟାଣ ପରିଷଦ ପକ୍ଷରୁ ଏକ ସ୍ମୃତି ସଭା ସେକ୍ଟର -୨୦ ଠାରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଉପସଭାପତି ଡା. ରବୀନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସଭାରେ ସାଧାରଣ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ ସ୍ୱାଗତ ଭାଷଣ ସହ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟବକ୍ତା ଭାବେ ଅନ୍ୟତମ ଉପସଭାପତି ଉଦୟ



କୁମାର ସାହୁ, ଅନ୍ୟତମ ବକ୍ତା ବିଶ୍ୱନାଥ ସାହୁ, ବଳରାମ ରାଉଳ, ସନାତନ ପତି, ସୁବାସ ଚନ୍ଦ୍ର ମହାପାତ୍ର, କୃପାସିନ୍ଧୁ ବେହେରା ଏବଂ କୈଳାସ ଚନ୍ଦ୍ର ବନ୍ଧ ପ୍ରମୁଖ ଯୋଗ ଦେଇ ଇରମ ମାଟିର ସେହି ଅମର ବୀରମାନଙ୍କ ମହାନତା, ଦେଶପ୍ରେମ ଓ ସ୍ୱାଧୀନତା ପାଇଁ ସେମାନଙ୍କର ସର୍ବସ୍ୱ ତ୍ୟାଗର କାହାଣୀ ମନେ ପକାଇ କହିଲେ ଯେ, ଯେଉଁ ମାନଙ୍କ ରକ୍ତରେ ଇରମର ମାଟି ଭିଜିଥିଲା, ସେମାନଙ୍କର ବଳିଦାନ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଇତିହାସରେ ଚିର ଅମ୍ଳାନ ରହିବ। କାର୍ଯ୍ୟକ୍ରମରେ ଅଞ୍ଜୁ ବାରିକ, ଜ୍ୟୋତିର୍ମୟୀ ପତି, ସୁକାନ୍ତି ଲତା ପାଢ଼ୀ ଏବଂ ନିବେଦିତା ଜେନା ପ୍ରମୁଖ ସହାୟତା କରିଥିବା ବେଳେ, ସତ୍ୟନାରାୟଣ ପଣ୍ଡା, ନିଶାନ୍ତ ପଣ୍ଡା, ନରେନ୍ଦ୍ର ଜେନା, ଆର୍ତ୍ତତ୍ରାଣ ମହାପାତ୍ର, ଉପେନ୍ଦ୍ର ପ୍ରସାଦ ଦାଶ ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ଯୁଗ୍ମ ସମ୍ପାଦକ ଶରତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶୀ ବନ୍ଧୁକ ସହ ଦୁର୍ଦ୍ଦାନ୍ତ ଅପରାଧୀ ଗିରଫ

ରାଉରକେଲା,୨୯।୯(ସମିସ): ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଜଣେ ଦୁର୍ଦ୍ଦାନ୍ତ ଅପରାଧୀକୁ ଗିରଫ କରିବା ସହ ତା' ନିକଟରୁ ଏକ ଦେଶୀ ବନ୍ଧୁକ ଜବତ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଗୋପବନ୍ଧୁପାଲି ନ୍ୟୁ ବସ୍ତି ଅଞ୍ଚଳର ଚନ୍ଦନ ଯାଦବ (୨୫)। ମଙ୍ଗଳବାର ସକାଳେ ପ୍ଲାଣ୍ଟସାଇଟ୍ ଥାନାର ଏସ୍‌ଆଇ ୟୁ. କେ. ଅହିର ଏବଂ ତାଙ୍କ ଟିମ୍ ପାଟ୍ରୋଲିଂ କରୁଥିଲାବେଳେ ସୂଚନା ପାଇ ଚଢ଼ଉ କରି ଚନ୍ଦନକୁ କାବୁ କରିଥିଲେ। ଯାଞ୍ଚବେଳେ ତା' ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ମିଳିଥିଲା। ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଚନ୍ଦନ ନାଁରେ ପୂର୍ବରୁ ଏକାଧିକ ଅପରାଧିକ ମାମଲା ରହିଥିବା ପୁଲିସ ତଦନ୍ତରୁ ଜଣାପଡିଛି।

# ଖାଦ୍ୟ ପ୍ରକ୍ରିୟାକରଣ ଓ ବର୍ଜ୍ୟର ମୂଲ୍ୟବୃଦ୍ଧି ଉପରେ ଭାରତ-ଶ୍ରୀଲଙ୍କା କର୍ମଶାଳା

ରାଉରକେଲା,୨୯।୯(ସମିସ)



ଖାଦ୍ୟ ପ୍ରକ୍ରିୟାକରଣ ଓ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ସ୍ଥାୟୀ ଓ ପରିବେଶ ଅନୁକୂଳ ପ୍ରଯୁକ୍ତିର ବିକାଶ ଏବଂ ଗବେଷଣା ସହଯୋଗକୁ ଆଗେଇ ନେବା ଉଦ୍ଦେଶ୍ୟରେ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ରାଉରକେଲାର ଖାଦ୍ୟ ପ୍ରକ୍ରିୟା ଇଞ୍ଜିନିୟରିଂ ବିଭାଗ ପକ୍ଷରୁ 'ଖାଦ୍ୟ ଶିଳ୍ପର ବର୍ଜ୍ୟ ହ୍ରାସ ଓ ବର୍ଜ୍ୟର ମୂଲ୍ୟବୃଦ୍ଧି ପାଇଁ ଉନ୍ନତ ତାପୀୟ ଓ ଅତାପୀୟ ସ୍ଥାୟୀ ପ୍ରଯୁକ୍ତି' ଶୀର୍ଷକ ୭ଦିନିଆ ଭାରତ-ଶ୍ରୀଲଙ୍କା କର୍ମଶାଳା ଆୟୋଜିତ ହୋଇଯାଇଛି।

ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ (ଡିଏସ୍‌ଟି)ର ଆର୍ଥିକ ସହାୟତାରେ ଏବଂ ଶ୍ରୀଲଙ୍କାର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟର ସହଯୋଗରେ ତଥା ଖାଦ୍ୟ ପ୍ରକ୍ରିୟା ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ପ୍ରଫେସର ସାବ୍ୟସାଚୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀଲଙ୍କାର ୟୁନିଭର୍ସିଟି ଅଫ୍ ଶ୍ରୀ ଜୟୱର୍ଦ୍ଧନପୁରର ଫ୍ୟାକଲଟି ଅଫ୍ ଆପ୍ଲାଏଡ୍ ସାଇନ୍ସେସ୍‌ର ଡିପାର୍ଟମେଣ୍ଟ ଅଫ୍ ଫୁଡ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ୟୁନିଭର୍ସିଟି କଲେଜ୍ ମାତାରାର ଡିପାର୍ଟମେଣ୍ଟ ଅଫ୍ ଆପ୍ଲାଏଡ୍ ଆଣ୍ଡ ନ୍ୟାଚୁରାଲ୍ ସାଇନ୍ସେସ୍, ୟୁନିଭର୍ସିଟି ଅଫ୍ ଭୋକେସନାଲ୍ ଟେକ୍ନୋଲୋଜି ଏବଂ ବିଏମ୍‌ଏସ୍ କ୍ୟାମ୍ପସ୍‌ର ଫ୍ୟାକଲ୍ଟି ଅଫ୍ ଲାଇଫ୍ ଆଣ୍ଡ ମେଡିକାଲ୍ ସାଇନ୍ସେସ୍‌ରୁ ବିଶେଷଜ୍ଞମାନେ ଆସିଥିଲେ। ପ୍ରତିନିଧି ଦଳରେ ଡ. ଦୁଲାନି ସୋମେନ୍ଦ୍ରିକା, ପ୍ରଫେସର ଇନ୍ଦିରା ୱିକ୍ରମସିଂହେ, ଡ. ଆଇ.ଜି. ଗିମାନି କାସୁନମାଲା ଓ ଚାଲାନି ଆକ୍‌ମିମାନ ଉପସ୍ଥିତ ଥିଲେ।

ପ୍ରଫେସର ୱିନୀ ରାଉତରାୟ ଓ ପ୍ରଫେସର ରଚନା ସେହରାୱତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କର୍ମଶାଳାର ଭାରତ ଓ ଶ୍ରୀଲଙ୍କାର ବିଭିନ୍ନ ଅନୁଷ୍ଠାନର ବିଶେଷଜ୍ଞ, ଶିକ୍ଷାବିତ୍, ଗବେଷକ, ଛାତ୍ରଛାତ୍ରୀ ଓ ପ୍ରାରମ୍ଭିକ ପର୍ଯ୍ୟାୟର ଗବେଷକମାନେ ଯୋଗ ଦେଇଥିଲେ। ସ୍ଥାୟୀ ଖାଦ୍ୟ ପ୍ରକ୍ରିୟାକରଣ ଓ ବର୍ଜ୍ୟର ସଦୁପଯୋଗ କ୍ଷେତ୍ରରେ ବୈଜ୍ଞାନିକ ଜ୍ଞାନର ଆଦାନପ୍ରଦାନ ଏବଂ ମିଳିତ ଗବେଷଣାର ସୁଯୋଗ ସୃଷ୍ଟି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଶ୍ରୀଲଙ୍କାର ପ୍ରତିନିଧିମାନଙ୍କୁ ସମ୍ବୋଧିତ କରି ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ କହିଥିଲେ ଯେ, ଏଭଳି କର୍ମଶାଳା ଗବେଷକ ଓ ଛାତ୍ରଛାତ୍ରୀଙ୍କୁ ଜ୍ଞାନର ଆଦାନପ୍ରଦାନ, ନୂତନ ପ୍ରଯୁକ୍ତିର ଅନ୍ୱେଷଣ ଏବଂ ସାର୍ଥକ ଶିକ୍ଷାଗତ ସହଯୋଗ ଗଢ଼ିବା ପାଇଁ ଏକ ମୂଲ୍ୟବାନ ମଞ୍ଚ ପ୍ରଦାନ କରିଛି। ସ୍ଥାୟୀ ଖାଦ୍ୟ ପ୍ରକ୍ରିୟାକରଣ ଓ ବର୍ଜ୍ୟର ମୂଲ୍ୟବୃଦ୍ଧି ପରି ଏପରି କ୍ଷେତ୍ରରେ ଭାରତ ଓ ଶ୍ରୀଲଙ୍କାର ବିଶେଷଜ୍ଞମାନଙ୍କୁ ଏକାଠି କରି ଏହି କାର୍ଯ୍ୟକ୍ରମ ଭବିଷ୍ୟତର ଗବେଷଣା ଓ ଅନୁଷ୍ଠାନିକ ସହଯୋଗ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ସେ ସନ୍ତୋଷ ପ୍ରକାଶ କରିଥିଲେ।

କର୍ମଶାଳାରେ ଏନ୍‌ଆଇଟି ରାଉରକେଲା, ଆଇଆଇଟି ପାଟନା, ଆଇଆଇଟି ଖଡ଼ଗପୁର, ନିଫ୍ଟେମ୍ କୁଣ୍ଡଲି, ଆଇସିଏଆର୍-ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟ-ହାର୍ଭେଷ୍ଟ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ସିଫେଟ୍) ଏବଂ ଆଇସିଏଆର୍-ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେକେଣ୍ଡାରୀ ଏଗ୍ରିକଲଚରର ବିଶେଷଜ୍ଞମାନେ ବିଭିନ୍ନ ବୈଷୟିକ ଅଧିବେଶନରେ ଯୋଗ ଦେଇଥିଲେ। ଏଥିସହ ବାୟୋଟେଜ୍ ଏଗ୍ରିନୋଭେସନ୍ ପ୍ରାଇଭେଟ୍ ଲିମିଟେଡ୍ ଓ କୋଏଲ୍ ଫ୍ରେଶ୍ ପ୍ରାଇଭେଟ୍ ଲିମିଟେଡ୍‌ର ଶିଳ୍ପ ବିଶେଷଜ୍ଞମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ।

ବୈଷୟିକ ଅଧିବେଶନଗୁଡ଼ିକରେ ଶୂନ୍ୟ-ବର୍ଜ୍ୟ ଖାଦ୍ୟ ଉତ୍ପାଦନ, ଶିଳ୍ପ ବର୍ଜ୍ୟରୁ ଜୈବସାର ପ୍ରସ୍ତୁତି, କୃଷି ଓ ଜଳଚାଷ ସମ୍ପଦର ମୂଲ୍ୟବୃଦ୍ଧି, ଜୈବ-ଅନୁପ୍ରାଣିତ ଇଞ୍ଜିନିୟରିଂ, ସ୍ଥାୟୀ ପ୍ୟାକେଜିଂ, ସ୍ମାର୍ଟ ସେନ୍ସିଂ, ପ୍ରୋଟିନ୍ ଓ ଷ୍ଟାର୍ଚ୍ଚ ପୁନରୁଦ୍ଧାର, କ୍ରିଷ୍ଟାଲାଇଜେସନ୍, ସବୁଜ ପ୍ରଯୁକ୍ତି ଆଧାରିତ ଶୁଖାଇବା ପ୍ରଣାଳୀ, ମେମ୍ବ୍ରେନ୍ ବିଭାଜନ, ଏକ୍ସଟ୍ରୁଜନ୍ ଏବଂ ଉନ୍ନତ ତୈଳବୀଜ ଓ ମସଲା ପ୍ରକ୍ରିୟାକରଣ ଭଳି ଅତ୍ୟାଧୁନିକ ବିଷୟ ଉପରେ ଆଲୋଚନା ହୋଇଥିଲା।

କର୍ମଶାଳାରେ ଦେଶର ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ଅଂଶଗ୍ରହଣକାରୀମାନେ ଇଲେକ୍ଟ୍ରନ୍ ମାଇକ୍ରୋସ୍କୋପି, ସ୍ପେକ୍ଟ୍ରୋସ୍କୋପି, କ୍ରୋମାଟୋଗ୍ରାଫି, ଥର୍ମାଲ୍ ଆନାଲିସିସ୍, ଏକ୍ସ-ରେ ପ୍ରଯୁକ୍ତି, ଆଇସିପି-ଓଇଏସ୍, ୩ଡି ପ୍ରିଣ୍ଟିଂ, ତରଳ ନାଇଟ୍ରୋଜେନ୍ ବ୍ୟବସ୍ଥା ଏବଂ କୋଲ୍ଡ ପ୍ଲାଜ୍ମା ପ୍ରଯୁକ୍ତି ଭଳି ବିଭିନ୍ନ ଗବେଷଣା ସୁବିଧା ଓ ପ୍ରଯୁକ୍ତିର ପ୍ରଦର୍ଶନ ଦେଖିଥିଲେ। ଏହାସହ ଖାଦ୍ୟ ପ୍ରକ୍ରିୟା ଇଞ୍ଜିନିୟରିଂ ବିଭାଗର ବିଭିନ୍ନ ପରୀକ୍ଷାଗାର ପରିଦର୍ଶନ ମଧ୍ୟ କର୍ମଶାଳାର ବୈଷୟିକ ଅଧିବେଶନକୁ ଆହୁରି ସମୃଦ୍ଧ କରିଥିଲା।

# ନିରଞ୍ଜନ ଭାଇଙ୍କ ପ୍ରଥମ ଶ୍ରଦ୍ଧାଞ୍ଜଳି ସଭା

ରାଉରକେଲା,୨୯।୯(ସମିସ): ସ୍ଥାନୀୟ ଲାଠିକଟା ସ୍ଥିତ ଶୋଭନୀୟ ଶିକ୍ଷାଶ୍ରମର ପ୍ରଥମ ସମ୍ପାଦକ ତଥା ପୂଜ୍ୟ କୁମାର ଭାଇଙ୍କର ପଟ୍ଟ ନିରଞ୍ଜନ ଭାଇଙ୍କ ପ୍ରଥମ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାଶ୍ରମର ସମ୍ପାଦିକା ଚାରୁଲତା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଅଧିବେଶନରେ ସର୍ବଧର୍ମ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱାମୀନୀ ଋଷିପ୍ରିୟାନନ୍ଦା ଆଚାର୍ଯ୍ୟ ଗୀତାପାଠ, ଜନ୍ ବସ୍କୋ କେରକେଟା ବାଇବେଲ ପାଠ, ଜୈନ ଶ୍ୱେତାମ୍ବର ତେରାପନ୍ଥୀ ସଭାର ସମ୍ପାଦକ ବିକାଶ ଜୈନ ଜୈନବାଣୀ ପାଠ, ରାଉରକେଲାର ସେକ୍ଟର-୧୮ ସ୍ଥିତ ଇସ୍ପାତ ଗୁରୁଦ୍ୱାରର ଗ୍ରନ୍ଥୀ ସାହେବ ସତନମ୍ ସିଂ ଗୁରୁବାଣୀ ପାଠ, ହଜରତ୍ ମୌଲାନା ଅବ୍‌ଦୁଲ୍ କୟମ ଅଝହରି କୋରାନ ପାଠ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ସିଟି ଜିଏସଟିର ଅତିରିକ୍ତ କମିଶନର ପ୍ରକାଶ ଚନ୍ଦ୍ର ଦୋରା ଯୋଗଦେଇ ଶୋଭନୀୟ ଶିକ୍ଷାଶ୍ରମରେ ଗୁଣାତ୍ମକ ଶିକ୍ଷାଦାନ ପଛରେ ସ୍ୱର୍ଗତ ନିରଞ୍ଜନ ଭାଇଙ୍କର ନିଃସ୍ୱାର୍ଥପର ଅବଦାନ ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ରାଜୀବ ପାଣି ଯୋଗ ଦେଇ ନିରଞ୍ଜନ ଭାଇଙ୍କ ଅବର୍ତ୍ତମାନରେ ତାଙ୍କ ଅନୁଗାମୀମାନେ ଯେପରି ତାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଲାଗିପଡିଛନ୍ତି ତାର ପ୍ରଶଂସା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ରାଉରକେଲା ସରକାରୀ ଡାକ୍ତରଖାନାର ଚକ୍ଷୁ ବିଶେଷଜ୍ଞ ଡାକ୍ତର ସମୀର ପାତ୍ର, ଲାଠିକଟା ବ୍ଲକ୍‌ର ସହକାରୀ ଶିକ୍ଷାମଣ୍ଡଳ ଅଧିକାରୀ ସିଲବିଆ ଏକ୍କା, ସାମ୍ବାଦିକ ଜ୍ଞାନରଞ୍ଜନ ମିଶ୍ର ଯୋଗ ଦେଇ ନିରଞ୍ଜନ ଭୟଙ୍କର ଶିକ୍ଷା, ତ୍ୟାଗ, ସରଳତା ଓ ଭଲପଣିଆର ଗୁଣଗାନ କରି ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିଥିଲେ।

ପ୍ରାରମ୍ଭରେ ସମସ୍ତ ଅତିଥିମାନେ ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠାତା କୁମାର ଭାଇ ଓ ଶିକ୍ଷାଶ୍ରମର ପ୍ରଥମ ସମ୍ପାଦକ ନିରଞ୍ଜନ ଭାଇଙ୍କ ଫଟୋଚିତ୍ରରେ ଫୁଲ ଚନ୍ଦନ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଶିକ୍ଷାଶ୍ରମର ସମ୍ପାଦକା ଚାରୁଲତା ଦେବୀ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ଆନ୍ଦୋଳନର ଲକ୍ଷ୍ୟ, ନିତୀ ଆଦର୍ଶ ଓ ନିରଞ୍ଜନ ଭାଇଙ୍କର ତ୍ୟାଗ ତିତିକ୍ଷା ଉପରେ ଆଲୋକପାତ କରିଥିଲେ। ଏହି ଦିବସ ଉପଲକ୍ଷେ ଶିକ୍ଷାଶ୍ରମ ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟର ସଫଳତା ପାଇଁ ନିରଞ୍ଜନ ଭାଇଙ୍କର ସହଧର୍ମିଣୀ କାନ୍ତିଲତା ଦେବୀ, ସମସ୍ତ, ଗୁରୁମା, ମାଉସୀ, ସଭ୍ୟ ସଭ୍ୟା, ପୂର୍ବତନ ଛାତ୍ରଛାତ୍ରୀ, ପୂର୍ଣ୍ଣ ସହଯୋଗ କରିଥିଲେ।

ସକାଳ
THE SAKALA



# ସମ୍ପାଦକୀୟ



ଅହିଂସାର ପ୍ରଥମ ସୋପାନ ହେଉଛି ଜୀବନର ସବୁକ୍ଷେତ୍ରରେ ନ୍ୟାୟର ସୁନିଶ୍ଚିତତା।
-ମହାତ୍ମା ଗାନ୍ଧୀ

## ଇଥାନଲ୍: ଏବେ ବଳକା ଚିନ୍ତା

ଇନ୍ଧନରେ ଆମଦାନୀ ନିର୍ଭରଶୀଳତା ହ୍ରାସ ଏବଂ ପରିବେଶ ସୁରକ୍ଷା ଦୃଷ୍ଟିରୁ ଭାରତରେ ଇଥାନଲ୍ ଉତ୍ପାଦନ ବୃଦ୍ଧିକୁ ଗୁରୁତ୍ୱ ଦିଆଯାଉଛି। ସମ୍ପ୍ରତି ପେଟ୍ରୋଲ୍‌ରେ ୨୦% ପର୍ଯ୍ୟନ୍ତ ଇଥାନଲ୍ ମିଶ୍ରଣ ପାଇଁ ନୀତିଗତ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ବେଳେ ଭବିଷ୍ୟତରେ ଅନୁପାତ ବୃଦ୍ଧି ଏବଂ ଡିଜେଲ୍‌ରେ ଇଥାନଲ୍ ମିଶ୍ରଣ ପାଇଁ ଯୋଜନା ହେଉଛି। ଅପରପକ୍ଷରେ ଆଖୁ, ମକା, ସୋୟାବିନ୍ ଓ ଚାଉଳ ଆଦି ଶସ୍ୟର ମୂଲ୍ୟଯୁକ୍ତ ଉପଯୋଗ ପାଇଁ ଇଥାନଲ୍ ଅପୂର୍ବ ବିକଳ୍ପ ଆଣିଛି। ଇଥାନଲ୍ ଉତ୍ପାଦନ ବୃଦ୍ଧି ସହିତ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ଏକ ଲାଭଦାୟକ ବଜାର ମଧ୍ୟ ସୃଷ୍ଟି ହୋଇଛି। କିନ୍ତୁ ଇଥାନଲ୍ ଉତ୍ପାଦନରେ ଭାରତର ସଫଳତା ଭିନ୍ନ ଏକ ସମସ୍ୟା ସୃଷ୍ଟି କରିଛି।

ଜଳ ବହୁଳେ ସୃଷ୍ଟି ନାଶ ଭଳି ଦେଶରେ ଇଥାନଲ୍ ଉତ୍ପାଦନ କ୍ଷମତା ଯେଉଁ ଗତିରେ ବଢୁଛି ତା' ସହ ତାଳ ଦେଇ ଚାହିଦା ବଢ଼ିପାରୁ ନଥିବାରୁ ଇଥାନଲ୍ ପାଇଁ ଭଣ୍ଡାରଣ ସମସ୍ୟା ସୃଷ୍ଟି ହୋଇଛି। ମାଇଲେଜ୍ ଓ ଯାନ୍ତ୍ରିକ ସମସ୍ୟା ଯୋଗୁଁ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ଭାରତୀୟମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ଭାବେ ଗ୍ରହଣୀୟ ହୋଇପାରିନାହିଁ। ସରକାରୀ ତଥ୍ୟ ଅନୁସାରେ, ୨୦୧୩-୧୪ରେ ପେଟ୍ରୋଲରେ ଇଥାନଲ୍ ମିଶ୍ରଣ ମାତ୍ର ୧.୫୩ ପ୍ରତିଶତ ଥିଲା। ୨୦୨୪-୨୫ରେ ଏହା ୧୯.୨୪ ପ୍ରତିଶତରେ ପହଞ୍ଚିଲା। ୨୦ ପ୍ରତିଶତ ମିଶ୍ରଣର ଲକ୍ଷ୍ୟ ମଧ୍ୟ ନିର୍ଦ୍ଧାରିତ ସମୟର ପୂର୍ବରୁ ହାସଲ ହୋଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଭାରତର ଇଥାନଲ୍ ଉତ୍ପାଦନ କ୍ଷମତା ପ୍ରାୟ ୨, ୦୦୦ କୋଟି ଲିଟରରେ ପହଞ୍ଚିଛି। ଏହା ନିଶ୍ଚିତ ଭାବେ ଏକ ନୀତିଗତ ସଫଳତା। କିନ୍ତୁ ବର୍ତ୍ତମାନର ଇ୨୦ ଇନ୍ଧନ ଓ ଅନ୍ୟ ଶିଳ୍ପ କ୍ଷେତ୍ରର ଚାହିଦା ତୁଳନାରେ ପ୍ରାୟ ୭୦୦ କୋଟି ଲିଟର ବଳକା ରହିଛି।

ବହୁ ଆକାଂକ୍ଷିତ ଇଥାନଲ୍ ବୋଝ ହୋଇଯିବା ପରେ ଇଥାନଲ୍ ଶିଳ୍ପ, କୃଷି, ଇନ୍ଧନ ନୀତି, ଖାଦ୍ୟ ସୁରକ୍ଷା ଓ ଗ୍ରାମୀଣ ଅର୍ଥନୀତି ପାଇଁ ଏକ ନୂଆ ଆହ୍ୱାନ ସୃଷ୍ଟି କରିଛି। ତେଣୁ ଇଥାନଲ୍ ନୀତି ପୁନର୍ବିଚାର କରିବା ପାଇଁ ମତ ପ୍ରକାଶ ପାଉଛି। ପରିବେଶ ଓ କୃଷି ବିଶେଷଜ୍ଞମାନେ ଇଥାନଲ୍ ଉତ୍ପାଦନ ବୃଦ୍ଧିକୁ 'ଖାଦ୍ୟ ବନାମ ଇନ୍ଧନ' ତରାଜୁରେ ତଉଲିବା ଆରମ୍ଭ କରିଛନ୍ତି। ପେଟ୍ରୋଲ୍‌ରେ ଇଥାନଲ୍ ମିଶ୍ରଣ ବଢ଼ିଲେ ଯାନବାହନରୁ ନିର୍ଗମନ ଜନିତ ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ। ଅପରପକ୍ଷରେ ଧାନ, ମକା, ଆଖୁ ଭଳି ଫସଲ ଇଥାନଲ୍ ଉତ୍ପାଦନରେ ଅଧିକରୁ ଅଧିକ ଉପଯୋଗ ହେଲେ ଖାଉଟି ବଜାରରେ ଖାଦ୍ୟଶସ୍ୟର ଉପଲବ୍ଧତା ଓ ମୂଲ୍ୟ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ବହୁଗୁଣିତ ହେବ। ଏହି ସବୁ ଶସ୍ୟ ଅଧିକ ଜଳ ଆବଶ୍ୟକ କରୁଥିବାରୁ ଦେଶରେ ଭୂତଳ ଜଳସଙ୍କଟ ସୃଷ୍ଟି ହେବା ଆଶଙ୍କାକୁ ମଧ୍ୟ ଏଡ଼ାଇ ଦେଇ ହେବ ନାହିଁ। ଭାରତର ନୀତି ନିର୍ଦ୍ଧାରକଙ୍କ ପାଇଁ ସାମ୍ପ୍ରତିକ ଇଥାନଲ୍ ବୋଝ ଏହି ଶିକ୍ଷା ଦେଇଛି ଯେ ଉତ୍ପାଦନ କ୍ଷମତା ବଢ଼ାଇବା ପୂର୍ବରୁ ବଜାରର ସ୍ଥିତି, ସୁଯୋଗ ଓ ସମ୍ଭାବନାର ଆକଳନ ଅତ୍ୟାବଶ୍ୟକ ଥିଲା।

ଭାରତ ଭଳି ବିଶ୍ୱର ସର୍ବବୃହତ୍ ଜନସଂଖ୍ୟା ବିଶିଷ୍ଟ ଦେଶ ପାଇଁ ଏଭଳି ଏକ ଇଥାନଲ୍ ନୀତି ଆବଶ୍ୟକ, ଯେଉଁଥିରେ ଶକ୍ତି ସୁରକ୍ଷା ସହିତ ଖାଦ୍ୟ ସୁରକ୍ଷା ଓ ଜଳ ସୁରକ୍ଷାକୁ ମଧ୍ୟ ସମାନ ଗୁରୁତ୍ୱ ମିଳିବ। ଆହୁରି ମଧ୍ୟ ଦ୍ୱିତୀୟ ପିଢ଼ିର ଇଥାନଲ୍ ଉତ୍ପାଦନ ଦିଗରେ ନୀତି ନିର୍ଦ୍ଧାରକମାନେ ବିଚାର କରିବା ଆବଶ୍ୟକ, ଯେଉଁଥିରେ କୃଷିବର୍ଜ୍ୟ ଓ ଅନ୍ୟାନ୍ୟ ଜୈବ ଅବଶିଷ୍ଟରୁ ଇଥାନଲ୍ ଉତ୍ପାଦନ ହୋଇପାରିବ। ଏହା ଖାଦ୍ୟଶସ୍ୟ ଉପରେ ଚାପ ହ୍ରାସ ସହ ଉଦ୍‌ବୃତ୍ତ କୃଷିବର୍ଜ୍ୟକୁ ଆୟର ଉତ୍ସରେ ପରିଣତ କରିପାରିବ। ସେହିପରି ଇଥାନଲ୍‌କୁ କେବଳ ପେଟ୍ରୋଲ୍‌ରେ ମିଶ୍ରଣ ଲକ୍ଷ୍ୟରେ ସୀମିତ ନରଖି ରାସାୟନିକ ଶିଳ୍ପ, ଔଷଧ, ଜୈବ ଉତ୍ପାଦ ଆଦିରେ ଏହାର ବ୍ୟବହାର ଦିଗରେ ନୂଆ ବିକଳ୍ପ ଚିନ୍ତା କରିବାକୁ ହେବ। ରପ୍ତାନି ବଜାରର ସମ୍ଭାବନା ମଧ୍ୟ ଖୋଜିବା ଆବଶ୍ୟକ। ଅନ୍ୟ ଦୃଷ୍ଟିରେ ଇଥାନଲ୍ ବଳକା ସମସ୍ୟା ଭାରତ ପାଇଁ ସଙ୍କଟ ସହିତ ସୁଯୋଗ ଆଣିଛି। ଇଥାନଲ୍‌କୁ କଞ୍ଚାମାଲ୍ ରୂପେ ବିଚାର କରି ବିଶ୍ୱ ବଜାରରେ ପ୍ରବେଶ କରିବା ଭାରତ ପାଇଁ ଏହା ପ୍ରକୃଷ୍ଟ ସୁଯୋଗ। ଏଥିପାଇଁ କିନ୍ତୁ ଉତ୍ପାଦର ମାନ, ମୂଲ୍ୟ, ଆନ୍ତର୍ଜାତିକ ମାନଦଣ୍ଡ ଓ ବାଣିଜ୍ୟ ନୀତି ମଧ୍ୟରେ ସମନ୍ୱୟ ଆବଶ୍ୟକ। ଏହି ନୀତିଗତ ସନ୍ତୁଳନ ଓ ସମନ୍ୱୟ ହିଁ ଭାରତର ଇନ୍ଧନ ଅର୍ଥନୀତିକୁ ଦୀର୍ଘକାଳୀନ ସମୟରେ ସଫଳତା ଦେଇପାରିବ।

ସାମ୍ପ୍ରତିକ ପୃଷ୍ଠଭୂମିରେ ଭାରତର ଇଥାନଲ୍ ନୀତିକୁ 'ଅଧିକ ଉତ୍ପାଦନ'ରୁ 'ସନ୍ତୁଳିତ ବଜାର' ଦିଗକୁ ପରିବର୍ତ୍ତନ ହେବା ଆବଶ୍ୟକ। ଭବିଷ୍ୟତର ଚାହିଦା, ଯାନବାହନ ପ୍ରଯୁକ୍ତି, ଶିଳ୍ପ ବ୍ୟବହାର ଓ ରପ୍ତାନି ସମ୍ଭାବନାକୁ ଏକାଠି ରଖି ଉତ୍ପାଦନ କ୍ଷମତାର ଯୋଜନା କରିବାକୁ ପଡ଼ିବ। ନଚେତ ସରକାରୀ ପ୍ରୋତ୍ସାହନରେ ଗଢ଼ିଉଠିଥିବା ଅନେକ କାରଖାନା ନିଜ କ୍ଷମତା ଅନୁଯାୟୀ ବଜାର ନପାଇ ଆର୍ଥିକ ଚାପରେ ରୁଗ୍‌ଣ ଶିଳ୍ପରେ ପରିଣତ ହୋଇ ଦେବାଳିଆ ହୋଇପାରନ୍ତି। ଇଥାନଲ୍ ଭାରତର ଜଳବାୟୁ ଓ ଶକ୍ତି ସୁରକ୍ଷା ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କୃଷକ, ଉପଭୋକ୍ତା, ଶିଳ୍ପ ଓ ସରକାରଙ୍କ ଆର୍ଥିକ ନୀତି ସହିତ ଏହା ସହିତ ଜଡ଼ିତ। ତେଣୁ ଆଜିର ବଳକା ସମସ୍ୟାକୁ ସାମୟିକ ବଜାର ଅସୁବିଧା ଭାବେ ନଦେଖି ଭବିଷ୍ୟତ ଇଥାନଲ୍ ନୀତିର ପୁନଃସମୀକ୍ଷାର ସଙ୍କେତ ଭାବେ ଗ୍ରହଣ କରିବା ଦରକାର। ଭାରତ ଏଥିରୁ ଶିକ୍ଷା ଲାଭ କଲେ ଭଲ। ●

# ଫୋନ ପେ ଚଡ଼କ: ଉପଭୋକ୍ତା ମଡ଼କ

ଡ. ନିରଞ୍ଜନ ସାହୁ

ପ୍ରାୟ ଦଶବର୍ଷ ତଳେ 'ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)'ଙ୍କ ଦ୍ୱାରା ଡିଜିଟାଲ ପେମେଣ୍ଟର ଯୁଗ ଆରମ୍ଭ ହୋଇଥିଲା ଭାରତରେ। ଏହାକୁ 'ୟୁନାଇଟେଡ୍ ପେମେଣ୍ଟ ଇଣ୍ଟରଫେସ'(ୟୁପିଆଇ) ବୋଲି କୁହାଯାଉଥିଲା। ମାତ୍ର ଗାଁ ଗହଳିଠାରୁ ସହରଯାଏଁ ସମସ୍ତେ 'ଫୋନ ପେ' ଭାବରେ ଏହାକୁ ଜାଣିଥିଲେ। ଏହା ଫଳରେ ଟଙ୍କା ପଇସା ବଦଳରେ ଆକାଉଣ୍ଟରୁ ଆକାଉଣ୍ଟକୁ ସହଜରେ ରାଶି ହସ୍ତାନ୍ତରିତ ହୋଇପାରିଲା, ଯାହା ଆଗରୁ କେବେ ଚିନ୍ତା କରାଯାଇନଥିଲା। କି ଦିନ କି ରାତି, କି ପର୍ବପର୍ବାଣୀ କି ଛୁଟିଦିନ ସବୁଦିନ ସବୁସମୟରେ ଟଙ୍କା ହସ୍ତାନ୍ତର ହୋଇପାରିଥିଲା। ଏହାକୁ ସ୍ୱାଧୀନୋତ୍ତର ଭାରତର ସବୁଠୁ କ୍ରାନ୍ତିକାରୀ ବାଣିଜ୍ୟିକ ପଦକ୍ଷେପ ବୋଲି ବାହାବା ନେଇଥିଲେ କେନ୍ଦ୍ରସରକାର। ଏହାର ସୁବିଧା ବଖାଣିଥିଲେ କେତେ ଆନ୍ତଃରାଜ୍ୟ ଓ ଅନ୍ତର୍ଜାତୀୟ ବୈଠକ ଓ ସମ୍ମିଳନୀରେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏଇ ଅର୍ଥକାରବାରରେ କିଛି ଦେୟ ପଡୁ ନ ଥିଲା। ମାତ୍ର ଏବେ କେନ୍ଦ୍ର ସରକାର ୟୁପିଆଇ ଦେଣନେଣରେ ଅକ୍ଟୋବର ପନ୍ଦର ତାରିଖରେ ଟିକସ ଲଗେଇବେ ବୋଲି ଘୋଷଣା କଲାଦିନରୁ ଯେତେ ବିତର୍କ ସୃଷ୍ଟି ହେଲାଣି ତାହା ଯେମିତି ମୁହେଁଇଛି ବିପରୀତ ନଦୀର ସୁଅ ପରି। ସରକାର କହୁଛନ୍ତି ଏହି ନୂଆ ମାଧ୍ୟମଟି ଏତେ ଲୋକପ୍ରିୟ ହେବା ଫଳରେ ଏଥିରେ କିପରି ସାଇବର ସୁରକ୍ଷାକୁ ଅଧିକ କଡ଼ାକଡ଼ି କରାଯାଇପାରିବ ତାହାକୁ ଧ୍ୟାନରେ ରଖାଯାଇଛି, ଯାହା ଅଧିକ ବ୍ୟୟସାପେକ୍ଷ। ଦ୍ୱିତୀୟ କଥା ହେଲା ଲୋକମାନେ ସୁବିଧାତକ ପାଇଥିବା ବେଳେ ସେଥିରେ ଯେଉଁ ଖର୍ଚ୍ଚ ହେଉଛି ତାହା ଦିନକୁ ଦିନ ଭରଣା କରିବା ଦରକାର ପଡୁଛି। ମୋଟ କାରବାରର ଶତକଡ଼ା ଛୟାନବେ ଭାଗ ଦୁଇହଜାର ଟଙ୍କାରୁ କମ୍ ଦେୟ ବିଶିଷ୍ଟ କାରବାର ହୋଇଥିବାରୁ ଗରିବ ଖାଉଟିମାନଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ମାତ୍ର ତା'ଠାରୁ ଅଧିକ ଦେୟ ବିଶିଷ୍ଟ କାରବାରରେ ଶତକଡ଼ା ଶୂନ୍ୟ ଦଶମିକ ଚାରି ହିସାବରେ ଟିକସ ଦେବାକୁ ପଡ଼ିବ।

ସବୁବେଳେ ସରକାରୀ ହିସାବଗୁଡ଼ିକ ବାହାରକୁ ଚକାଚକ ଲାଗେ। ମାତ୍ର ଯଦି ପ୍ରଶ୍ନ କରାଯାଏ ଶହେରୁ ଚାରିପ୍ରତିଶତ ଦୁର୍ଘଟଣା ହେଲେ ତାହାକୁ କେହି ନିରାପତ୍ତାର ପ୍ରମାଣପତ୍ର ବୋଲି ଗ୍ରହଣ କରିବେ କି? ଦ୍ୱିତୀୟତଃ, ବ୍ୟବସାୟୀମାନେ ଅଧିକ ଖର୍ଚ୍ଚକୁ ଭରଣା କରିବେ ବୋଲି ସରକାରୀ କୈଫିୟତ ଗ୍ରହଣଯୋଗ୍ୟ ଲାଗୁନାହିଁ। ଏହାଫଳରେ ବ୍ୟବସାୟୀମାନେ ପରୋକ୍ଷରେ ପୁଣି ୟୁପିଆଇକୁ ଶୀତଳଭଣ୍ଡାରରେ ରଖି ଆଉ ଥରେ ନଗଦ ଟଙ୍କା ବ୍ୟବହାରକୁ ଆପଣେଇବେ ବୋଲି ଇଙ୍ଗିତ ଦେଲେଣି। ଅର୍ଥାତ୍, ବାରବର୍ଷର ତପସ୍ୟା ପୁଣି ଶୁଖୁଆପୋଡ଼ାରେ ଯିବାକୁ ବସିଛି। ଯାହାପାଇଁ କେନ୍ଦ୍ର ସରକାର ଏତେ ପ୍ରଶଂସା ଗୋଟାଉଥିଲେ ତାହାର ଗୁମର ପଦାରେ ପଡ଼ିଛି। ଗତବର୍ଷ ଏପରି ସମ୍ଭାବନା ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ହେଲାପରେ ସ୍ପଷ୍ଟୀକରଣ ଦେଇ କେନ୍ଦ୍ର ଅର୍ଥମନ୍ତ୍ରୀ ତାହା ଗୁଜବ ବୋଲି ଘୋଷଣା କରିଥିଲେ। ମାତ୍ର ଏବେକାର ସରକାରୀ ଘୋଷଣା ପ୍ରମାଣ କରିଦେଲା ଯେ ତାଙ୍କ କଥାରେ ବାସ୍ତବତା କେତେ।

କିଛିବର୍ଷ ତଳେ ଆମ୍ବାନୀ ପରିଚାଳିତ ରିଲାଏନ୍‌ସ ଟେଲିକମ୍ ସେକ୍ଟରକୁ ପ୍ରବେଶ କଲା ବେଳେ ଗୋଟିଏ ନୂଆ ନାମ ବାଛିଥିଲେ। ତାହା ଥିଲା ଜିଓ। ଉପଭୋକ୍ତାଙ୍କର ମନ ଜିତିବା ପାଇଁ ପ୍ରଥମେ ସେମାନେ ବର୍ଷକ ପାଇଁ ବିନା ଶୁଳ୍କରେ ସୁବିଧା ପ୍ରଦାନ କରିଥିଲେ। ମୋବାଇଲ ଫୋନ୍‌ରେ ବିନା ଖର୍ଚ୍ଚରେ ସୁବିଧାତକ ଉପଲବ୍ଧି କରିବା ଥିଲା ଗ୍ରାହକଙ୍କ ପାଇଁ ଅତିଖୁସିର ସମୟ। କ୍ରମେ ଯେତେବେଳେ ସେମାନେ ବ୍ୟବହାରର ଉପାଦେୟତା ବୁଝିଲେ ଆଉ ତାହାକୁ ଛାଡ଼ିବା ଥିଲା ଏକରକମର ଅସମ୍ଭବ। ସେତିକିବେଳେ ରିଲାଏନ୍‌ସ ଜିଓ ତାଙ୍କର ଅସଲ ରୂପ ଦେଖେଇଲେ ଶୁଳ୍କ ବଢ଼ାଇ। ଅଭ୍ୟାସ ବଦଳେଇ ପାରି ନ ଥିଲେ ଉପଭୋକ୍ତାମାନେ ଏବଂ କିଛିକାଳ ଏକଚାଟିଆ କାରବାର କରିବାର ସୁଯୋଗ ପାଇଲା ଜିଓ। ବର୍ତ୍ତମାନର କେନ୍ଦ୍ର ସରକାର ଭାବୁ ନାହାନ୍ତି ତ ୟୁପିଆଇର ସୁବିଧା ଦଶବର୍ଷ କାଳ ଉପଯୋଗ କରିବା ଭିତରେ ସମଗ୍ର ଦେଶର ଉପଭୋକ୍ତାମାନେ ଏକଦମ ଅଭ୍ୟାସରେ ପଡ଼ିଯାଇଛନ୍ତି? ଆଉ ଏତିକି ବେଳେ ତା'କୁ ଦେୟଯୁକ୍ତ କଲେ ସେମାନେ ସେଥିରୁ ଆଉ ନିଜକୁ ମୁକୁଳେଇ ପାରିବେ ନାହିଁ। ଅକ୍ଟୋପସର ପଞ୍ଝା ଭିତରେ ଶିକାର ଥରେ ପଶିଗଲେ କିମ୍ବା ବୁଢ଼ିଆଣୀର ଜାଲ ଭିତରୁ କୌଣସି କୀଟପତଙ୍ଗ ଯେମିତି ଫେରିପାରେ ନାହିଁ, ସେମିତି ଅବଶ୍ୟାମ୍ଭାବୀ ପରିସ୍ଥିତି ହେବନାହିଁ ତ!

ଦଶବର୍ଷ ତଳେ ଯେତେବେଳେ ପ୍ରଥମେ ୟୁପିଆଇର ପ୍ରଚଳନ ହେଲା ସେତେବେଳେ ବର୍ଷକୁ ହୁଏତ ଦଶକୋଟି ଟଙ୍କାର କାରବାର ହୋଇଥିଲା। ମାତ୍ର ଗତ ମାସରେ (ଅଗଷ୍ଟ୨୦୨୬) ଏହା ମାଧ୍ୟମରେ ଯେଉଁ ଅସୀମ ରାଶିର କାରବାର ହୋଇଛି, ତାହାର ପରିମାଣ ତିରିଶ ଲକ୍ଷ କୋଟି ଟଙ୍କା ପାଖାପାଖି। ୟୁପିଆଇ ଫଳରେ ବାଣିଜ୍ୟ ବ୍ୟବସାୟ ମାତ୍ରାଧିକ ଭାବରେ କାୟାବିସ୍ତାର କରିଛି ଏବଂ ସାରା ପୃଥିବୀରେ ଏଇ ମୁଦ୍ରାବିହୀନ କାରବାର ବିକଶିତ ଦେଶସମୂହକୁ ବି ସ୍ତବ୍ଧ କରିଛି। କ୍ରମବର୍ଦ୍ଧିଷ୍ଣୁ ଏହି ଡିଜିଟାଲ ଭିତ୍ତିଭୂମିକୁ ସମୟ ଉପଯୋଗୀ, ବିଶ୍ୱସନୀୟ ଓ ବିଶ୍ୱସ୍ତରୀୟ ଭାବରେ କ୍ରମାଗତ ବଢ଼େଇ ରଖିବା ଏକ ପ୍ରଚଣ୍ଡ ଆହ୍ୱାନ। ତା' ସାଙ୍ଗକୁ ଆଧୁନିକ ଯୁଗରେ ସାଇବର ଠକମାନଙ୍କ ହାବୁଡ଼ରୁ ସାଧାରଣ ଗ୍ରାହକକୁ ରକ୍ଷା କରିବା ମଧ୍ୟ ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା ବହୁ ଅର୍ଥ ଆବଶ୍ୟକ କରେ ଏଥିସହିତ ସଂଯୁକ୍ତ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପର୍କିତ ଖର୍ଚ୍ଚ ଭରଣା କରିବାକୁ। ତେଣୁ ଏହି ପ୍ରଯୁକ୍ତି ବିଦ୍ୟାକୁ କ୍ରମାଗତ ଚଳେଇ ରଖିବା ପାଇଁ ବହୁ ଅର୍ଥର ଆବଶ୍ୟକତା ରହିଛି - ଏହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଏଥିରେ କେତେ ଅର୍ଥର ଆବଶ୍ୟକତା ତାହା ସରକାରଙ୍କ ତରଫରୁ କେବେ ପ୍ରକାଶିତ ହୋଇନାହିଁ। ମାତ୍ର ଯେଉଁ ଦେୟ 'ମର୍ଚ୍ଚାଣ୍ଟ ଡିଫେରେନ୍ସିଆଲ୍ ରେଟ୍(ଏମ୍‌ଡିଆର)' ଭାବରେ ବ୍ୟବସାୟୀଙ୍କଠାରୁ ଆଦାୟ କରାଯିବ ତାହା ଏକ ଆକଳନ ଅନୁଯାୟୀ ବାର୍ଷିକ ପନ୍ଦରରୁ ଷୋହଳ ହଜାର କୋଟି ଟଙ୍କା। ବ୍ୟବସାୟୀମାନେ ଏହି ଅତିରିକ୍ତ ଦେୟ ପାଇଁ କାଳେ ଜିନିଷର ଦରବୃଦ୍ଧି କରିବେ, ସେଥିରେ ସରକାର ତୀକ୍ଷ୍ଣ ନଜର ରଖିବେ, ଏହା ମଧ୍ୟ ଖର୍ଚ୍ଚର ପରିମାଣକୁ ବଢ଼ାଇପାରେ।

ମାଗଣା ଖାଇଲେ ଏକରକମର ପରଜୀବୀ ମନୋଭାବ ସୃଷ୍ଟି ହୁଏ। ଏହାସବୁ ଅର୍ଥନୀତିକଙ୍କ ମତ। ତା'ର ନିରାକରଣ କରିବାକୁ କ'ଣ ସରକାର ଆଗ୍ରହୀ? ଏହା ଯଦି ସତ ହୋଇଥାଏ ତା'ହେଲେ ପିଏମ୍‌କିଷାନ ଯୋଜନା, ଅନ୍ତ୍ୟୋଦୟ ଅନ୍ନ ଯୋଜନା, ସୁଭଦ୍ରା ଯୋଜନା ପରି ଆହୁରି ଅନେକ ଯୋଜନା ନାଁରେ ସରକାର ଯେଉଁ ମାଗଣା ଟଙ୍କା ଓ ଖାଦ୍ୟଦ୍ରବ୍ୟ ବଣ୍ଟନ କରୁଛନ୍ତି ତାହା କ'ଣ ବନ୍ଦ କରିବେ? ଯଦି ଭୋଟ ରାଜନୀତିର ବାଧ୍ୟବାଧକତା ତାଙ୍କ ବାଟ ଓଗାଳୁଥାଏ, ତା'ହେଲେ ୟୁପିଆଇ କାରବାର ନାଁରେ ସାମାନ୍ୟ ଅର୍ଥ ସରକାର ପାଇଲେ ମଧ୍ୟ ତାହା ତାଙ୍କର ଜନପ୍ରିୟତାକୁ ଭାଙ୍ଗି ଦେବ ନାହିଁ ତ!

ସରକାର ପ୍ରଥମରୁ କିଛି ସତର୍କତା ଅବଲମ୍ବନ କରିଛନ୍ତି ବୋଲି କୁହାଯାଇପାରିବ। କାରଣ ସବୁ କାରବାର ଉପରେ ବ୍ୟବସାୟୀମାନଙ୍କ ମୁନାଫାରୁ ଏଇ ଦେୟ ଭରଣା ହେବ ବୋଲି କହିବା ବେଳେ ଦୁଇ ହଜାର ଟଙ୍କାରୁ କମ୍ କାରବାର ଉପରେ କୌଣସି ଦେୟ ପଡ଼ିବ ନାହିଁ ବୋଲି କୁହାଯାଇଛି ଏବଂ ଏହା ସର୍ବାଧିକ ତିନିଶହଟଙ୍କାରେ ସୀମିତ ରହିବ ବୋଲି କୁହାଯାଇଛି। ବ୍ୟକ୍ତି-ବ୍ୟକ୍ତିଙ୍କ ଭିତରେ କାରବାରକୁ ଏମ୍‌ଡିଆର ଭିତରେ ଅନ୍ତର୍ଭୁକ୍ତ କରାଯାଇନାହିଁ ଏବଂ ରେଳଟିକଟ, ଟେଲିଫୋନ୍ ଦେୟ, ବିଜୁଳି ଓ ପାଣି ଦେୟକୁ ମଧ୍ୟ ଏହାର ପରିସର ବାହାରେ ରଖାଯାଇଛି। ତୈଳ (ପେଟ୍ରୋଲିୟମ୍) କ୍ରୟ ବେଳେ ପ୍ରତି କାରବାରରେ ମାତ୍ର ପାଞ୍ଚଟଙ୍କା ଦେୟ ନିଆଯିବ ବୋଲି ପ୍ରକାଶିତ ବିଜ୍ଞପ୍ତିରୁ ସୂଚିତ ହୋଇଛି। ମାତ୍ର ଏହା ଲୋକଙ୍କ ଭିତରେ ସୃଷ୍ଟି କରିଛି ଭୟ। 'ଅଙ୍ଗୁଳି ପ୍ରବେଶାତ୍ ବାହୁ ପ୍ରବେଶ' ନ୍ୟାୟରେ ଏବେ ଥରେ ଶୁଳ୍କ ଆଦାୟ ଅନାସକ୍ତ ଭାବରେ କରି ପରେ ତାକୁ ପ୍ରସାରିତ କରିବେ ନାହିଁ ତ ସରକାର? ବ୍ୟବସାୟୀମାନେ କ'ଣ ସତରେ ତାଙ୍କର ଲାଭାଂଶରୁ ଏଇ ଦେୟ ଦେବେ ଏକଥା ସାଧାରଣ ଲୋକଙ୍କ ମଗଜକୁ ପଶୁନାହିଁ।

ଏହା ଯଦି ସରକାରଙ୍କ ଏକ ବିଶେଷ ଲୋକପ୍ରିୟ କାର୍ଯ୍ୟ ଏହାକୁ ଅନ୍ୟ କୌଣସି ଦିଗରୁ ଭରଣା କରାଯାଇ ପାରନ୍ତା। ସରକାରୀ ବିଜ୍ଞାପନ ନାଁରେ ଶହଶହ କୋଟି ଖର୍ଚ୍ଚ କରୁଥିବା ବେଳେ ବହୁ ସଭାସମିତି ନାଁରେ ଅନେକ ଅପବ୍ୟୟ କରୁଛନ୍ତି ବୋଲି ସାଧାରଣ ଲୋକଙ୍କ ଧାରଣା। ଲୋକଙ୍କ ଭିତରେ ଭୟ ଦୂର କରି ସେମାନଙ୍କ ବିଶ୍ୱାସଭାଜନ ହେଲେ ଯାଇ ଏଇ ଦେୟମୁକ୍ତ ବ୍ୟବସ୍ଥା ହୁଏତ ଚଳିପାରେ। ତା' ନହେଲେ ଏହା ସରକାରଙ୍କ ପାଇଁ ଏକ ଡେମୋକ୍ଲିସ୍ ଖଣ୍ଡା ପରି ଉଭା ହେବ। ●

(ପୂର୍ବତନ ପ୍ରଶାସକ)
ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

# ମାଗଣାଖିଆ ବନାମ ଲୁଟେରା

ଜଗନ୍ନାଥ ବେହେରା

ଏବେ ଖାଲି ଚାରିଆଡ଼େ ଫ୍ରି। ଆଗରୁ କାନ ଶୁଣୁଥିଲା ଶାଗଖିଆକୁ ଦେଖି ସହି ପାରେନା ପେଜ ଖିଆ। ଏବେ ଶୁଣୁଛୁ 'ମାଗଣାଖିଆ'କୁ ଦେଖି ସହି ପାରୁନାହାନ୍ତି 'କିଣିଖିଆ'। କେମିତି ସହିବ! ଜଣେ କିଣି ଖାଇବି, ଆଉ ଆଉଜଣେ ମାଗଣା? ଲୋକ କହୁଛନ୍ତି ସବୁ ଅଳସୁଆ ହୋଇଗଲେ। ସରକାର ଏବେ ଅଡୁଆରେ। ଦେଲେ ମଲେ ନ ଦେଲେ ତିନି ପାଞ୍ଚିରୁ ଗଲେ। କିନ୍ତୁ ମାଗଣା ମିଳୁଛି କେତେ? ବଳକା ହେଉଛି ନା କିଛି ନିଅଣ୍ଟ? ଲୋକ ତ କହିବେ। କାହା କଥା କାହିଁକି ଶୁଣିବା? ପରୀକ୍ଷାନିରୀକ୍ଷା କରି ଦେଖିବା ସତ କେତେ ମିଛ କେତେ।



ଜଣେ ଖଟାଉଛି କେବଳ ମୁଣ୍ଡ। କିନ୍ତୁ ଗରିବ ଖଟାଉଛି ସାରା ଦେହ। ଜଣେ ଏସିରେ ବସୁଛି ଆଉଜଣେ ଗଛ ଛାଇକୁ ଆଦରି ନେଇଛି। ଜଣେ ଥଣ୍ଡା ପାଣି ପିଉଛି ଆଉଜଣେ ମୁଣ୍ଡ ଝାଳ ତୁଣ୍ଡେ ଦେଉଛି। ଜଣେ ଛ କୁ ନ କରି ପାରୁଛି ଆଉଜଣେ କିନ୍ତୁ ଛ ନ ବୁଝି ପାରୁନି। ଜଣେ ଅନ୍ଧାରି ବେପାର ଆଉଜଣଙ୍କର ଦିନ ଦିପ୍ରହରରେ କାରବାର। ଜଣେ ଗୋଡ଼ି ମିଶେଇ ଚାଉଳ ଦେଉଛି ଆଉଜଣେ ଗୋଡ଼ି ବାଛି ଖାଉଛି। ଜଣେ ମଦ ବିକି ବିକି ଧନୀ ଆଉଜଣେ ପି ପି ଦରିଦ୍ର। ଜଣେ ସିଗାରେଟ ବିକି ବିକି ପ୍ଲେନରେ ଆଉଜଣେ ଯକ୍ଷ୍ମାରେ ପଡ଼ି ବେଡରେ। ଜଣେ କଥା କହି କହି ନେତା ମନ୍ତ୍ରୀ ଆଉଜଣେ ଶୁଣି ଶୁଣି ଭକୁଆ ଉଲା। ନେତା ହୋଇ ଜଣେ ଦରମା ନିଏ ଆଉଜଣେ ଶ୍ରୋତା ହୋଇ ଡାଲମା ଭାତରେ ଶାନ୍ତି ହୁଏ। ଜଣେ ସାହୁକାର ଆଉଜଣେ ନୌକର। ଜଣେ ନିର୍ଦ୍ଦେଶନା ଦଉଛି ଆଉଜଣେ ନାଚୁଛି। ଜଣେ ଶୁଏ ହାତିଦାନ୍ତ ପଲଙ୍କ ଡନଲପରେ ଆଉଜଣେ ଇଟା ତକିଆ ଦେଇ ମାଟିରେ। ଜଣେ ନିଦ୍ରା ବିମୋହିତ ଆଉଜଣେ ରାତିଦିନ ଅନିଦ୍ରା। ଜଣେ କାର ଚଢୁଛି ଆଉଜଣେ ରିକ୍ସା ଟାଣୁଛି। ଜଣଙ୍କର ମଟର ସାଇକେଲ,ଆଉଜଣଙ୍କର ସାଇକେଲ। ଜଣଙ୍କର ମେଢ଼ ଉପରେ ମେଢ଼ ଆଉଜଣଙ୍କର ରଙ୍ଗଛଡ଼ା ଇନ୍ଦିରା ଆବାସ। ଜଣଙ୍କର ଗୋଟାଏ ପୁଅ ଆଉଜଣଙ୍କର ପୁଞ୍ଜାଏ। ଜଣଙ୍କର ଦିଟା ରୁଟି ଘିଅ ସାଙ୍ଗରେ ଆଉଜଣଙ୍କର ମୁଠାଏ ଭାତ ତୋରାଣି ସାଥିରେ। ଜଣଙ୍କର କଲିଜା ମାଉଁସ ଆଉଜଣଙ୍କର ମୁଣ୍ଡ ଗୋଡ଼। ଜଣଙ୍କର ବ୍ୟାଙ୍କ ବାଲାନ୍ସ ଆଉଜଣଙ୍କର ଜନଧନ। ଜଣଙ୍କର ପେଟ ଉପରେ ପେଟ ଆଉଜଣଙ୍କର ପେଟପିଠି ସରଳ। ଜଣେ ଜନ୍ମ ହୋଇଛି ସୁନାର ଚାମଚ ଧରି ଆଉଜଣେ ବୁଢ଼ା ଆଙ୍ଗୁଠି ପାଟିରେ ଦେଇ। ଜଣଙ୍କର ଘର ଦ୍ୱାର ସହର ମଧ୍ୟରେ ଆଉଜଣଙ୍କର ଗାଁ ମୁଣ୍ଡରେ। ଜଣଙ୍କ ଦାଣ୍ଡରେ ଚିକ୍କଣ ଚକ ଚକ କଂକ୍ରିଟ ରୋଡ୍ ଆଉଜଣଙ୍କର ଦୁଆରେ ଆଁଠୁଏ କାଦୁଅ। ଜଣେ ଲଢ଼େ ମଣିଷ ସଙ୍ଗେ ଆଉଜଣେ ବାଘ ଭାଲୁ ସାଥିରେ। ଜଣେ ଖାଏ ଚିକେନ ମଟନ ଅଣ୍ଡା, ଆଉଜଣେ ଭାଜି ଖାଏ ଦିଟା କୂଜି ଗେଣ୍ଡା। ଜଣେ ଟିକସ ଫାଙ୍କେ ଆଉଜଣେ ଜିଏସଟି ଭରେ। ଜଣଙ୍କର ପିଲେ ପ୍ରାଇଭେଟ ସ୍କୁଲରେ ଆଉଜଣଙ୍କର ସରକାରୀ ଗୁହାଳରେ। ଜଣଙ୍କର ପୁଅ ଡୋନେଶନ ଦେଇ ଡାକ୍ତର ଆଉଜଣଙ୍କର ପୁଅ ଦେଇ ନପାରି ଝାଡୁଦାର। ଜଣଙ୍କର ପୁଅ କୋଚିଂ ନେଇ ଆଇଏଏସ୍ ଆଉଜଣଙ୍କର ପୁଅ ଗାଁରେ ପଢ଼ି ପିଅନ। ଜଣେ ଚିକିତ୍ସା ପାଏ ବିଦେଶରେ ଆଉଜଣେ ଗଛ ମୂଳ ଚେର ଖାଏ। ଜଣେ ମାଗୁଛି ଚୁପଚାପ ଟେବୁଲ ତଳେ ଆଉଜଣେ ମାଗେ ପାଟି କରି। ଜଣେ ଛୁରୀ ଭୁଜାଲି ଦେଖାଇ କୋଟି କୋଟି ଆଉଜଣେ ହାତ ପାତି ମାଗେ ଚାଉଳ ମୁଠାଟି। ଜଣେ କିଣି ଖାଏ ଆଉଜଣେ ମାଗଣା ଖାଏ।

ଏବେ କୁହ। କଥା କଥାରେ ଜଣକୁ ଅଙ୍ଗୁଠି ଦେଖାଇବା କେତେ ଦୂର ଠିକ। କ୍ରେତା ଥିଲେ ତ ବିକ୍ରେତା ରହିବ। ସମୟ ପରିସ୍ଥିତି ଆଉ ପରିଶ୍ରମ ହିଁ ସବୁରି ମୂଳ କାରଣ। ରାଜା ହରିଶଚନ୍ଦ୍ର ଦିନେ ମାଗଣା ଖାଉଥିଲେ। ପଞ୍ଚୁ ପାଣ୍ଡବ ଦିନେ ପାଞ୍ଚ ପଡ଼ା ମାଗିଥିଲେ। ରାଜା ଶାସନ ବେଳେ ମନ୍ଦିର ପୂଜାରୀ କୁ ଫ୍ରି। ମନ୍ତ୍ରୀକୁ ଫ୍ରି। କବି ଲେଖକକୁ ଫ୍ରି। ବନ୍ୟା ହେଲେ ମରୁଡ଼ି ପଡ଼ିଲେ ଫ୍ରି। କରୋନା ସମୟରେ ଅନେକ ଉଦାହରଣର ଏହି ଆଖି ସାକ୍ଷୀ ଅଛି। ସୃଷ୍ଟି ଆରମ୍ଭରୁ ଏମିତି ଗୋଟିଏ ଭାରସମ୍ୟ ରକ୍ଷା ହୋଇ ଆସିଛି। ସବୁ ମାଗଣା ଖିଆ ଯଦି କିଣି ଖିଆ ହୋଇଯିବେ ଚାଷ କିଏ କରିବ? ଇଟା କିଏ ପୋଡ଼ିବ। ରାସ୍ତାରେ କଂକ୍ରିଟ ପଡ଼ିବ କେମିତି? ଘର ତିଆରି କରିବ କିଏ? ଜଙ୍ଗଲ ସାରା ଯଦି ବାଘ ରହିବ, ସମୁଦ୍ର ସାରା ଯଦି ବଡ଼ ମାଛ ରହିବ, କେବଳ ଯଦି ଧାରାଶ୍ରାବଣରେ ହିଁ ଖରା ହେବ ସଂସାର ଚାଲିବ ତ?

ଗରିବ ଭାଇ ଦିଟା ଚାଉଳ, ଟିକେ କରେଣ୍ଟ, ଖଣ୍ଡେ ମୋବାଇଲ, ଗୋଟେ ସାଇକେଲ ନେଇ ଗଲେ କ'ଣ କୋଷ ଖାଲି ହେଇଯାଇଛି? ଆଜି ନହେଲେ କାଲି କିଛି ଗୋଟାଏ ସ୍ଥାୟୀ ସମାଧାନ ନିଶ୍ଚୟ ହେବ। କିଛି କିଛି ବି ଘଟିଲାଣି। ସମୟ ଅନୁସାରେ କମି କମି ଆସୁଛି। ଯେମିତି ଆଜିକାଲି ଭିକାରି ସଂଖ୍ୟାରେ ବିରାଟ ପରିବର୍ତ୍ତନ ଘଟିଛି। କିନ୍ତୁ ଏମିତି ଏ ଫ୍ରି ରାଜନୀତି କେତେ ଦିନ? ●

ନବରଙ୍ଗପୁର, ମୋ: ୯୪୩୭୭୮୫୧୫୮

# ପତ୍ନୀ ରଥୀ, ପତି ସାରଥି

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଦ୍ୱାପର ଯୁଗର କଥା। ସେତେବେଳେ ସାରାସଂସାରରେ ଗଦାଯୁଦ୍ଧରେ ପ୍ରଭୁ ବଳରାମଙ୍କ ସମକକ୍ଷ ଯୋଦ୍ଧା କେହି ନ ଥିଲେ। ତେଣୁ କୌରବ ରାଜକୁମାର ଦୁର୍ଯ୍ୟୋଧନ ତାଙ୍କୁ ଗୁରୁପଦରେ ବରଣ କରି ଗଦା ଯୁଦ୍ଧ ଶିକ୍ଷା କରିଥିଲେ ଏବଂ ସେଥିରେ ପାରଦର୍ଶିତା ଲାଭ କରି ଥିଲେ। ପ୍ରଭୁ ବଳରାମ ତାଙ୍କୁ ବହୁତ ଭଲ ପାଉଥିଲେ। ରାଜା ଧୃତରାଷ୍ଟ୍ର ସେସମୟରେ ପିତାମହ ଭୀଷ୍ମଙ୍କ ବାହୁବଳରେ ଭାରତର ରାଜଚକ୍ରବର୍ତ୍ତୀ ଥିଲେ। ଦୁର୍ଯ୍ୟୋଧନ ଥିଲେ ତାଙ୍କର ଜ୍ୟେଷ୍ଠ କୁମାର। ତେଣୁ ବଳରାମ ନିଜର ଭଉଣୀ ସୁଭଦ୍ରାଙ୍କ ସହ ତାଙ୍କର ବିବାହ କରିବା ପାଇଁ ସ୍ଥିର କରି ସେ ବିଷୟରେ ପରିବାରର ବଡ଼ମାନଙ୍କର ସମ୍ମତି ହାସଲ କରିନେଲେ। କିନ୍ତୁ ଶ୍ରୀକୃଷ୍ଣ ଓ ତାଙ୍କ ରାଣୀମାନେ ଜାଣିଥିଲେ ଯେ ସୁଭଦ୍ରା ମଧ୍ୟମପାଣ୍ଡବ ଅର୍ଜୁନଙ୍କୁ ଭଲ ପାଉଥିଲେ। ଧନୁର୍ଦ୍ଧର ଓ ସୌମ୍ୟ ଦର୍ଶନ ଶ୍ରୀକୃଷ୍ଣଙ୍କର ପ୍ରିୟ ସଖା ଥିଲେ ଏବଂ ତାଙ୍କର ପିଉସୀ ପୁଅ ଭାଇ ଥିଲେ। ତେଣୁ ଦ୍ୱାରକା ରାଜପ୍ରାସାଦକୁ ତାଙ୍କର ଅବାଧ ଯିବାଆସିବା ଥିଲା। ଶ୍ରୀକୃଷ୍ଣ ସେ ଦୁଇ ଜଣଙ୍କ ବିବାହ କରାଇବା ପାଇଁ ଚାହୁଁଥିଲେ। କିନ୍ତୁ ରକ୍ଷଣଶୀଳ ଓ କ୍ଷଣକୋପୀ ବଡ଼ଭାଇଙ୍କ ନିଷ୍ପତ୍ତି ବିରୁଦ୍ଧରେ ଯିବାକୁ ସେ ଚାହୁଁ ନ ଥିଲେ।

ସୁଭଦ୍ରାଙ୍କ ସହ ଦୁର୍ଯ୍ୟୋଧନଙ୍କ ବିବାହର ଦିନ ସ୍ଥିର ହୋଇଗଲା। ଦିନେ ସୁଭଦ୍ରା ନିଭୃତରେ ଅର୍ଜୁନଙ୍କ ପାଖକୁ ଯାଇ ତାଙ୍କୁ ନେଇ ଚାଲି ଯିବାକୁ ଅଳି କଲେ। ଏହା ଶୁଣି ଅର୍ଜୁନ ଅନେକ ଚିନ୍ତା କଲା ପରେ କହିଲେ, 'ଦେବୀ! ମୁଁ ସଖା ଶ୍ରୀକୃଷ୍ଣଙ୍କୁ ଯେତିକି ଭଲ ପାଏ, ଭାଇ ବଳରାମଙ୍କୁ ସେତିକି ସମ୍ମାନ କରେ। ତାଙ୍କ ଇଚ୍ଛା ବିରୁଦ୍ଧରେ ଯିବା ମୋ ପକ୍ଷେ ଅସମ୍ଭବ। ତାଙ୍କର ଅସନ୍ତୋଷ ଆମର ଦାମ୍ପତ୍ୟ ଜୀବନକୁ କେବେ ହେଲେ ସୁଖମୟ କରିବ ନାହିଁ।' ଏହାପରେ ସୁଭଦ୍ରା ସାନ ଭାଇଙ୍କ ପାଖକୁ ଯାଇ ମନକଥା କହିଲେ। ଗୋବିନ୍ଦ ମନ୍ଦ ମନ୍ଦ ହସି କହିଲେ, 'ସୁଭଦ୍ରା! ଅର୍ଜୁନ ଠିକ କହୁଛି। ସେ କ'ଣ, ମୁଁ ମଧ୍ୟ ବଡ଼ଭାଇଙ୍କ ନିଷ୍ପତ୍ତି ବିରୁଦ୍ଧରେ ଯିବା ପାଇଁ ପ୍ରସ୍ତୁତ ନାହିଁ। କିନ୍ତୁ ଗୋଟିଏ ବାଟ ଅଛି। ତୁ ତ ରଥ ଚାଳନାରେ ଧୂରନ୍ଧର। ତୁ ଅର୍ଜୁନକୁ ଅପହରଣ କରିବାର ନାଟକ କରିବୁ। ଆଜି ରାତିରେ ତାକୁ ନେଇ ରଥରେ ଦ୍ୱାରକା ସୀମା ବାହାରକୁ ଚାଲି ଯିବୁ ଏବଂ ଗୋପନରେ ବିବାହ କରି ନେବୁ। ଏଥିରେ ଦୋଷୀ ହେବୁ ତୁ। କିନ୍ତୁ ଭାଇ ତୋତେ ଭଲ ପାଉଥିବାରୁ କିଛିଦିନ ଅନ୍ତେସେ ତୋର ବିବାହକୁ ସ୍ୱୀକାର କରି ନେବେ। ସେ ଦାୟିତ୍ୱ ମୋ ଉପରେ ଛାଡ଼ି ଦେ। ଆଉ ଗୋଟେ କଥା। ତୁ ଆଜି ସାରଥି ହେବୁ ଆଉ ଅର୍ଜୁନ ରଥୀ ହେବ। ତା'କୁ କହିବୁ କଳିଯୁଗରେ ସେ ତୋର ଏ ଋଣ ପରିଶୋଧ କରିବ। ସେତେବେଳେ ଆମେ ଭାଇ ଓ ସୁଦର୍ଶନଙ୍କ ସହ ନୀଳାଚଳରେ ଆରାଧିତ ହେବା। ଆଷାଢ଼ ମାସରେ ଆମେ ନବ ଦିନ ପାଇଁ ଗୁଣ୍ଡିଚା ମନ୍ଦିରକୁ ରଥରେ ଯାତ୍ରା କରିବା। ସେତେବେଳେ ଅର୍ଜୁନ ତୋ ରଥର ସାରଥି ଦାୟିତ୍ୱ ନିର୍ବାହ କରିବ।'

ସେଦିନ ରାତିରେ ସୁଭଦ୍ରା ଅର୍ଜୁନଙ୍କୁ ଅପହରଣ କରିବାର ନାଟକ ଦ୍ୱାରକାରେ ଅଭିନୀତ ହେଲା। ସକାଳକୁ ରାଜମହଲରେ ସୁଭଦ୍ରା ନ ଥିଲେ ଏବଂ ଅତିଥି ଭବନରେ ଅର୍ଜୁନ ନ ଥିଲେ। ଲୋକେ କୁହା କୁହି ହେଲେ ଯେ ଅର୍ଜୁନ ସୁଭଦ୍ରାଙ୍କୁ ଅପହରଣ କରି ନେଇଗଲେ। ଖବରଟା ପ୍ରଭୁ ବଳରାମଙ୍କ ଶ୍ରୀଅଙ୍ଗରେ ନିଆଁ ଲଗେଇ ଦେଲା। ସେତତ୍‌କ୍ଷଣାତ୍ ଭାବି ନେଲେ ଯେ ଏ ଘଟଣା ପଛରେ ନିଶ୍ଚୟ କାହ୍ନାର ହାତ ଅଛି। କାରଣ ସେ ଜାଣିଥିଲେ ଯେ କାହ୍ନା ଅର୍ଜୁନକୁ ଯେତିକି ଭଲ ପାଉଥିଲେ, ତା' ଠାରୁ ବେଶୀ ଦୁର୍ଯ୍ୟୋଧନକୁ ନାପସନ୍ଦ କରୁଥିଲେ। ତେଣୁ କାହ୍ନା ପାଖକୁ ଯାଇ କ୍ରୋଧିତ ହୋଇ ଏ ବିଷୟରେ ପଚାରିବାରୁ ଶ୍ରୀକୃଷ୍ଣ କହିଲେ, ଭାଇ! ଅର୍ଜୁନ ସୁଭଦ୍ରାକୁ ନୁହେଁ, ସୁଭଦ୍ରା ଅର୍ଜୁନକୁ ଅପହରଣ କରିଛି। ଆପଣ ଧ୍ୟାନ ବଳରେ ଦେଖିଲେ ସବୁ ଜାଣି ପାରିବେ।' ପ୍ରଭୁ ବଳରାମ ଧ୍ୟାନସ୍ଥ ହେଲେ। ତା' ପରେ କହିଲେ, 'ଆରେ ସତେ ତ! ସୁଭଦ୍ରା ବିଜୁଳି ରଥ ଚାଳନା କରୁଛି ଓ ଅର୍ଜୁନ ଚୁପଚାପ ରଥରେ ବସିଛି। କିନ୍ତୁ ଏ ସବୁ ତୋରି ବୁଦ୍ଧି, ତୋରି କାଣ୍ଡ। ଜଣେ ବର୍ତ୍ତମାନ କୌରବମାନଙ୍କୁ ମୁହଁ ଦେଖେଇବି କେମିତି?' ଶ୍ରୀକୃଷ୍ଣ କହିଲେ, 'ଭାଇ! ସୁଭଦ୍ରା ଅର୍ଜୁନକୁ ଭଲପାଏ। ସେ ଦୁର୍ଯ୍ୟୋଧନକୁ ବିବାହ କରିବାକୁ ଚାହେଁନାହିଁ। ଆମର ଏକ ମାତ୍ର ଭଉଣୀର ଖୁସି ଆମର ଖୁସି ନା ନାହିଁ? ଆପଣ ସୁଭଦ୍ରାକୁ କେତେ ଭଲପାଆନ୍ତି ସେକଥା ସେ ଓ ମୁଁ ଜାଣୁ। ଆମେ ଜାଣୁ ଆପଣ ତା'କୁ କ୍ଷମା କରିଦେବେ।' ବଡ଼ଭାଇ ବୁଝିଗଲେ। ଅର୍ଜୁନଙ୍କ ସହ ସୁଭଦ୍ରାଙ୍କ ବିବାହ ସଂପନ୍ନ ହେଲା। ଦ୍ୱାପର ଯାଇ କଳିଯୁଗ ଆସିଲା। ସୁଭଦ୍ରାଙ୍କୁ ଦେଇଥିବା କଥାନୁସାରେ ଘୋଷଯାତ୍ରା ସମୟରେ ଅର୍ଜୁନ ସୁଭଦ୍ରାଙ୍କ ଦର୍ପଦଳନ ରଥର ସାରଥି ଦାୟିତ୍ୱ ନିର୍ବାହ କରୁଛନ୍ତି। ●

ମୋ: ୯୯୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ଆଉଜଣେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ଆଉଜଣେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ

## ଚେକ୍ ବାଉନ୍ସ ମାମଲାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ

# ୧୨ ଲକ୍ଷ ଟଙ୍କା ପୈଠ ନିର୍ଦ୍ଦେଶ, ଅନାଦାୟରେ ୧ ବର୍ଷ ଜେଲ୍

ଭବାନୀପାଟଣା, ୨୯ ।୯ (ସମିସ)

ଚେକ୍ ବାଉନ୍ସ ସମ୍ପର୍କିତ ଏକ ମାମଲାରେ ଭବାନୀପାଟଣା ଏସ୍‌ଡିଜେଏମ୍ ଅଦାଲତ ସଶରଜ ପ୍ରକାଶ ପଟ୍ଟନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ଅଦାଲତ ଦୋଷୀଙ୍କୁ ୧୨ ଲକ୍ଷ ଟଙ୍କା ପୈଠ କରିବାକୁ ଆଦେଶ ଦେଇଥିବା ବେଳେ ଟଙ୍କା ପୈଠ ନ କଲେ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଭବାନୀପାଟଣା ବାହାଦୁର ବଗିଚାପଡ଼ାର ଆଇନଜୀବୀ ମୋହିତ କୁମାର ଦାସଙ୍କ ଧର୍ମପତ୍ନୀ ନୀଲମ ପାଟ୍ଟଯୋଷୀ ପରମାନନ୍ଦପୁରସ୍ଥିତ ଏକ ଜମି କ୍ରୟ କରିବା ପାଇଁ ଭବାନୀପାଟଣା ହିଲ୍‌ଟାଉନ୍‌ସ୍ଥିତ ପ୍ରତାପ କୁମାର ପଟ୍ଟନାୟକ ଓ ତାଙ୍କ ପୁଅ ସୂରଜ ପ୍ରକାଶ ପଟ୍ଟନାୟକଙ୍କ ସହ ଚୁକ୍ତି କରିଥିଲେ। ଏହି ଚୁକ୍ତି ବାବଦରେ ୨୦୨୧ ମସିହାରେ ଶ୍ରୀମତୀ ପାଟ୍ଟଯୋଷୀ ୧୫ ଲକ୍ଷ ଟଙ୍କା ଅଗ୍ରୀମ ରାଶି ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଜମିଟି ବିବାଦୀୟ ବୋଲି ଜଣାପଡ଼ିବାରୁ ଜମି କ୍ରୟ ସମ୍ପର୍କିତ ଚୁକ୍ତି ବାତିଲ ହୋଇଥିଲା। ଏହାପରେ ସୂରଜ ପ୍ରକାଶ ପଟ୍ଟନାୟକ, ନୀଲମ ପାଟ୍ଟଯୋଷୀଙ୍କୁ ୯ ଲକ୍ଷ ୨୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଥିଲେ ଏବଂ ଅବଶିଷ୍ଟ ଟଙ୍କା ନଗଦ ଆକାରରେ ଫେରସ୍ତ କରିଥିଲେ। ଶ୍ରୀମତି ପାଟ୍ଟଯୋଷୀ ଉକ୍ତ ଚେକ୍‌ଟି ନିଜ ବ୍ୟାଙ୍କ ଖାତାରେ ଜମା କରିଥିଲେ। ତେବେ ଚେକ୍ ପ୍ରଦାନକାରୀ ସୁରଜ ପ୍ରକାଶ ପଟ୍ଟନାୟକଙ୍କ ଖାତାରେ ପର୍ଯ୍ୟାପ୍ତ ଅର୍ଥ ନ ଥିବାରୁ ଚେକ୍‌ଟି ବ୍ୟାଙ୍କ ଦ୍ୱାରା ଅନାଦୃତ ହୋଇ ଫେରସ୍ତ ଆସିଥିଲା। ଏହାକୁ ନେଇ ନୀଲମ ପାଟ୍ଟଯୋଷୀ ଭବାନୀପାଟଣା ଏସ୍‌ଡିଜେଏମ୍ ଅଦାଲତରେ ମାମଲା ରୁଜୁ କରିଥିଲେ। ମାମଲାରେ ଉପସ୍ଥାପିତ ବିଭିନ୍ନ ସାକ୍ଷ୍ୟ ଓ ପ୍ରମାଣକୁ ବିଚାର କରି ମାନ୍ୟବର ଏସ୍‌ଡିଜେଏମ୍ ଭବାନୀପାଟଣା ଇ.ଅନୁରାଧା ଶର୍ମା ଗତ ୨୫ ତାରିଖରେ ରାୟ ପ୍ରକାଶ କରି ସୁରଜ ପ୍ରକାଶ ପଟ୍ଟନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ। ଅଦାଲତ ଦୋଷୀଙ୍କୁ ୧୨ ଲକ୍ଷ ଟଙ୍କା ପୈଠ କରିବାକୁ ଆଦେଶ ଦେଇଥିବା ବେଳେ ଉକ୍ତ ଅର୍ଥ ପୈଠ ନକଲେ ୧ ବର୍ଷ କାରାଦଣ୍ଡ ଭୋଗିବାକୁ ଆଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ଅଭିଯୋଗକାରୀ ନୀଲମ ପାଟ୍ଟଯୋଷୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କୁନାଲ କୁମାର ବେହେରା ଓ ତାଙ୍କ ସହଯୋଗୀମାନେ ମାମଲା ପରିଚାଳନା କରିଥିଲେ।

## ଲାଞ୍ଜିଗଡ଼ରେ ମନରେଗା ଜନଶୁଣାଣି ଶିବିର

ଲାଞ୍ଜିଗଡ଼, ୨୯ ।୯ (ସମିସ): ଲାଞ୍ଜିଗଡ଼ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଶଶାଙ୍କ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପ୍ରଦ୍ୟୁମ୍ନ କୁମାର ଦାସ, ବ୍ଲକ ଅଧକ୍ଷା କମଳା ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ଦୀପ ନାଏକ, ପୂର୍ବତନ ଉପାଧ୍ୟକ୍ଷ ଜଗଦୀଶ ବେନିଆ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଶିବିରରେ ୨୦୨୫-୨୬ ଆର୍ଥିକ ବର୍ଷର ୧ ଅକ୍ଟୋବର ୨୦୨୫ ରୁ ୩୧ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟର ସାମାଜିକ ସମୀକ୍ଷା କରାଯାଇଥିଲା। ୨୬ ଟି ପଞ୍ଚାୟତର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଯନ୍ତ୍ରୀ, ପିଇଓ, ଜିଆରଏସ, ଭିଆରପି ଓ ଜବ୍‌କାର୍ଡଧାରୀ, ଗାଁ ସାଥୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ଅଡିଟର ବିମଳ ବାଗ ପରିଚାଳନା କରିଥିବାବେଳେ ଏପିଓ ସଞ୍ଜିତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ନୂଆପଡ଼ାରେ ପୁଣି ବାଘ ଆତଙ୍କ

ସିନାପାଲି, ୨୯ ।୯ (ସମିସ): ନୂଆପଡ଼ା -ଖୁଟବନ ଭେରା ଅଞ୍ଚଳରେ ବୁଲୁଛି ବାଘ। ଜଣେ ଯୁବକଙ୍କ ମୋବାଇଲରେ କଏଦ ହେଲା କାଳରାପତରିଆ ବାଘର ଭିଡିଓ। ଯୁବକ ଜଣକ ପଟୋରାର ହରିଶ ସିହ୍ନା ହୋଇଥିବାବେଳେ କାର୍‌ରେ ସାରାବଙ୍ଗରୁ ପଟୋରା ଯିବା ବେଳେ ଖୁଟବନ ଭେରା ପାଖରେ ବାଘକୁ ଦେଖିଥିଲେ। ଏନେଇ ସତର୍କ ରହିବା ପାଇଁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ଗତକାଲି ରାତି ପାଖାପାଖି ୧୦ ଟାବେଳେ ଏହି



ଘଟଣା ହୋଇଥିଲା। ବାଘର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ସହ ବାଘ ଟି କେଉଁ ଆଡେ ଯାଉଛି ଏପରିକି ବାଘର ପାଦ ଚିହ୍ନ ଚିହ୍ନଟ ପାଇଁ ବନ ବିଭାଗ ଉଦ୍ୟମ ଜାରି ରଖିଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## କେନାଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କୋକସରା, ୨୯ ।୯ (ସମିସ): କୋକସରା ଥାନା ଅଧୀନ ମାଝୀଗୁଡ଼ା ଦେଇ ପ୍ରବାହିତ ହେଉଥିବା ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ବୃଦ୍ଧ ହେଲେ ମାଝୀଗୁଡା ଗ୍ରାମର ଚଣ୍ଡୀପଡ଼ାର ରାଜମୋହନ ଚଣ୍ଡୀ(୬୨)। ସୂଚନା ଅନୁସାରେ, ସନ୍ଧ୍ୟା ସମୟରେ ଇନ୍ଦ୍ରାବତୀ ଉଠାଜଳସେଚନ କେନାଲରୁ ତାଙ୍କର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। କୋକସରା ଥାନା ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ଥିଲେ। ଅଗ୍ନିଶମ ବିଭାଗର ଓଆଇସି ପ୍ରଶାନ୍ତ କୁମାର ବାଘଙ୍କ ନେତୃତ୍ୱରେ କର୍ମଚାରୀ କର୍ମଚାରୀ ସୁନୀଲ ରଞ୍ଜନ ବାରଲା, ରାଧେ ଶ୍ୟାମ ପ୍ରଧାନୀ, ସ୍ମୃତି ରଞ୍ଜନ ବିଶ୍ୱାଳ, ଦେବାଶିଷ ମହାପାତ୍ର, ହେମନ୍ତ ନାଏକ, ଲଳିତ ପୁଟେଲ, ଉମାଶଙ୍କର ନାଏକ ପ୍ରମୁଖ କେନାଲ ପାଣିରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରି ପୋଲିସ କୁ ହସ୍ତାନ୍ତର କରିଥିଲେ। ପୋଲିସ ଶବ ଜବତ କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଛେଦ ପାଇଁ ପଠାଇଛି।

## ଚିକିତ୍ସାଜନିତ ଅବହେଳାରୁ ଯୁବକଙ୍କ ମୃତ୍ୟୁ ଅଭିଯୋଗ; ତଦନ୍ତ ଦାବି

ଭବାନୀପାଟଣା, ୨୯ ।୯ (ସମିସ): ଗତ ୧୫ ତାରିଖ ମଧ୍ୟରାତ୍ରରେ ଆଇସିୟୁରେ ଭର୍ତ୍ତି ହୋଇଥିବା ରଶ୍ମୀରଞ୍ଜନ ଦାସ ମିଶ୍ରଙ୍କ ଚିକିତ୍ସାରେ ଅବହେଳା ଅଭିଯୋଗ ଏବଂ ତାଙ୍କ ମୃତ୍ୟୁପରେ ମଧ୍ୟ ଡାକ୍ତର ୨ ଘଣ୍ଟା ବିଳମ୍ବରେ ଆଇସିୟୁକୁ ଆସି ମୃତ ଘୋଷଣା କରିବା ଘଟଣାରେ ଶୀଘ୍ର ତଦନ୍ତ କରିବା ସହିତ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ କଳାହାଣ୍ଡି ଜିଲ୍ଲା ଯୁବ ବିଜେଡି ପକ୍ଷରୁ ଦାବି କରାଯାଇଛି। ଏନେଇ ଏକ ପ୍ରତିନିଧି ଦଳ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବରୁ କଳାହାଣ୍ଡି ଯୁବ ବିଜେଡି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ରେଣ୍ଡୋ ମାଝୀ ମେଡିକାଲ କଲେଜର ସୁପରିଟେଣ୍ଡେଣ୍ଟଙ୍କୁ ସାକ୍ଷାତକରି ନିରପେକ୍ଷ ତଦନ୍ତ ଦାବି କରିଥିଲା। ଦାବିପତ୍ର ଦେଇ ୧୨ ଦିନ ହୋଇଥିଲେ ହେଁ ଘରଣା ନେଇ ତଦନ୍ତ ରିପୋର୍ଟ ଏପର୍ଯ୍ୟନ୍ତ ଆସିନାହିଁ କି ଡାକ୍ତରଙ୍କ ବିରୋଧରେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇ ନାହିଁ ବୋଲି ଜିଲ୍ଲାପାଳଙ୍କୁ ଯୁବ ବିଜେଡି ସଭାପତି ଅବିନାଶ ଠାକୁର ପ୍ରଶ୍ନ କରିଥିଲେ। ଆଇସିୟୁ ଭଳି ସ୍ଥାନରେ ଡାକ୍ତର କର୍ତ୍ତବ୍ୟରେ ଅବହେଳା କରିବା ସହ ମୃତ୍ୟୁ ପରେ ବି ୨ ଘଣ୍ଟା ବିଳମ୍ବରେ ଆସିବା ମୃତ ରଶ୍ମୀଙ୍କ ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଏଣୁ ଏହି ସମ୍ବେଦନଶୀଳ ଘଟଣାରେ ଶୀଘ୍ର ତଦନ୍ତ କରାଯାଇ ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଲେ ରେଣ୍ଡୋମାଝି ମେଡିକାଲ କଲେଜର ସୁପରିଟେଣ୍ଡେଣ୍ଟଙ୍କ ଅଫିସ ଘେରାଉ କରାଯିବ ବୋଲି ଯୁବ ବିଜେଡି ପକ୍ଷରୁ କୁହାଯାଇଛି। ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ବରିଷ୍ଠ ଯୁବ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପ ସଭାପତି ମନିନ୍ଦ୍ର ମହାନ୍ତି, ଯୁବ ନେତା ଶିବା ସାହୁ, ପିତବାସ ବେହେରା, ଅମିତ ଯାଦବ, ନବୀନ ନାୟକ, ଭୋଳାନାଥ ନାଗ, ଗଣେଶ ବାଗ, ମାନସ ସିନ୍ଧୂର ପ୍ରମୁଖ ଉପସ୍ଥିତ ଥିଲେ।

## କଳାହାଣ୍ଡିରେ ଗଡ଼ିଲା ଟିପିଡବ୍ଲୁଓଡିଏଲର 'ସୋଲାର ରଥ'

ଭବାନୀପାଟଣା, ୨୯ ।୯ (ସମିସ): ପିଏମ୍ ସୂର୍ଯ୍ୟ ଘର: ମୁଫତ୍ ବିଜୁଳି ଯୋଜନା ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବା ସହ ରୁଫ୍‌ଟପ୍ ସୋଲାର ଗ୍ରହଣ ପାଇଁ ଉତ୍ସାହିତ କରିବା ଲକ୍ଷ୍ୟରେ ଟାଟାପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ କଳାହାଣ୍ଡି ଜିଲ୍ଲାରେ 'ସୋଲାର ରଥ' ମାଧ୍ୟମରେ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଆଜି କଳାହାଣ୍ଡି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ ଏହି ସୋଲାର ରଥକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ସହ ନିର୍ଦ୍ଦେଶକ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କମ୍ପାନୀର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରଥମେ ସମ୍ବଲପୁରରେ ମାନ୍ୟବର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଏହି ସୋଲାର ରଥର ଶୁଭ ଉଦଘାଟନ କରାଯାଇଥିଲା। ପରେ ପରେ ବରଗଡ଼, ଝାରସୁଗୁଡ଼ା, ସୋନପୁର ଜିଲ୍ଲାରେ ଏହି ସୋଲାର ରଥ ପହଞ୍ଚି ସାରିଥିବାବେଳେ ଏବେ କଳାହାଣ୍ଡି ଜିଲ୍ଲାରେ ଯାତ୍ରା ଆରମ୍ଭ କରିଛି। ଏହି ରଥ ଦ୍ୱାରା ପଶ୍ଚିମ ଓଡ଼ିଶାର ଅଧିକ ଅଞ୍ଚଳରେ ରୁଫ୍‌ଟପ୍ ସୋଲାର ଓ ପିଏମ୍ ସୂର୍ଯ୍ୟ ଘର ଯୋଜନା ସମ୍ପର୍କରେ ସୂଚନା ପହଞ୍ଚିବ ବୋଲି ଆଶା କରାଯାଉଛି।

## ବିଶ୍ୱନାଥପୁରରେ ବ୍ଲକ ସ୍ତରୀୟ ସେବା ସଂକଳ୍ପ ଅଭିଯାନ

ଲାଞ୍ଜିଗଡ଼, ୨୯ ।୯ (ସମିସ): ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସମାଜ ପ୍ରତି ସେବାଭାବ, ଦାୟିତ୍ୱବୋଧ, ସମର୍ପଣ ଓ ସାମୂହିକ ସହଯୋଗର ଭାବନାକୁ ସୁଦୃଢ଼ କରିବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ଥିଲା। ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷ ରାୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶ୍ୱନାଥପୁର ମଣ୍ଡଳ ସହ ପ୍ରଭାରୀ ସୁବାଷ ଅଗ୍ରୱାଲ, ଲାଞ୍ଜିଗଡ଼ ମଣ୍ଡଳ ସଭାପତି ନରେନ୍ଦ୍ର ବେହେରା, ତୁଳସୀ ମାଝୀ, ଅଜିତ କୁମାର ପ୍ରଧାନୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି ଅଭିଯାନକୁ ଲାଞ୍ଜିଗଡ଼ ବ୍ଲକର ୧୩ ଜଣ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଜଳାତଙ୍କ ଦିବସ

କେସିଙ୍ଗା, ୨୯ ।୯ (ସମିସ): କେସିଙ୍ଗା ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ସମୀର କୁମାର ବେହେରାଙ୍କ ସଭାପତିତ୍ୱରେ ବିଶ୍ୱ ଜଳାତଙ୍କ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ, କେସିଙ୍ଗାର ମୁଖ୍ୟ ସୌମ୍ୟରଞ୍ଜନ ଦାଶ ନିଜ ଅଭିଭାଷଣରେ ରେବିଜ୍ ରୋଗ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ। ବିଶେଷକରି କୁକୁର, ବିଲେଇ ଆଦି ପଶୁଙ୍କ କାମୁଡ଼ାରୁ ରେବିଜ୍ ସଂକ୍ରମଣର ସମ୍ଭାବନା, ଏହାର ଲକ୍ଷଣ, ପ୍ରତିଷେଧ ଓ ପଶୁ କାମୁଡ଼ିଲେ ତୁରନ୍ତ ନେବାକୁ ଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀମାନେ 'ରେବିଜ୍ ମୁକ୍ତ ସମାଜ' ଗଠନ ପାଇଁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଜଳାତଙ୍କ ପ୍ରତିରୋଧରେ ସଚେତନତା, ଦାୟିତ୍ୱଶୀଳ ପଶୁ ଯତ୍ନ ଓ ସମୟୋପଯୋଗୀ ଚିକିତ୍ସାର ଗୁରୁତ୍ୱ ଉପରେ ପ୍ରାଣୀ ଜନ ନିରୀକ୍ଷକ ଶରତଚନ୍ଦ୍ର ପ୍ରହରାଜ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଶୂଚିସ୍ମିତା କୁମାର ପରିଚାଳନା କରିଥିଲା ବେଳେ ବିଦ୍ୟାଳୟର ୟୁଥ୍ ଓ ଇକୋ କ୍ଲବର ଭାର ପ୍ରାପ୍ତ ଶିକ୍ଷକ ଆର୍ତ୍ତତ୍ରାଣ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ପାର୍ଶ୍ୱର ଅନାବନା ଗଛ ସଫାକଲେ ଯୁବଗୋଷ୍ଠୀ

କୋକସରା, ୨୯ ।୯ (ସମିସ): ୨୬ ନମ୍ବର ଜାତୀୟ ରାଜପଥ କୋକସରା ବ୍ଲକର ବଙ୍ଗୋମୁଣ୍ଡା ପେଟ୍ରୋଲ ପମ୍ପ ଛକଠାରୁ କୁଲେରଗୁଡାକୁ ସଂଯୋଗ କରୁଥିବା ଆର୍‌ଡି ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଗଛ ଏବଂ ବୁଦାଭରି ରହିଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ବିଭାଗୀୟ କର୍ତ୍ତୃପକ୍ଷ ଓ ଠିକା ସଂସ୍ଥାର ଉଦାସୀନତା ଯୋଗୁଁ ବର୍ଷବର୍ଷ ହେବ ଏହାର ସଫେଇ କରାଯାଉ ନାହିଁ। ଶେଷରେ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍ଥାନୀୟ ସ୍ୱେଚ୍ଛାସେବୀ ଯୁବକମାନେ ଏକଜୁଟ୍ ହୋଇ ନିଜସ୍ୱ ପ୍ରୟାସରେ ରାସ୍ତାର ଉଭୟ ପାର୍ଶ୍ୱର ଅନାବନା ଗଛ ଓ ପତ୍ର ସଫା କରିଛନ୍ତି। ସୂଚନା ଅନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣ ହୋଇଥିବା ଏହି ରାସ୍ତାର



ମରାମତି ଏବଂ ପାର୍ଶ୍ୱ ସଫେଇ ଦାୟିତ୍ୱ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଠିକା ସଂସ୍ଥାର ରହିଛି। ମାତ୍ର ଠିକା ସଂସ୍ଥା ଓ ସମ୍ପୃକ୍ତ ବିଭାଗର ଦୃଷ୍ଟି ପଡୁ ନ ଥିବାରୁ ବଙ୍ଗୋମୁଣ୍ଡା ଛକ କେନାଲ ବୁଲାଣି ରାସ୍ତାରେ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟିବାର ନଜିର ରହିଛି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ତୁଳସୀ ରାମ ପୁଝାରୀ, ଯୁବକ ଲାଲୁ ଖାଁ, ନବୀନ ପୁଝାରୀ, ଜିତ ପୁଝାରୀ, ତ୍ରିନାଥ ପୁଝାରୀ, ପରେଶ ପୁଝାରୀ, ଡମ୍ବରୁଧର ପୁଝାରୀ, ଭୁପିନ ପୁଝାରୀ, ବୁଲୁ ପୁଝାରୀ ଏବଂ ବେଣୁ ପୁଝାରୀ ପ୍ରମୁଖ ଆଗେଇ ଆସି ଶ୍ରମଦାନ ଦ୍ୱାରା ରାସ୍ତାକଡ଼ର ଅନାବନା ଗଛଗୁଡ଼ିକୁ କାଟି ସଫା କରିଛନ୍ତି। ଯୁବକମାନଙ୍କ ଏଭଳି ପ୍ରଶଂସନୀୟ ପଦକ୍ଷେପକୁ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି। ଅନ୍ୟପକ୍ଷରେ, ବିଭାଗୀୟ ଅବହେଳାକୁ ସ୍ଥାନୀୟ ଲୋକେ କଟାକ୍ଷ କରିବା ସହ ଆଗାମୀ ଦିନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏପରି ସମସ୍ୟା ପ୍ରତି ଦୃଷ୍ଟି ଦିଆଯାଇ ସ୍ଥାୟୀ ସମାଧାନ କରାଯିବାକୁ ଦାବି ହୋଇଛି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ସାହୁଙ୍କ ମତାମତ ନେବାରୁ ଠିକା ସଂସ୍ଥାର ୫ବର୍ଷ ଅବଧି ସରି ଯାଇଛି, ଆମେ ପ୍ରସ୍ତାବ ଦେଇଛୁ ଅନୁଦାନ ଆସିଲେ ସଫା କରିବା ବୋଲି କହିଛନ୍ତି।

## ମୁଖ୍ୟ ନିର୍ବାଚନ କମିଶନଙ୍କ ବହିଷ୍କାର ଓ ଗିରଫ ଦାବିରେ ଜିଲ୍ଲାପାଳ ଅଫିସ ଘେରଉ

ସିନାପାଲି, ୨୯ ।୯ (ସମିସ): ଜାତୀୟ ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କୁ ବହିଷ୍କାର ଓ ଗିରଫ ଦାବିକୁ ନେଇ ଦେଶ ସାରା କଂଗ୍ରେସ ତରଫରୁ ଆନ୍ଦୋଳନ କରାଯାଉଥିବା ବେଳେ ସୋମବାର ନୂଆପଡ଼ା ଜିଲ୍ଲାରେ ମଧ୍ୟ କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ ଅଫିସ ଘେରଉ କରିବା ସହ ଏକ ଦାବିପତ୍ର ଜିଲ୍ଲା ପ୍ରଶାସନଙ୍କୁ ପ୍ରଦାନ କରିଛନ୍ତି। ନୂଆପଡ଼ା ପୁଲିସ ପଡ଼ିଆଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପରେ ଜିଲ୍ଲା କଂଗ୍ରେସ ଜିଲ୍ଲା ସଭାପତି ଅଙ୍କିତ ସଂଘାଇଙ୍କ ଅଧ୍ୟକ୍ଷତାରେ ଉପସଭାପତି ଫାରୁକ ମହମ୍ମଦ, ଖଡ଼ିଆଳ କଂଗ୍ରେସ ଯୁବନେତା କମଳ ଚରଣ ତାଣ୍ଡି, ନୂଆପଡ଼ା ବ୍ଲକ ସଭାପତି ସୌରବ ଚନ୍ଦ୍ରକାର, ନୂଆପଡ଼ା ଏନ୍‌ଏସ୍ ସଭାପତି ମହେଶ ନିଆଲ, କଂଗ୍ରେସ ନେତା ପ୍ରମୋଦ ଚନ୍ଦ୍ରକାର, ହିରାଲାଲ ପଟେଲ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ସାହାରୁଖ ଖାନ, ହେମୁ ନିଆଲ, ଭକ୍ତ ଶବର, ପବନ ଶର୍ମା ଉପସ୍ଥିତ ରହିଥିଲେ। କଂଗ୍ରେସ ଉପସଭାପତି ଭରତଲାଲ ରାଉତ ସଭା ପରିଚାଳନା କରିଥିଲେ।




## ୨୮ ଦିନରେ ପହଞ୍ଚିଲା ଏମ୍‌ଆଇଏସ୍ ସଂଯୋଜକ ଓ ଆକାଉଣ୍ଟାଣ୍ଟଙ୍କ ଧର୍ମଘଟ




କୋମନା, ୨୯ ।୯ (ସମିସ): ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ ଏମ୍‌ଆଇଏସ୍ କମ୍ ପ୍ଲାନିଂ କୋଡିନେଟର ଏବଂ ଆକାଉଣ୍ଟ କମ୍ ସପୋର୍ଟ ଷ୍ଟାଫ୍‌ମାନଙ୍କ ଅନିର୍ଦ୍ଦିଷ୍ଟକାଳୀନ ଧର୍ମଘଟ ଆଜି ୨୮ ଦିନରେ ପହଞ୍ଚିଛି। ଗତ ସେପ୍ଟେମ୍ବର ୨ ତାରିଖରୁ ନିଜର ନ୍ୟାୟସଙ୍ଗତ ଦାବି ହାସଲ ପାଇଁ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ବ୍ଲକ ଶିକ୍ଷା କାର୍ଯ୍ୟାଳୟଗୁଡ଼ିକରେ ଦୈନନ୍ଦିନ ପ୍ରଶାସନିକ ଓ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟସୂଚୀ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ବ୍ଲକସ୍ତରରେ ଆକାଉଣ୍ଟାଣ୍ଟ କର୍ମଚାରୀ ଅନୁପସ୍ଥିତ ଥିବାରୁ ଏହି ଅର୍ଥ ବିଦ୍ୟାଳୟ କୋଷକୁ ଆସିପାରି ନାହିଁ। ସେହିପରି ଏଚଆରଏମ୍‌ଏସ୍ ମାଧ୍ୟମରେ ନିୟମିତ ଶିକ୍ଷକଙ୍କ ଦରମା ପ୍ରସ୍ତୁତି ବାଧାପ୍ରାପ୍ତ ହୋଇଥିବାରୁ ଦଶହରା ପୂର୍ବରୁ ବେତନ ଓ ପୂଜା ଆଡଭାନ୍ସ ମିଳିବା ନେଇ ଶିକ୍ଷକ ସମାଜରେ ତୀବ୍ର ଚିନ୍ତା ଓ ସନ୍ଦେହ ସୃଷ୍ଟି ହୋଇଛି। ସମଗ୍ର ଓଡ଼ିଶା ବ୍ଲକ ଶିକ୍ଷା ଅଫିସ୍ ଆରଟିଇ-ଏସଏସ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ପ୍ରକାଶ କରାଯାଇଛି ଯେ, ବିଗତ ୧୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ସେବା ଯୋଗାଇ ଆସୁଥିବା ଏହି କର୍ମଚାରୀମାନଙ୍କ ଚାକିରି ନିୟମିତୀକରଣ ସହ ଓଏସଇପିଏ ଏମଓ ଏ ୪୫(କ) କିମ୍ବା ୪୫(ଖ) ନିୟମ ଅନୁସାରେ 'ସମାନ କାମକୁ ସମାନ ଦରମା' ଦାବିପୂରଣ ପାଇଁ ଲିଖିତ ପ୍ରତିଶ୍ରୁତି ନମିଳିବା ଯାଏଁ ଆନ୍ଦୋଳନ ଜାରି ରହିବ।

## ନୁଆଁଖାଇ ଭେଟ୍‌ଘାଟ୍ ଓ ଦଶହରା ପ୍ରସ୍ତୁତି ବୈଠକ

କୋମନା, ୨୯ ।୯ (ସମିସ): ନୂଆପଡ଼ା ଜିଲ୍ଲାର ଉପାନ୍ତ ଅଞ୍ଚଳ ଦେଓଦରା ଗାଁର ଅଧିଷ୍ଠାତ୍ରୀ ଦେବୀ ମା' ଇନ୍ଦ୍ରାଣୀ ଦେବୀ ପୁରୁଣା ପୀଠସ୍ଥଳୀରେ ନୁଆଁଖାଇ ଭେଟଘାଟ ଓ ଆଗାମୀ ଦଶହରା ପୂଜା ଓ ଛତର ଯାତ୍ରାକୁ ସୁଚାରୁ ଭାବେ ପାଳନ କରିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ନୂଆଁଖାଇ ଭେଟଘାଟରେ ୮ ଖଣ୍ଡ ଗାଁ ଓ ୨୪ ଟିକ୍ରିର ସେବାୟତ, ଶ୍ରଦ୍ଧାଳୁ ଓ ଅଞ୍ଚଳବାସୀ ଏକତ୍ରିତ ହୋଇଥିଲେ। ଏହି ଅବସରରେ ସେବାୟତମାନେ ପରସ୍ପରକୁ ଜୁହାର ଭେଟ ହୋଇ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ। ପରବର୍ତ୍ତୀ ସମୟରେ ଆଗାମୀ ଦଶହରା ପୂଜା ଓ ଛତର ଯାତ୍ରାକୁ କିପରି ଶାନ୍ତି, ଶୃଙ୍ଖଳା ଓ ସୁଚାରୁ ଭାବେ ସମ୍ପନ୍ନ କରାଯିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ପ୍ରସ୍ତୁତି ବୈଠକରେ ଗଉନ୍ତିଆ ଚୈଇତରାମ ପୂଝାରୀ, ମା'ଇନ୍ଦ୍ରାଣୀଙ୍କ ମୁଖ୍ୟପୂଜକ ସୁଧୀର ପୂଝାରୀ, ପାଟ ଛତ୍ରିଆ ପଦ୍ମଲୋଚ ମାଝୀ, ପାଟ ଗଏତା ଭମର ଗଏତା, ପାଟ ଝାଙ୍କର କମଳସିଂ ମାଝୀ, ମୁଡ଼ ମାଝୀ- ଯୁଗଳସାଏ ମାଝୀ, ପାଟ ଖଣ୍ଡୁଆଲି- ବଦନେଶ୍ୱର ଚିନ୍ଦା, ପାଟ ପହଁରିଆ- ସେଲୁନ ପହଁରିଆ, ପାଟକଟା-ଡ଼ମନା କଟା, ପାଟଦ୍ୟାନ- ହରିଶ ଚନ୍ଦ୍ର ଦ୍ୟାନ, ପାଟ ମୁହୁରିଆ - ତହସିଲ ଦୀପ, ସହକାରୀ ସେବାକାରୀ - ଜୟରାମ ମାଝୀ, ସମାଜସେବୀ ଘନଶ୍ୟାମ କରୁଆଁ, ଅବସର ଶିକ୍ଷାବିତ ଦୟାରାମ ମାଝୀ, ସମାଜସେବୀ ଭଲଭାଦ୍ର (ବିଜୁ) କଟା, ସମ୍ପାଦକ ମାଧବ ଦୀପ, ସମାଜସେବୀ ପଦ୍ମଲୋଚ ଚିନ୍ଦା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ବିପର୍ଯ୍ୟୟ ପରିଚାଳନା ସଚେତନତା କର୍ମଶାଳା



ସିନାପାଲି, ୨୯ ।୯ (ସମିସ): ନୂଆପଡ଼ା ପଞ୍ଚାୟତ ସମିତି ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ପ୍ରଶାସନ, ନୂଆପଡ଼ା ଏବଂ ଏନ୍‌ଡିଆର୍‌ଏଫ୍, କଟକର ମିଳିତ ଆନୁକୂଲ୍ୟରେ ବିପର୍ଯ୍ୟୟ ପରିଚାଳନା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଧରମବନ୍ଧା ସରକାରୀ ଏସ୍‌ଏସ୍‌ଡି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଧରମବନ୍ଧା ସରକାରୀ ଏସ୍.ଏସ୍.ଡି. ଉଚ୍ଚ ବିଦ୍ୟାଳୟ, ସାଇପଲା ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ କୋଟେଞ୍ଜୁଆଁ ଓ ବୋଇରଭାଡ଼ି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏହି ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କର୍ମଶାଳାରେ ଟିମ୍‌ର ଇନ୍ସପେକ୍ଟର ପି.ଆର୍. ମହାନ୍ତିଙ୍କ ସମେତ ହାବିଲଦାର ମହମ୍ମଦ ଆରାଫାତ, କନଷ୍ଟେବଲ ବୈକୁଣ୍ଠ ରାଓ, କନଷ୍ଟେବଲ ସନ୍ୟାସୀ ରାଓ ଓ କନଷ୍ଟେବଲ କେ.ସି. ନାୟକ ଉପସ୍ଥିତ ରହି ବିପର୍ଯ୍ୟୟ ସମୟରେ ଆବଶ୍ୟକ ଜରୁରୀକାଳୀନ ପଦକ୍ଷେପ, ଉଦ୍ଧାର କୌଶଳ ଓ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ପ୍ରାୟୋଗିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କର୍ମଶାଳାରେ ବର୍ତ୍ତମାନର ପରିବର୍ତ୍ତିତ ପରିବେଶୀୟ ପରିସ୍ଥିତିରେ ବିପର୍ଯ୍ୟୟ ପ୍ରତିରୋଧ, ପ୍ରସ୍ତୁତି ଓ ପରିବେଶ ସୁରକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପରିବେଶର ସନ୍ତୁଳନ ରକ୍ଷା ପାଇଁ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ସହ ପରିବାରର ଶୁଭ ଅବସରରେ ଅନ୍ତତଃ ଗୋଟିଏ ଚାରାରୋପଣ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ।

## ପ୍ରବାସୀ ଶ୍ରମିକ ପ୍ରଥା ହ୍ରାସ ପାଇଁ ବିଭାଗୀୟ ପଦକ୍ଷେପ ବଢ଼ାଇବାକୁ ନିର୍ଦ୍ଦେଶ

ସିନାପାଲି, ୨୯ ।୯ (ସମିସ): ପ୍ରବାସୀ ଶ୍ରମିକମାନଙ୍କ ସୁରକ୍ଷା, କଲ୍ୟାଣ ଓ ଜୀବିକାର ସୁଦୃଢ଼ୀକରଣ ସହ ଜିଲ୍ଲାରେ ପ୍ରବାସ ପ୍ରଥା ହ୍ରାସ ଲକ୍ଷ୍ୟରେ ଜିଲ୍ଲାସ୍ତରୀୟ ସମନ୍ୱୟ କମିଟିର ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସଭାବନା ସଭାଗୃହରେ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ଦିବ୍ୟଶଙ୍କର ଧରୁଆ ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରବାସୀ ଶ୍ରମିକ ଓ ସେମାନଙ୍କ ପରିବାରଙ୍କ ପାଇଁ ଗ୍ରହଣ କରାଯାଇଥିବା ଯୋଜନା ଓ ହସ୍ତକ୍ଷେପର ଅଗ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଜିଲ୍ଲାପାଳ ବିଭିନ୍ନ ବିଭାଗ ପକ୍ଷରୁ ପ୍ରବାସ ରୋକିବା ଓ ପ୍ରବାସୀ ପରିବାରଙ୍କୁ ସହାୟତା ପ୍ରଦାନ ଦିଗରେ କରାଯାଇଥିବା ବିଭାଗୱାରୀ ପଦକ୍ଷେପର ସମୀକ୍ଷା କରିଥିଲେ। ଓଡ଼ିଶା ଜୀବିକା ମିଶନ୍ ଓ ମିଶନ ଶକ୍ତି ପକ୍ଷରୁ ଅଗଷ୍ଟ ମାସରେ ୩, ୫୬୨ଟି ପ୍ରବାସୀ ପରିବାର



ପରିଦର୍ଶନ କରାଯାଇଥିବାବେଳେ ୩୦୪ଟି ପରିବାରକୁ ୮୦ ଲକ୍ଷରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ସେହିପରି, ମୃର୍ତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗ ପକ୍ଷରୁ ୧୭୮ଟି ପ୍ରବାସୀ ପରିବାର ପରିଦର୍ଶନ କରାଯାଇ ୭ଟି ପରିବାରକୁ ୧.୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଥିବାବେଳେ ମତ୍ସ୍ୟ ବିଭାଗ ପକ୍ଷରୁ ପ୍ରବାସୀ ପରିବାରଙ୍କୁ ୬୦ ହଜାର ଟଙ୍କା ଏବଂ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ୪ଟି ପ୍ରବାସୀ ପରିବାରକୁ ୪୪, ୯୦୦ ଟଙ୍କାର ସହାୟତା ପ୍ରଦାନ କରାଯାଇଥିବା ଜଣାଯାଇଥିଲା। ଜିଲ୍ଲାପାଳ ସମସ୍ତ ବିଭାଗକୁ ପ୍ରବାସୀ ପରିବାରଙ୍କ ସହ ଅଧିକ ସମନ୍ୱୟ ରକ୍ଷାକରି ନିୟମିତ ପରିଦର୍ଶନ ଓ ଆବଶ୍ୟକ ହସ୍ତକ୍ଷେପ ବଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସ୍ଥାନୀୟସ୍ତରରେ ଜୀବିକା ସୁଯୋଗ ସୃଷ୍ଟି, ସରକାରୀ ଯୋଜନାର ଲାଭ ପହଞ୍ଚାଇବା ଓ ପ୍ରବାସୀ ପରିବାରଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ସହକାରୀ ଶ୍ରମ ଅଧିକାରୀ ମୁରଲୀଧର ପାକଳଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦୁର୍ଗା ପୂଜା ଓ ମାଁ ମାଣିକେଶ୍ୱରୀଙ୍କ ଛତର ଯାତ୍ରା ପ୍ରସ୍ତୁତି

# ଛତର ସକାଳ ୫ରେ ବାହାରିବ; ୧୧.୩୦ରେ ମନ୍ଦିର ପ୍ରବେଶ

ଭବାନୀପାଟଣା, ୨୯ ।୯ (ସମିସ)

କଳାହାଣ୍ଡିରେ ଶକ୍ତି ପୂଜାର ଅନନ୍ୟ ପରମ୍ପରା ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା। ମୂଳଶକ୍ତି ତଥା ଆଦ୍ୟାଶକ୍ତି, ମଙ୍ଗଳମୟୀ ଶକ୍ତିରୂପା ମାଁ ମାଣିକେଶ୍ୱରୀଙ୍କ ଏହି ପ୍ରସିଦ୍ଧ ଛତର ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଆସନ୍ତା ୧୯ ଅକ୍ଟୋବରରେ ଅନୁଷ୍ଠିତ ହେବାକୁ ଥିବା ମା ମାଣିକେଶ୍ୱରୀ ପବିତ୍ର ବିଶ୍ୱପ୍ରସିଦ୍ଧ ଛତର ଯାତ୍ରା ସମ୍ବନ୍ଧୀୟ ଏବଂ ଦଶହରା ପର୍ବ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରୱାନ, ଡିଏଫ୍‌ଓ ଉତ୍ତର ପ୍ରଭାକର ବର୍ମା,



ଡିଏଫ୍ ଓ ଦକ୍ଷିଣ ଆର୍ କଲାଇଭାନନ୍, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତାରା ଜସ୍ମିନ୍ ଗୁଡ଼ିଆ, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷ୍ୟା ଅଗ୍ରୱାଲ, ବିଧାୟକ ଭବାନୀପାଟଣାଙ୍କ ପ୍ରତିନିଧି ଧନୁ ଗହୀର, କଳାହାଣ୍ଡି ରାଜାପ୍ରସାଦ ତରଫରୁ ଅଶୋକ ନେଗୀ, ବିଭିନ୍ନ ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବିଭିନ୍ନ ପୂଜା କମିଟି କର୍ମକର୍ତ୍ତା, ସହରର ବୁଦ୍ଧିଜୀବି ପ୍ରମୁଖ ଉପସ୍ଥିତ ଥିଲେ। ମାଣିକେଶ୍ୱରୀ ମନ୍ଦିର ପକ୍ଷରୁ ଜାରି ସୂଚନା ଅନୁସାରେ ଆସନ୍ତା ଅକ୍ଟୋବର ୧୯ ତାରିଖ ମା' ମାଣିକେଶ୍ୱରୀଙ୍କ ପବିତ୍ର ଛତର ଯାତ୍ରା ଜେନାଖାଲ ପୂଜାର୍ଚ୍ଚନା ସାରି ସକାଳ ୫.୦୦ ଘଣ୍ଟା ସମୟରେ ମନ୍ଦିର ଅଭିମୁଖେ ଭକ୍ତମାନଙ୍କ ଗ୍ରହଣରେ ଯାତ୍ରା କରି ଦିବା ୧୧.୦୦ ରୁ ୧୧.୩୦ ମି ମଧ୍ୟରେ ମନ୍ଦିର ମଧ୍ୟରେ ପ୍ରବେଶ କରିବେ। ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଏଜେଣ୍ଡା ଅନୁଯାୟୀ ପ୍ରସ୍ତାବ ପାଠ କଲେ ଏବଂ ଗୃହରେ ସମସ୍ତଙ୍କ ସହମତିରେ ପ୍ରସ୍ତାବ ଗ୍ରହଣ କରାଗଲା। ମା'ଙ୍କ ଛତର ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ କରିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ଦୁର୍ଗା ପୂଜା କମିଟିର ପୂଜା ସ୍ଥାପନ ଓ ମେଢ଼ ବିସର୍ଜନ ପାଇଁ ଗାଇଡ ଲାଇନ ଅନୁଯାୟୀ ଚିହ୍ନଟ ପୁଷ୍କରିଣୀ ବ୍ୟବସ୍ଥା କରିବାକୁ ଉପଜିଲ୍ଲାପାଳ, ଭବାନୀପାଟଣା/ ଧର୍ମଗଡ଼ ତଥା ଆଇନ ଶୃଙ୍ଖଳା ଓ ଛତର ଯାତ୍ରାକୁ ସୁରକ୍ଷିତ, ଜନସମାଗମକୁ ନିୟନ୍ତ୍ରଣ, ବାଇପାସ୍ ରାସ୍ତା, ସିସି ଟିଭି, ସାଂସ୍କୃତିକ ଦଳ ଦ୍ୱାରା ତୀକ୍ଷ୍ଣ ଅସ୍ତ୍ରଶସ୍ତ୍ର ଧାରଣ, ସାଂସ୍କୃତିକ ଦଳ ର ପ୍ରବେଶ ପାଇଁ ପୃଥକ ଭାବେ ଆରକ୍ଷୀ ଅଧିକ୍ଷକ, କଳାହାଣ୍ଡିଙ୍କ ଦ୍ୱାରା ବୈଠକ ଆୟୋଜନ କରିବେ। ବିରୂପାକ୍ଷ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୋଗେଶ୍ୱର କୁମୁରା ଥିଲେ ସାହସୀ ଜନନେତା

ବଲାଙ୍ଗିର,୨୯ ।୯ (ସମିସ):



ବଲାଙ୍ଗିର ମାଟିର ବରପୁତ୍ର, ମହାନ ସ୍ୱାଧୀନତା ସଂଗ୍ରାମୀ, ଜନନେତା ତଥା ବିଶିଷ୍ଟ ଆଦିବାସୀ ନେତା ଯୁଗେଶ୍ୱର କୁମୁରାଙ୍କ ସ୍ମୃତିରେ ଚୁଡାପାଲିରେ ବିଶାଳ ଭବ୍ୟ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଯାଇଛି । ଜୟକୃଷ୍ଣ ମିଶ୍ରଙ୍କ ଆବାହକତ୍ୱରେ ଯୋଗେଶ୍ୱର କୁମୁରା ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ସ୍ମୃତି ସଭାକୁ ଶରତ ନନ୍ଦ ଅଧକ୍ଷତା କରିଥିଲେ । ପୂର୍ବତନ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ବଲାଙ୍ଗିରର ସ୍ୱାଧୀନତା ଆନ୍ଦୋଳନ ଇତିହାସରେ ଯୋଗେଶ୍ୱର କୁମୁରାଙ୍କ ନାମ ଗୌରବମୟ ଅକ୍ଷରରେ ଲିପିବଦ୍ଧ । ସେ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହେଁ; ବରଂ ସାମନ୍ତବାଦୀ, ଶୋଷଣ, ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସାଧାରଣ ପ୍ରଜାଙ୍କ ସ୍ୱରକୁ ସଂଗଠିତ କରିଥିବା ଜଣେ ସାହସୀ ଜନନେତା ଥିଲେ । ୨୦୧୯ ସେପ୍ଟେମ୍ବର ୨୯ରେ ଚୁଡାପାଲିରୁ ବଲାଙ୍ଗିର ଅଭିମୁଖେ ତାଙ୍କ ନେତୃତ୍ୱରେ ପ୍ରାୟ ୧୦ହଜାରରୁ ଅଧିକ ପ୍ରଜାଙ୍କୁ ନେଇ ଐତିହାସିକ ପ୍ରଜାମେଳି ଆୟୋଜିତ ହୋଇଥିଲା । ସେହି ଐତିହାସିକ ଜନସମାବେଶ ଅଞ୍ଚଳର ପ୍ରଜା ଆନ୍ଦୋଳନ ଓ ଜନଜାଗରଣର ଏକ ଅମର ଅଧ୍ୟାୟ ଭାବେ ସ୍ମରଣୀୟ ହୋଇ ରହିଛି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେ ସଂସଦୀୟ ନିର୍ବାଚନରେ ମଧ୍ୟ ପ୍ରାର୍ଥୀ ହୋଇ ଗଣତାନ୍ତ୍ରିକ ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ପଶ୍ଚିମ ଓଡିଶା ଓ ବଲାଙ୍ଗିର ଅଞ୍ଚଳର ଅନେକ ଆଦିବାସୀ, ଦଳିତ, କୃଷକ ଓ ସାଧାରଣ ପ୍ରଜା ନେତାଙ୍କ ସ୍ୱାଧୀନତା ସଂଗ୍ରାମର ଅବଦାନ ଏ ଯାବତ ଐତିହାସିକ ଦଲିଲ, ପାଠ୍ୟକ୍ରମ ଓ ଜନସ୍ମୃତିରେ ସ୍ଥାନ ପାଇ ନାହିଁ । ସେମାନଙ୍କ ଜୀବନ, ସଂଗ୍ରାମ ଓ ବଳିଦାନକୁ ଗବେଷଣା, ସଂରକ୍ଷଣ ଓ ନୂତନ ପିଢି ସମ୍ମୁଖରେ ପହଞ୍ଚାଇବା ପାଇଁ ଓଡିଶା ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ସେ କହିଥିଲେ । ଅନ୍ୟତମ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଅଶ୍ୱିନୀ ନାୟକ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ନୀଳମଣି ଦଣ୍ଡସେନା, ରାଜୁ ଦୀପ, ଚମରା ଧରୁଆ, ସୁଶୀଲ ବେହେରା, ପଙ୍କଜ ମାଲ, ସନ୍ତୋଷ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ସରପଞ୍ଚଙ୍କୁ ଲାଞ୍ଚ ନ ଦେବାରୁ ୩ ବର୍ଷ ହେଲା ଶ୍ରମିକଙ୍କ ପାରିଶ୍ରମିକ ବନ୍ଦ



କଣ୍ଟାବାଞ୍ଜି,୨୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବଡ଼ ଘୋଟାଲା ଓ ଲାଞ୍ଚ କାରବାରର ଅଭିଯୋଗ ଆସି । ଜଣେ ଗରିବ ଦଳିତ ଚାଷୀ ୫ ହଜାର ଟଙ୍କା ଲାଞ୍ଚ ଦେଇ ନ ପାରିବାରୁ ତାଙ୍କ ଜମିରେ କାମ କରିଥିବା ୫ଜଣରୁ ଅଧିକ ଶ୍ରମିକ ୩ ବର୍ଷ ହେଲା ମଜୁରୀ ପାଇ ନାହାନ୍ତି । ଏବେ ଶ୍ରମିକମାନେ ପ୍ରତିଦିନ ହିତାଧିକାରୀଙ୍କ ଘର ଆଗରେ ଆସି ବସୁଥିବା ଅଭିଯୋଗ ହେଉଛି ।

ବଙ୍ଗୋମୁଣ୍ଡା ବ୍ଲକ ଚାନ୍ଦୋତରା ଗାଁର ହିରା ବାଗ ଜଣେ ଅତି ଗରିବ ପରିବାରର ଚାଷୀ । ନିଜ ଖଣ୍ଡେ ଜମିକୁ ମରାମତି କରିବା ପାଇଁ ସେ ପଞ୍ଚାୟତରେ ଆବେଦନ କରିଥିଲେ । ତାଙ୍କ ଆବେଦନକୁ ବିଚାରକୁ ନେଇ ୨୦୨୩-୨୪ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ତାଙ୍କ ଜମି ମରାମତି କାମ ମଞ୍ଜୁର ହୋଇଥିଲା । ସରକାରୀ ଅନୁମତି ମିଳିବା ପରେ ହିରା ବାଗ ଗାଁର କିଛି ଗରିବ ଶ୍ରମିକଙ୍କୁ ନେଇ ନିଜ ଜମିରେ ମରାମତି କାମ ଆରମ୍ଭ କରିଥିଲେ । ଦିନ ରାତି ପରିଶ୍ରମ କରି ଜମିକୁ ଚାଷ ଯୋଗ୍ୟ କରାଗଲା । ମାଟି ଖୋଳା ହେଲା, ବନ୍ଧ ବନ୍ଧା ହେଲା । କିନ୍ତୁ କାମ ଶେଷ ହେବାର ୩ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେହି ଶ୍ରମିକଙ୍କୁ ଗୋଟିଏ ଟଙ୍କା ମଧ୍ୟ ମିଳିନାହିଁ । ଏହି ଘଟଣାରେ ହିରା ବାଗ ଯେଉଁ ସଙ୍ଗୀନ ଅଭିଯୋଗ ଆଣିଛନ୍ତି ତାହା ସମସ୍ତଙ୍କୁ ଚକିତ କରିଦେବ । ତାଙ୍କ କହିବା ଅନୁଯାୟୀ, କାମ ଚାଲିଥିବା ସମୟରେ ଚାନ୍ଦୋତରା ପଞ୍ଚାୟତର ସରପଞ୍ଚ ଜିତେନ୍ଦ୍ର ବଛା ତାଙ୍କୁ ଡାକି ୫ ହଜାର ଟଙ୍କା ଦାବି କରିଥିଲେ । ହିରାଙ୍କ କହିବା କଥା ଯେ ସେ ଗରିବ ଲୋକ । ଜମି ମରାମତି ପାଇଁ ସରକାର ପାଖରେ ହାତ ପତାଇଛନ୍ତି । ୫ ହଜାର କେଉଁଠୁ ଆଣିବେ ବୋଲି ପ୍ରଶ୍ନ କରିଛନ୍ତି । ସେ ଟଙ୍କା ଦେଇ ନ ପାରିବାରୁ ସରପଞ୍ଚ ତାଙ୍କ ଉପରେ ରାଗି ଗଲେ । ଯଦି ସେ ୫ ହଜାର ଟଙ୍କା ଦେଇ ଦେଇଥାନ୍ତେ ତେବେ ଆଜି ତାଙ୍କ ଜମିରେ କାମ କରିଥିବା ଗରିବ ଶ୍ରମିକମାନେ ତାଙ୍କ ପାରିଶ୍ରମିକ ପାଇ ସାରିଥାନ୍ତେ । ଏହା ପରେ ହିରା ବାଗ ବାରମ୍ବାର ବଙ୍ଗୋମୁଣ୍ଡା ବ୍ଲକକୁ ଦୌଡିଛନ୍ତି; କିନ୍ତୁ ବ୍ଲକ କର୍ମଚାରୀ ତାଙ୍କୁ କହୁଛନ୍ତି ତାଙ୍କର କୌଣସି ଫାଇଲ ନାହିଁ । ସେ କାମ କରିନାହାନ୍ତି । ଏହି କଥାରେ ହିରା ଆହୁରି ପ୍ରଶ୍ନ କରିଛନ୍ତି ଯେ ଯଦି ତାଙ୍କ ଜମି ମରାମତି ହୋଇନାହିଁ ତେବେ ତାଙ୍କ ଜମିରେ କାମ କରିଥିବା ଏହି ଶ୍ରମିକମାନେ କିଏ? ଯଦି ସେ ମିଛ କହୁଛନ୍ତି ତେବେ ଏହି ଶ୍ରମିକମାନେ କାହିଁକି ପ୍ରତିଦିନ ତାଙ୍କ ଘରକୁ ଟଙ୍କା ମାଗିବାକୁ ଆସୁଛନ୍ତି? ଗାଁର ଯେଉଁ ଶ୍ରମିକମାନେ ହିରାଙ୍କ ଜମିରେ କାମ କରିଥିଲେ ସେମାନେ ଆଜି ଅସହାୟ । ଜବ କାର୍ଡ ଥାଇ ମଧ୍ୟ ସେମାନଙ୍କ ମଷ୍ଟର ରୋଲ ହୋଇନାହିଁ, ବିଲ୍ ପାସ୍ ହୋଇନାହିଁ । ପ୍ରତିଦିନ ସେମାନେ ହିରାଙ୍କ ଘରକୁ ଯାଇ ଟଙ୍କା ମାଗୁଛନ୍ତି । ହିରା ବ୍ଲକକୁ ଯାଇ ଫାଇଲ ଖୋଜୁଛନ୍ତି । ଏହି ଭିତରେ ୩ ବର୍ଷ ବିତିଗଲା । ତେବେ ଏହା କେବଳ ହିରା ବାଗଙ୍କ କାହାଣୀ ନୁହେଁ । ଏହା ବଙ୍ଗୋମୁଣ୍ଡା ବ୍ଲକର ଶହ ଶହ ଗରିବ ହିତାଧିକାରୀଙ୍କ କାହାଣୀ; ଯେଉଁମାନେ ଲାଞ୍ଚ ନ ଦେବାରୁ ତାଙ୍କ ଫାଇଲ ଗାଏବ ହୋଇଯାଉଛି । ଅନ୍ୟପକ୍ଷରେ ଏ ନେଇ ଆମେ ସରପଞ୍ଚ ଜିତେନ୍ଦ୍ର ବଛାଙ୍କୁ ପଚାରିବାରୁ ଜମି ମରାମତି ନ କରି ହିରା ଟଙ୍କା ମାଗୁଛନ୍ତି । ଯେଉଁ ଶ୍ରମିକମାନଙ୍କୁ ସେ ଦେଖାଉଛନ୍ତି ସେମାନେ ନକଲି । ଯିଏ ପ୍ରକୃତ ନିୟମ ପାଳନ କରି ଜମି ମରାମତି କାର୍ଯ୍ୟ କରିବ ସେ ଟଙ୍କା ପାଇବ । ହିରା ବଦନାମ୍ କରିବାକୁ ଅପ ପ୍ରଚାର କରୁଛି ବୋଲି ସରପଞ୍ଚ କହିଛନ୍ତି ।

● ଦାଦନ ଶ୍ରମିକଙ୍କ ମୃତ୍ୟୁ ପରେ ଅସହାୟ ପରିବାର

# ୪ ମାସର ଶିଶୁକୁ ଧରି ଭିକ୍ଷା ମାଗୁଛନ୍ତି ପତ୍ନୀ



ଖପ୍ରାଖୋଲ,୨୯ ।୯ (ସମିସ): ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଶ୍ରମିକଙ୍କ ଅସମୟରେ ମୃତ୍ୟୁ ଘଟିଛି । ତାଙ୍କ ପରିବାରର ଦୁର୍ଦ୍ଦଶା ଚରମ ସୀମାରେ ପହଞ୍ଚିଛି । ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତିଙ୍କୁ ହରାଇ ଏବେ ପତ୍ନୀ ୪ ମାସର କୋଳହୀରା ଶିଶୁକୁ ଧରି ବଜାର ବଜାର ବୁଲି ଭିକ୍ଷା ମାଗି ନିଜ ଓ ସନ୍ତାନର ପେଟ ପୋଷିବାକୁ ବାଧ୍ୟ ହେଉଛନ୍ତି । ଅନ୍ୟପକ୍ଷରେ ଦାଦନ ସର୍ଦ୍ଦାର ଜଣକ ମୃତକଙ୍କ କ୍ଷତିପୂରଣ ଅର୍ଥ ହଡ଼ପ କରି ଚୁପ୍ । ପ୍ରଶାସନ ମଧ୍ୟ ଏହି ଘଟଣାକୁ ଅଣଦେଖା କରୁଛି ।

ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ରେଙ୍ଗାଲି ଗ୍ରାମର ମିଠାଲାଲ ତାଣ୍ଡି ସପତ୍ନୀକ ପରିବାରର ଦୁଃଖ ଦୁର୍ଦ୍ଦଶା ଦୂର କରିବା ଆଶାରେ ତେଲେଙ୍ଗାନା ରାଜ୍ୟକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିଲେ; କିନ୍ତୁ ଗତ ୪ ମାସ ତଳେ କର୍ମକ୍ଷେତ୍ରରେ ତାଙ୍କର ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ଗର୍ଭବତୀ ପତ୍ନୀ କୁନ୍ତୀ ତାଣ୍ଡିଙ୍କ ଦୁର୍ଦ୍ଦଶା ଆରମ୍ଭ ହୋଇ ଥିଲା । ସ୍ୱାମୀଙ୍କ ମୃତ୍ୟୁ ପରେ ଘରେ ଦୁଇଟି ପେଟକୁ ଦାନା ଦେବା ପାଇଁ କୌଣସି ସାଧାରଣ ବାଟ ନ ଥିବାରୁ ମୃତକଙ୍କ ପତ୍ନୀ ବାଧ୍ୟ ହୋଇ କୋଳରେ ୪ ମାସର ଶିଶୁକୁ ଧରି ଗଳି ଗଳି ଓ ବଜାର ବଜାର ବୁଲି ଭିକ୍ଷାବୃତ୍ତି କରିବାକୁ ବାଧ୍ୟ ହେଉଛନ୍ତି । ଅଭିଯୋଗ ହେଉଛି ଯେ, ଯେଉଁ ଦାଦନ ସର୍ଦ୍ଦାର ଜଣକ ତାଙ୍କୁ କାମକୁ ନେଇଥିଲେ ସେ ଏହି ଦୁର୍ଘଟଣା ଓ ମୃତ୍ୟୁ ପରେ ମିଳିବାକୁ ଥିବା କ୍ଷତିପୂରଣ ଅର୍ଥକୁ ଚାପି ଦେଇଛନ୍ତି । ପରିବାରକୁ ଗୋଟିଏ ବି ପଇସା ନ ଦେଇ ସର୍ଦ୍ଦାର ଜଣକ ସବୁକିଛି ଜାଣିଶୁଣି ଚୁପ୍ ରହିଛନ୍ତି । ଏ ନେଇ ଏକ ଅଭିଯୋଗ ଲାଠୋର ଥାନାରେ ହୋଇଛି । ଏହାର ଏବେ ବି କୌଣସି ନିଷ୍କର୍ଷ ମିଳିନାହିଁ । ଏତେ ବଡ଼ ଦୁଃଖଦ ଘଟଣା ଘଟିବା ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପ୍ରକାର ତତ୍ପରତା ପ୍ରକାଶ ପାଇନି । ଦୁଃଖୀ ପରିବାରଟି ବାରମ୍ବାର ଗୁହାରି କଲେ ମଧ୍ୟ ପ୍ରଶାସନିକ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି ।

# ଅଳକା ଜେନାଙ୍କ ସ୍ମୃତିରେ ମେଧାବୀ ଛାତ୍ରୀଙ୍କୁ ସମ୍ମାନ

ବଲାଙ୍ଗିର,୨୯ ।୯ (ସମିସ): ଜଣେ ଆଦର୍ଶ ଶିକ୍ଷୟିତ୍ରୀଙ୍କ ଅବଦାନ କେବଳ ଶ୍ରେଣୀଗୃହର ଚାରିକାନ୍ଥ ମଧ୍ୟରେ ସୀମିତ ରହେ ନାହିଁ । ତାଙ୍କ ଜ୍ଞାନ, ଆଦର୍ଶ ଓ ମାନବିକ ମୂଲ୍ୟବୋଧ ପିଢ଼ି ପରେ ପିଢ଼ି ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇ ଚାଲେ । ଏହି ମହତ୍ ଚିନ୍ତାଧାରାକୁ ଆଧାର କରି ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଥମ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଗତ ଅଳକା ଜେନାଙ୍କ ପବିତ୍ର ସ୍ମୃତିକୁ ଚିରସ୍ମରଣୀୟ କରିବା ଉଦ୍ଦେଶ୍ୟରେ "ଅଳକା ଜେନା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଛି । ବିଦ୍ୟାଳୟରେ ଆୟୋଜିତ ଏହି ସମ୍ମାନ ସମାରୋହରେ ୨୦୨୪-୨୫ ଓ ୨୦୨୫-୨୬ ଶିକ୍ଷାବର୍ଷର ମ୍ୟାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟର ସମସ୍ତ ଛାତ୍ରୀଙ୍କ ମଧ୍ୟରୁ ସର୍ବାଧିକ ମାର୍କ ରଖିଥିବା ମେଧାବୀ ଛାତ୍ରୀମାନଙ୍କୁ ଅର୍ଥରାଶି ସହ ମୋମେଣ୍ଟୋ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଜ୍ୟୋତିର୍ମୟୀ ପଣ୍ଡାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ରିୟାଂଶୀ ସାଏ ଓ ଶ୍ରଦ୍ଧାଞ୍ଜଳି ସାହୁଙ୍କୁ "ଅଳକା ଜେନା ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । ସମାରୋହରେ ମୁଖ୍ୟ ଅତିଥି ଭାବେ ଚନ୍ଦନଭାଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଇତିଶ୍ରଦ୍ଧା ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ଅଳକା ଜେନାଙ୍କ ଶିକ୍ଷାଦାନ, ଶୃଙ୍ଖଳା ଓ ଛାତ୍ରୀମାନଙ୍କ ପ୍ରତି ତାଙ୍କର ସ୍ନେହପୂର୍ଣ୍ଣ ମନୋଭାବକୁ ସ୍ମରଣ କରିଥିଲେ । ଜଣେ ଶିକ୍ଷୟିତ୍ରୀ ଭାବେ ସେ ଛାତ୍ରୀମାନଙ୍କ ଜୀବନରେ ଯେଉଁ ମୂଲ୍ୟବୋଧର ମଞ୍ଜି ବୁଣିଥିଲେ । ତାହା ଆଜି ମଧ୍ୟ ଏହି ବିଦ୍ୟାଳୟର ପରିବେଶରେ ଜୀବନ୍ତ ବୋଲି ଉଲ୍ଲେଖ କରିଥିଲେ । ଜୀବନରେ ଲକ୍ଷ୍ୟ ନିର୍ଦ୍ଧାରଣ କରି କଠିନ ପରିଶ୍ରମ, ଶୃଙ୍ଖଳା ଓ ନୈତିକତାକୁ ସାଥୀ କରି ଆଗକୁ ବଢ଼ିବାକୁ ସେ ପରାମର୍ଶ ଦେଇଥିଲେ । ଶିକ୍ଷା କେବଳ ଭଲ ନମ୍ବର ହାସଲ କରିବାର ମାଧ୍ୟମ ନୁହେଁ; ବରଂ ଜଣେ ଭଲ ମଣିଷ ହେବାର ମାର୍ଗ ବୋଲି ଶ୍ରୀମତୀ ତ୍ରିପାଠୀ ଛାତ୍ରୀମାନଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରାଙ୍କ ସମେତ ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକ, ଯାଜ୍ଞସିନୀ ମହାପାତ୍ର ଓ ପ୍ରିୟମ୍ବଦା ଦେବ ଏବଂ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମଞ୍ଚାସୀନ ଥିଲେ । କାର୍ଯ୍ୟକ୍ରମକୁ ସୁରେଶ ବାରିକ ସଂଯୋଜନା କରିଥିବା ବେଳେ ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷା କର୍ମଚାରୀ ସତ୍ୟବାନ ସାଏ, ରୁବିତା ବିଶ୍ୱାଳ, କୁନୀ ନନ୍ଦ, ମନରଞ୍ଜନ ତାଣ୍ଡି ସହଯୋଗ କରିଥିଲେ ।

# ବ୍ଲକ୍‌ସ୍ତରୀୟ ଯୁବ ସମ୍ମିଳନୀ

ମୁରିବାହାଲ,୨୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ପରିସରରେ ବେଟି ବଚାଓ ବେଟି ପଢ଼ାଓ ଯୋଜନା ଅଧୀନ ବ୍ଲକସ୍ତରୀୟ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ସରୋଜ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ମୁରିବାହାଲ ଶିଶୁ ବିକାଶ ବିଭାଗ ଅଧିକାରିଣୀ ସୁଶ୍ରୀ ପୂର୍ଣ୍ଣିମା ବୈଠାରୁ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟାପକ ଗୁଣସାଗର ମେହେର, ସୋମେଶ ଦତ୍ତ ହୋତା, ଘନଶ୍ୟାମ ଖମାରୀ, ଭିଙ୍ଗରାଜ ରଣା ଓ ବିକ୍ରମ ତାଣ୍ଡି ଉପସ୍ଥିତ ଥିଲେ । ସଭା ପରିଚାଳନା କରିଥିଲେ ଅଧପକ ପ୍ରେମଚାନ୍ଦ ତାଣ୍ଡି । ସମ୍ମିଳନୀରେ ବାଳିକା ଶିକ୍ଷା, ମହିଳା ସଶକ୍ତିକରଣ, ମହିଳାଙ୍କ ଅଧିକାର ଓ ସୁରକ୍ଷା ଆଦି ବିଷୟରେ ଆଲୋଚନା ହୋଇଥିଲା । ଝିଅମାନଙ୍କ ଶିକ୍ଷା, ସୁରକ୍ଷା ଓ ସମାନ ଅଧିକାର ପ୍ରତି ସମାଜରେ ସଚେତନତା ବୃଦ୍ଧି କରିବାର ଆବଶ୍ୟକତା ଉପରେ ଅତିଥିମାନେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତଥା ରାଜନୀତି ବିଜ୍ଞାନ ଅଧ୍ୟାପକ ଛନ୍ଦା ଚରଣ ଖୁଣ୍ଟିଆଙ୍କ ନେତୃତ୍ୱରେ ଉପସ୍ଥିତ ଛାତ୍ରଛାତ୍ରୀ ବେଟି ବଚାଓ ବେଟି ପଢ଼ାଓ ସମ୍ପର୍କିତ ଶପଥ ଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ରସିନା ବାଗ, ଝରଣା ମହତ, ଯାଜ୍ଞସେନୀ ରଣା, ବର୍ଷା କର୍ମୀ, ଶିବାନୀ ଭୋଇ, କିରଣ ହାତୀ, ତ୍ରିବେଣୀ ମହାର, ରିୟା ଛୁରା, ବିଜୟ ମହାନନ୍ଦ, ଶ୍ରିୟା ରଣା ଓ ଚୂଡ଼ାମଣି ରଣା ବିଭିନ୍ନ ସ୍ଥାନ ଅଧିକାର କରି କୃତିତ୍ୱ ଅର୍ଜନ କରିଥିଲେ ।

# ଛନଛଡ଼ାରେ ମହାସମାରୋହରେ ନୂଆଁଖାଇ ଭେଟ୍‌ଘାଟ୍

ସଇଁତଲା,୨୯ ।୯ (ସମିସ): ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଅବସରରେ ସଇଁତଲା ବ୍ଲକ ଛନଛଡ଼ାଠାରେ ମହାସମାରୋହରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଟିଟିଲାଗଡ଼ ବିଧାୟକ ନବୀନ ଜୈନ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଧର୍ମଗଡ଼ ବିଧାୟକ ସୁଧୀର ପଟ୍ଟଯୋଶୀ, ନୂଆପଡା ବିଧାୟକ ଜୟ ଢୋଲକିଆ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା, ଟିଟିଲାଗଡ଼ ଏନଏସି ଚେୟାରମ୍ୟାନ ମମତା ଦେବୀ ଜୈନ, ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା, ତୁଷୁରା ଏନଏସି ଚେୟାରମ୍ୟାନ ଅଜୟ ଜୈଶ୍ୱାଳ, ଟିଟିଲାଗଡ଼ ବ୍ଲକ ଚେୟାରମ୍ୟାନ ସଞ୍ଜୁଲତା ନାଏକ, ଜିଲ୍ଲା ପରିଷଦ ହିମାଞ୍ଚଳ ବୁଡେକ, ରାଜ୍ୟ ଉପ ସଭାପତି ଶିବାଜୀ ମହାନ୍ତି, ବରିଷ୍ଠ ବିଜେପି ନେତା ମହେନ୍ଦ୍ର ଠାକୁର ପ୍ରମୁଖ ମଞ୍ଚାସୀନ ଥିଲେ । ଉମାକାନ୍ତ ବାରିକଙ୍କ ସମ୍ବଲପୁରୀ ମେଲୋଡିରେ ଦର୍ଶକ ବିଭୋର ହୋଇଥିଲେ ।

# ଜଳ ନିରାପତ୍ତା ଓ ସରକାରୀ ଯୋଜନା ନେଇ ସମନ୍ୱୟ ମେଳା

ମୁରିବାହାଲ, ୨୯ ।୯ (ସମିସ ): ଟୁପାଉଡାର ପଞ୍ଚାୟତ ଖେଳପଡ଼ିଆରେ ଜଳ ନିରାପତ୍ତା ଓ ସରକାରୀ ଯୋଜନାର ସଫଳ ରୂପାୟନ ନେଇ ପଞ୍ଚାୟତସ୍ତରୀୟ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି । ଜନମୁକ୍ତି ଅନୁଷ୍ଠାନ ଓ ଗ୍ରାମ ବିକାଶ ସଂସ୍ଥାର ସହଯୋଗରେ ଆୟୋଜିତ ଏହି ମେଳାରେ ସରକାରୀ ଯୋଜନା, ଜଳ ସୁରକ୍ଷା ଓ ଜୀବିକା ବିକାଶ ଉପରେ ଆଲୋଚନା ହୋଇଥିଲା । ଟୁପାଉଡାର ସରପଞ୍ଚ ଅର୍ଣ୍ଣ ବାଗଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜନମୁକ୍ତି ଅନୁଷ୍ଠାନର ସମ୍ପାଦକ ଭଜରାମ ସାହୁ, ଓଡ଼ିଶା ଜୀବିକା ମିଶନର ବିପିଏମ୍ ଡ. ଗୋପାଳ କୃଷ୍ଣ ଦୀପ, ଅତିରିକ୍ତ କୃଷି ଅଧିକାରୀ ଅଭିନାଶ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ପ୍ରତିନିଧି ଯୋଗ ଦେଇଥିଲେ । ମେଳାରେ ବିଭିନ୍ନ ଗ୍ରାମର ଗ୍ରାମ ଉନ୍ନୟନ କମିଟି ସଦସ୍ୟ, ୱାର୍ଡମେମ୍ବର, ସ୍ୱୟଂ ସହାୟିକା ଗୋଷ୍ଠୀ, ସିଆରପି, ଏମ୍‌ବିକେ, ଉତ୍ପାଦକ ଗୋଷ୍ଠୀ ଓ ସ୍ୱେଚ୍ଛାସେବୀମାନେ ଯୋଗ ଦେଇଥିଲେ । ଗ୍ରାମଗୁଡ଼ିକର ବିଭିନ୍ନ ଦାବି ଓ ଆବଶ୍ୟକତା ବିଭାଗୀୟ ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା । ଏହି ଅବସରରେ କୃଷି, ସ୍ୱାସ୍ଥ୍ୟ ଓ ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯାଇଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେବା ଯୋଗାଇ ଦିଆଯାଇଥିଲା । ସଞ୍ଜୀବ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ଦେବକାନ୍ତି ଲୁହା ଓ ଉଆଁସୁ ପୁଟେଲ ସହଯୋଗ କରିଥିଲେ ।

# କୋଶଲୀ ବାଲ୍ମୀକି ଇନ୍ଦ୍ରମଣି ସାହୁଙ୍କ ଜୟନ୍ତୀ

ବଲାଙ୍ଗୀର,୨୯ ।୯ (ସମିସ): ସ୍ଥାନୀୟ ଶ୍ରମିକ ଭବନ ପରିସରରେ ତହଁକ୍ ସାହିତ୍ୟ କୁଟୁମ୍ ଆନୁକୂଲ୍ୟରେ ବିଶିଷ୍ଟ ସାରସ୍ୱତ ସାଧକ, କୋଶଲୀ ବାଲ୍ମୀକି ଇନ୍ଦ୍ରମଣି ସାହୁଙ୍କ ଜୟନ୍ତୀ ସମାରୋହ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ତହଁକ ସଂପାଦକ ରାଜେଶ ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ କୋଶଲୀ ସାହିତ୍ୟ ଆର୍ ଜୁଆନ୍ ପିଢ଼ି ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲୋଚକ ଭାବେ ଲେଖକ ପରିଷଦ ସମ୍ପାଦକ ସୁଶାନ୍ତ ବାଗ, ଆଇନଜୀବୀ ନିର୍ମାଲ୍ୟ ସ୍ୱାଇଁ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ବଲାଙ୍ଗୀର ଜିଲ୍ଲା ଆବାହକ ମୃତ୍ୟୁଞ୍ଜୟ ସାହୁ, କବୟିତ୍ରୀ ତପସ୍ୱିନୀ ପଶାୟତ ଏବଂ କବି ମିଳନ ପଣ୍ଡା ଯୋଗ ଦେଇଥିଲେ । ତହଁକ୍ ମୁଖ୍ୟ ସମ୍ପାଦକ ଅର୍ଜୁନ ସାହୁ ଉପସ୍ଥିତ ଥିବାବେଳେ ପ୍ରସନ୍ନ ଗଡ଼ତିଆ ସ୍ୱାଗତ ଭାଷଣ ଦେଇଥିଲେ । କବି ନିତ୍ୟାନନ୍ଦ ଜୁଏଡ୍ ଧନ୍ୟବାଦ ଅର୍ପଣ କରିଥିଲେ ।

# ଫଳକରେ ମେଟାଲ୍, ମୋରମ୍; କାମରେ ଲାଲ ମାଟି




କଣ୍ଟାବାଞ୍ଜି,୨୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକରେ ରାଜ୍ୟ ସରକାରଙ୍କ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି । ଗାଁ ଗାଁକୁ ପକ୍କା ରାସ୍ତା ଯୋଡିବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ତଳ ସ୍ତରରେ ଠିକାଦାର ଓ କେତେକ ପ୍ରଭାବଶାଳୀ ବ୍ୟକ୍ତି ମିଶି ସେ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହେଉଛି । ବଙ୍ଗୋମୁଣ୍ଡା ବ୍ଲକର ଗନ୍ଧଲା ପଞ୍ଚାୟତରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ।

୨୦୨୬-୨୭ ଆର୍ଥିକ ବର୍ଷରେ ବଠଲାରୁ ଟିଟିସିଲେଟ ରାସ୍ତା କାମ ପାଇଁ ୪ ଲକ୍ଷ ୨୦ ହଜାର ଟଙ୍କା ମଞ୍ଜୁର ହୋଇଥିଲା । ଏଥିପାଇଁ ରାସ୍ତା କଡ଼ରେ ଲାଗିଥିବା ସୂଚନା ଫଳକରେ ମଧ୍ୟ ସ୍ପଷ୍ଟ ଭାବେ ରାସ୍ତା ମେଟାଲ ଓ ମୋରମ କାର୍ଯ୍ୟ ବୋଲି ଲେଖାଯାଇଛି; କିନ୍ତୁ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଯେ ସମ୍ପୃକ୍ତ ରାସ୍ତାରେ ଗୋଟିଏ ବି ଟ୍ରିପ୍ ମେଟାଲ କିମ୍ବା ମୋରମ ପକା ଯାଇନାହିଁ । କେବଳ ନିକଟସ୍ଥ ଜଙ୍ଗଲରୁ ଲାଲ ମାଟି ଆଣି ରାସ୍ତା ଉପରେ ପକାଇ ଦିଆଯାଇଛି । ବର୍ଷା ହେଲେ ମାଟି ଧୋଇ ଯାଇ ରାସ୍ତା ପୂର୍ବ ଅବସ୍ଥାକୁ ଫେରି ଯିବ । ଫଟୋରେ ମଧ୍ୟ ଏହା ସ୍ପଷ୍ଟ ବାରି ହେଉଛି ଯେ ରାସ୍ତାରେ କେବଳ ଲାଲ ମାଟି ପଡ଼ିଛି । ଏହା ସରକାରୀ ଅର୍ଥର ଖୁଲମଖୁଲା ଲୁଟ୍ । ଏହି ଦୁର୍ନୀତି ପଛରେ ବଙ୍ଗୋମୁଣ୍ଡା ବ୍ଲକ୍‌ର ଜଣେ ନିର୍ବାଚିତ ପ୍ରତିନିଧିଙ୍କ ହାତ ଥିବା ନେଇ ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ସରକାରୀ ନିୟମ ଅନୁଯାୟୀ ଜନ ପ୍ରତିନିଧି ବା ତାଙ୍କ ପରିବାର ସଦସ୍ୟ ସରକାରୀ କାର୍ଯ୍ୟର ଠିକା ନେଇ ପାରିବେ ନାହିଁ; କିନ୍ତୁ ଏଠାରେ ନିୟମକୁ ବେଖାତିର କରି ପରୋକ୍ଷରେ ଏହି କାମ କରାଯାଉଛି । ଏହା କ୍ଷମତାର ଅପବ୍ୟବହାରର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଅଭିଯୋଗ ହେଉଛି । ବିଡ଼ିଓଙ୍କ ନୀରବତା ଅନେକ ପ୍ରଶ୍ନ ସୃଷ୍ଟି କରୁଛି । କାର୍ଯ୍ୟ ନିର୍ବାହୀ ସଂସ୍ଥା ନାଁରେ ଫଳକରେ କିଛି ଲେଖା ନ ଥିବାରୁ ସନ୍ଦେହ ଆହୁରି ଘନୀଭୂତ ହେଉଛି ।

# ଗରିବଙ୍କ ଜମି ଠକିନେଲା ଏଚ୍‌ପିସିଏଲ୍

**ରାଜସ୍ୱ ବିଭାଗ କର୍ମଚାରୀଙ୍କ ସଂପୃକ୍ତି ଅଭିଯୋଗ**

କଣ୍ଟାବାଞ୍ଜି,୨୯ ।୯ (ସମିସ): ବଲାଙ୍ଗୀର ଜିଲ୍ଲାର ଧାମନଡଙ୍ଗାରେ ନିର୍ମାଣ ହେଉଥିବା ଏଚପିସିଏଲକୁ ନେଇ ଗୋଟିଏ ପରେ ଗୋଟିଏ ଅଭିଯୋଗ ସାମ୍ନାକୁ ଆସୁଛି । ଏବେ ଏକ ବଡ ଜମି କେଲେଙ୍କାରୀ ଘଟଣା ସାମ୍ନାକୁ ଆସିଛି । ଗରିବ ଆଦିବାସୀଙ୍କ ପେଟ ପାଟଣା ପାଇଁ ସରକାର ଦେଇଥିବା ସଂରକ୍ଷିତ ଜଳାଶୟ ଓ ଚାଷ ଜମିକୁ ଏଚପିସିଏଲ ହଡପ କରିନେଇଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ବହୁ ବର୍ଷ ତଳେ ଧାମନଡଙ୍ଗା ଗାଁର ୫ ଘର ଅତି ଗରିବ ପରିବାରକୁ ସରକାରଙ୍କ ପକ୍ଷରୁ ପରିବାର ପ୍ରତିପୋଷଣ ପାଇଁ ପ୍ରାୟ ୫ ଏକର ସରକାରୀ ଜମି ଚାଷ କରିବାକୁ ଦିଆଯାଇଥିଲା । ଏହି ଜମି ଥିଲା ସଂରକ୍ଷିତ ଜଳାଶୟ ଓ ସରକାରୀ ଖାସ ଜମି । ନିୟମ ଅନୁସାରେ ଏହି ଜମିକୁ ବିକ୍ରି କରିହେବ ନାହିଁ କି ଅନ୍ୟ ସଂସ୍ଥାକୁ ହସ୍ତାନ୍ତର କରିହେବ ନାହିଁ; ହେଲେ ଅଭିଯୋଗ ହେଉଛି ଯେ, ଏଚପିସିଏଲ ସଂସ୍ଥାର ଜମି ଦଲାଲମାନେ ସେହି ୫ ପରିବାରର ଗରିବୀର ଫାଇଦା ଉଠାଇ ସେମାନଙ୍କୁ ସାମାନ୍ୟ କିଛି ହାତ ଗୁଞ୍ଜା ଦେଇ ଠକି ଦେଇଛନ୍ତି । ସେହି ସଂରକ୍ଷିତ ଜମିକୁ ବେଆଇନ ଭାବେ ନିଜ ନାମରେ କରି ନେଇଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ରାଜସ୍ୱ ବିଭାଗର ଅସାଧୁ କର୍ମଚାରୀଙ୍କ ସହଯୋଗ ବିନା ଏହା ସମ୍ଭବ ନୁହେଁ । ରେକର୍ଡ ହେରଫେର କରି, ନକଲି କାଗଜପତ୍ର ପ୍ରସ୍ତୁତ କରି ଏହି ଜମି ହଡପ କରାଯାଇଛି ବୋଲି ଅଭିଯୋଗ ହେଉଛି । ଗରିବ ଲୋକଙ୍କୁ ଠକି କମ୍ପାନୀ ମାଲାମାଲ ହେଉଛି । ଏହି ଜମି ଦୁର୍ନୀତି ସାମ୍ନାକୁ ଆସିବା ପରେ ଗାଁ ଲୋକେ ତହସିଲ କାର୍ଯ୍ୟାଳୟଠାରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କ ସଂପୃକ୍ତ ରହିଛି ବୋଲି ଅଭିଯୋଗ ଆଣିଛନ୍ତି । ଏହା ପଛରେ ବଡ ଡିଲ୍ ଥିବା ସନ୍ଦେହ କରାଯାଉଛି । ତୁରନ୍ତ ଏହି ଜମି କେଲେଙ୍କାରୀର ଉଚ୍ଚସ୍ତରୀୟ ତଦନ୍ତ କରିବା ସହ ସଂପୃକ୍ତ ରାଜସ୍ୱ କର୍ମଚାରୀ ଓ ଏଚପିସିଏଲ ଦଲାଲଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଗରିବ ପରିବାରଙ୍କୁ ତାଙ୍କ ଜମି ଫେରାଇ ଦିଆଯାଉ ବୋଲି ଏବେ ଦାବି ଉଠୁଛି । ଅନ୍ୟପକ୍ଷରେ ଏହି ଏଚପିସିଏଲ ଡିପୋ ନିର୍ମାଣକୁ ବନ୍ଦ କରିବାକୁ ଗାଁ ଲୋକେ ବଲାଙ୍ଗୀର ଜିଲ୍ଲାପାଳଙ୍କ ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି । ଯଦି ପ୍ରଶାସନ ଏଥି ପ୍ରତି ଧ୍ୟାନ ନ ଦିଏ ଧାମନଡଙ୍ଗା ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସରପଞ୍ଚ ପ୍ରତିନିଧି ପପି ସୁନା ଖୋଲି ଚେତାବନୀ ଦେଇଛନ୍ତି ।

# ବାପ-ପୁଅଙ୍କଠାରୁ ୨୮୫ ବୋତଲ କଫସିରପ ଜବତ



ପାଟଣାଗଡ଼,୨୯ ।୯ (ସମିସ): ପାଟଣାଗଡ଼ ଅବକାରୀ ବିଭାଗ ମଙ୍ଗଳବାର କଫସିରପ କାରବାରରେ ବାପ ପୁଅକୁ ଧରିଛି । ଗିରଫ ବାପ ପୁଅ ଦ୍ୱୟ ହେଲେ ଲରମ୍ବା ଥାନା ଅଇଁଲାତୁଙ୍ଗା ଗାଁର ଯାଦବ ବେହେରା (୪୭) ଓ ପରେଶ ବେହେରା (୨୦) । ସେମାନଙ୍କଠାରୁ ୨୮୫ ବୋତଲ କଫସିରପ ଜବତ ହୋଇଛି । ମଙ୍ଗଳବାର ପାହାନ୍ତିଆ ସମୟରେ ଉଭୟ ତମିଆଁର ଜଣେ ବ୍ୟକ୍ତିଙ୍କଠାରୁ ବାଇକ (ଓଡି ୦୩ - ୮୩୧୦)ରେ କଫସିରପ ନେଇ ଗାଁକୁ ଫେରୁଥିଲେ । ଏହି ସମୟରେ ଅବକାରୀ ବିଭାଗ ଚଢ଼ଉ କରି ଗିରଫ କରିଥିଲା । ସେମାନଙ୍କୁ ପାଟଣାଗଡ଼ ଅଫିସକୁ ନେଇ ଅଧିକ ତଦନ୍ତ କରିଥିଲା । ଉଭୟ ବାପ ପୁଅ ଅଞ୍ଚଳରେ ଦୀର୍ଘ ଦିନରୁ କଫ ସିରପ କାରବାର ଚଳାଇଥିଲେ ହେଁ ଅବକାରୀ ବିଭାଗ ଧରିବାରେ ଫେଲ ମାରୁଥିଲା ।

# ବେଟି ବଚାଓ ବେଟି ପଢ଼ାଓ ସଚେତନତା ଶିବିର



ସଇଁତଲା, ୨୯ ।୯ (ସମିସ): ସଇଁତଲା ପଞ୍ଚାୟତ ସମିତି ମହାବିଦ୍ୟାଳୟଠାରେ "ବେଟି ବଚାଓ ବେଟି ପଢାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷ ପ୍ରସନ୍ନ ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ସଇଁନ୍ତଲା ସିଡିପିଓ ଗୋଲାପୀ ନାୟକ ଏବଂ ସଇଁନ୍ତଲା ଥାନା ଅଧିକାରୀ ବିଶ୍ୱଜିତ ବିଶ୍ୱାଳ ଅତିଥି ଭାବରେ ଯୋଗ ଦେଇଥିଲେ । ଅଧ୍ୟାପକ ଜୟଦେବ କରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରସନ୍ନ ସାହୁ ନାରୀ ସୁରକ୍ଷା ଓ ନାରୀ ଶିକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସିଡିପିଓ ଶ୍ରୀମତୀ ନାୟକ କନ୍ୟା ସନ୍ତାନଙ୍କ ସୁବିଧା ପାଇଁ ଥିବା ସରକାରୀ ଯୋଜନା ଉପରେ କହିଥିବା ବେଳେ ଥାନ ଅଧିକାରୀ ଶ୍ରୀ ବିଶ୍ୱଜିତ ବିଶ୍ୱାଳ ଭାରତୀୟ ନ୍ୟାୟ ସଂହିତାରେ ମହିଳା ସୁରକ୍ଷା ପାଇଁ ଥିବା ଧାରା ଉପରେ କହିଥିଲେ । ପ୍ରାଧ୍ୟାପକ ଡିଲେଶ୍ୱର ଭୋଇ ବେଟି ବଚାଓ ବେଟି ପଢ଼ାଓ ଯୋଜନାର ଐତହାସିକ ପଟ୍ଟଭୂମି ଉପରେ କହିଥିବା ବେଳେ ଅଧ୍ୟାପକ ଶଶିଭୂଷଣ ପଧାନ ନାରୀ ସୁରକ୍ଷା ଉପରେ ମତ ରଖିଥିଲେ । ଶେଷରେ ଅଧ୍ୟାପକ ରାଜ କୁମାର ବଗର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗିରରେ ସ୍ୱାସ୍ଥ୍ୟ ଓ ଉଚ୍ଚଶିକ୍ଷା ନେଇ ବିଧାନସଭାରେ କଳିକେଶଙ୍କ ପ୍ରଶ୍ନ

ବଲାଙ୍ଗିର,୨୯ ।୯ (ସମିସ):

ବଲାଙ୍ଗିର ଜିଲ୍ଲାର ସ୍ୱାସ୍ଥ୍ୟସେବା ଓ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ବିକାଶ ସମ୍ପର୍କିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବିଧାନସଭାରେ ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଉଠାଇଛନ୍ତି । ତାଙ୍କ ପ୍ରଶ୍ନର ଉତ୍ତରରେ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନୁମୋଦିତ ଅର୍ଥ ଏବଂ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମ୍ପର୍କରେ ତଥ୍ୟ ରଖିଛନ୍ତି । ଅଣତାରକା ପ୍ରଶ୍ନ ନଂ୧୬୩୨ରେ କଳିକେଶ ନାରାୟଣ ସିଂହଦେଓ ୨୦୨୬-୨୭ ବର୍ଷରେ ବଲାଙ୍ଗିର ଜିଲ୍ଲାରେ ଔଷଧ, ଉପଯୋଗୀ ସାମଗ୍ରୀ ଓ ଚିକିତ୍ସା ଉପକରଣ କ୍ରୟ ପାଇଁ ନିରାମୟ, ଏନଏଚଏମ ଓ ରାଜ୍ୟ ବଜେଟ୍‌ରୁ ଅର୍ଥ ବ୍ୟବସ୍ଥା ସମ୍ପର୍କରେ ପ୍ରଶ୍ନ କରିଥିଲେ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉତ୍ତର ଅନୁଯାୟୀ, ବଲାଙ୍ଗିର ଜିଲ୍ଲା ପାଇଁ ଏନଏଚଏମ, ଆୟୁଷ୍ମାନ ଯୋଜନା ଓ ପଞ୍ଚଦଶ ଅର୍ଥ କମିଶନ ଅଧୀନରେ ମୋଟ ୪,୩୭,୪୧,୨୫୭ ଅନୁମୋଦନ କରାଯାଇଛି । ତେବେ ନିରାମୟ ଯୋଜନାର ଅର୍ଥ ଜିଲ୍ଲାୱାରୀ ନୁହେଁ, ସମଗ୍ର ରାଜ୍ୟ ପାଇଁ ଅନୁମୋଦିତ ହୋଇଥିବା ମନ୍ତ୍ରୀ କହିଛନ୍ତି । ସରକାରଙ୍କ ଉତ୍ତରରେ ଆହୁରି କୁହାଯାଇଛି ଯେ, ବଲାଙ୍ଗିର ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଏବଂ ସିଏଚସି ଓ ପିଏଚସି ଗୁଡ଼ିକରେ ଆବଶ୍ୟକୀୟ ଔଷଧ, ଚିକିତ୍ସା ଉପକରଣ କିମ୍ବା ଅନ୍ୟାନ୍ୟ ଜରୁରୀ ସାମଗ୍ରୀର ଅଭାବ ସମ୍ପର୍କରେ କୌଣସି ରିପୋର୍ଟ ମିଳିନାହିଁ । ଓଡିଶା ରାଜ୍ୟ ଔଷଧ ନିଗମ ପକ୍ଷରୁ ଔଷଧ ଯୋଗାଣରେ ବ୍ୟତିକ୍ରମ ହେଲେ ଅନୁମୋଦିତ ଟେଣ୍ଡର ଦରରେ ସ୍ଥାନୀୟ ଭାବେ ଔଷଧ କ୍ରୟ କରାଯାଉଥିବା ଏବଂ ଷ୍ଟକ୍‌ର ସମୟୋଚିତ ପୁନଃପୂରଣ ପାଇଁ ପଦକ୍ଷେପ ନିଆଯାଉଥିବା ଉତ୍ତରରେ ଦର୍ଶାଯାଇଛି । ସେହିପରି କଳିକେଶ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସମ୍ପୂର୍ଣ୍ଣ କ୍ୟାମ୍ପସ ପାଇଁ ଆବଶ୍ୟକ ଜମି, ଏପର୍ଯ୍ୟନ୍ତ ଉପଲବ୍ଧ ଜମି ଏବଂ ଭବିଷ୍ୟତ ଜମି ବ୍ୟବସ୍ଥା ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଠାରୁ ତଥ୍ୟ ମାଗିଥିଲେ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉତ୍ତର ଅନୁଯାୟୀ, ରାଜେନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ୨୦୨୦ ମସିହାରେ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇଥିଲା । ଉନ୍ନୀତ ସମୟରେ କୌଣସି ମାଷ୍ଟର ପ୍ଲାନ୍ କିମ୍ବା ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହୋଇ ନ ଥିବା ମନ୍ତ୍ରୀ ଉତ୍ତରରେ କହିଛନ୍ତି । ବର୍ତ୍ତମାନ ୫୦.୪୩୭ ଏକର ଜମି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାମରେ ରେକର୍ଡଭୁକ୍ତ ଅଛି । ବିଶ୍ୱବିଦ୍ୟାଳୟର ଆବଶ୍ୟକତା ଆଧାରରେ ଭିତ୍ତିଭୂମି ବିକାଶ ପାଇଁ ଆଗାମୀ ଆବଶ୍ୟକ ପଦକ୍ଷେପ ଉଚ୍ଚଶିକ୍ଷା ବିଭାଗ ନେବ ବୋଲି ମନ୍ତ୍ରୀ ଉତ୍ତର ଦେଇଛନ୍ତି ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜବୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ପର୍କ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୮୪୭ - ବ୍ରିଟେନ୍‌ରେ ଶାକାହାରୀ ସୋସାଇଟି ଗଠନ କରାଗଲା।
- ୧୯୩୯ - ଜର୍ମାନୀ ଓ ରୁଷ୍ ପୋଲାଣ୍ଡ ବିଭାଜନ ପାଇଁ ରାଜି ହେଲେ।
- ୧୯୬୭ - ଅନ୍ତରାଷ୍ଟ୍ରୀୟ ମୁଦ୍ରାକୋଷ ତା'ର ମୌଦ୍ରିକ ପ୍ରଣାଳୀରେ ସୁଧାର ଆଣିଲା।
- ୧୯୯୩-ମହାରାଷ୍ଟ୍ରର ଲାଟୁର ଭୂମିକମ୍ପରେ ୧୦ ହଜାର ଲୋକ ମୃତ, ୩୦ ହଜାରରୁ ଅଧିକ ଆହତ।

# ଶାହିଦ୍-ଜୁନିୟର ଏନ୍‌ଟିଆର୍ ମୁହାଁମୁହିଁ





ଭାରତୀୟ ଚଳଚ୍ଚିତ୍ର ଜଗତରେ ଏବେ ଏକ ବଡ଼ ଧରଣର ପରିବର୍ତ୍ତନ ଦେଖିବାକୁ ମିଳୁଛି, ଯେଉଁଠି ବଲିଉଡ୍ ଏବଂ ସାଉଥ୍ ସିନେମାର ଆଗଧାଡ଼ିର କଳାକାରମାନେ ଏକାଠି ହୋଇ ସିନେପ୍ରେମୀଙ୍କୁ ଚମକାଇ ଦେଉଛନ୍ତି। ଏହି କ୍ରମରେ ଚକୋଲେଟ୍ ବୟରୁ ଆକ୍ସନ୍ ଷ୍ଟାର ସାଜିଥିବା ଅଭିନେତା ଶାହିଦ୍ କପୁର, ସାଉଥ୍ ଇଣ୍ଡଷ୍ଟ୍ରୀର ଆଗଧାଡ଼ିର ଅଭିନେତା ଜୁନିଅର ଏନ୍‌ଟିଆର୍‌ଙ୍କ ଆଗାମୀ ଚଳଚ୍ଚିତ୍ର 'ଡ୍ରାଗନ୍'ରେ ସାମିଲ ହୋଇଛନ୍ତି। 'କେଜିଏଫ୍' ଏବଂ 'ସାଲାର' ଭଳି ବ୍ଲକ୍‌ବଷ୍ଟର୍ ସିନେମା ଭେଟି ଦେଇଥିବା ନିର୍ଦ୍ଦେଶକ ପ୍ରଶାନ୍ତ ନୀଲ୍ ଏହି ଚଳଚ୍ଚିତ୍ରର ମଙ୍ଗ ଧରିଛନ୍ତି। ୧୯୬୦ ଦଶକର ପୃଷ୍ଠଭୂମିରେ ନିର୍ମିତ ଏହି ଆକ୍ସନ ଥ୍ରୀଲର୍‌ର କାହାଣୀ ବିଶ୍ୱସ୍ତରର ଅଫିମ ବ୍ୟବସାୟ ଉପରେ ଆଧାରିତ। ଏଭଳି ଏକ ଅନ୍ଧକାରମୟ ଏବଂ ବିପଦପୂର୍ଣ୍ଣ ଦୁନିଆରେ ଜୁନିୟର ଏନ୍‌ଟିଆର 'ଲୁଗର' ନାମକ ଏକ ଶକ୍ତିଶାଳୀ ଚରିତ୍ରରେ ନଜର ଆସିବେ। 'କବୀର ସିଂ' ଏବଂ 'ହାଏଦର' ଭଳି ଚରିତ୍ରରେ ଜବରଦସ୍ତ ଅଭିନୟ କରି ପ୍ରଶଂସା ସାଉଁଟିଥିବା ଶାହିଦ୍, ଏହି ଚଳଚ୍ଚିତ୍ର ଜରିଆରେ ସାଉଥ୍ ଇଣ୍ଡଷ୍ଟ୍ରୀରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏଥିରେ ସେ ନକାରାତ୍ମକ ଚରିତ୍ରରେ ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି । ନିକଟରେ ହାଇଦ୍ରାବାଦରେ ତାଙ୍କର ଲୁକ୍ ଟେଷ୍ଟ ଶେଷ ହୋଇଛି ଏବଂ ସେ ଖୁବ୍ ଶୀଘ୍ର ସୁଟିଂରେ ଯୋଗ ଦେବେ। ପରଦା ଉପରେ ଏହି ଦୁଇ ସୁପରଷ୍ଟାର୍‌ଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ଦର୍ଶକେ ଏବେ ବେଶ୍ ଉତ୍ସାହିତ ଅଛନ୍ତି।

# ଅନ୍ତର୍ଜାତୀୟ ଅନୁବାଦ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୩୦ ତାରିଖକୁ ଆନ୍ତର୍ଜାତିକ ଅନୁବାଦ ଦିବସ ଭାବେ ପାଳନ କରାଯାଏ। ଭାଷାଗତ ଓ ସାଂସ୍କୃତିକ ବିଭେଦକୁ ଦୂର କରିବାରେ ଅନୁବାଦକ ଓ ସେମାନଙ୍କ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳିତ ହୁଏ। ୨୦୧୭ ମସିହାରେ ଜାତିସଂଘର ସାଧାରଣ ପରିଷଦ ଏହି ଦିବସ ପାଳନ କରିବାକୁ ଅନୁମୋଦନ ଦେଇଥିଲା। ସେପ୍ଟେମ୍ବର ୩୦ ତାରିଖ ହେଉଛି ସନ୍ଥ ଜେରୋମ୍‌ଙ୍କ ମହାପ୍ରୟାଣ ଦିବସ। ସେ ପ୍ରଥମେ ବାଇବେଲ୍‌କୁ ଲାଟିନ୍ ଭାଷାରେ ଅନୁବାଦ କରିଥିଲେ। ଭାଷାଗତ ବ୍ୟବଧାନ ଦୂର ହେବା ନିତାନ୍ତ ଆବଶ୍ୟକ ବୋଲି ତାଙ୍କର ଦୃଢ଼ ମତ ଥିଲା। ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପୂର୍ବକ ଜାତିସଂଘ ପକ୍ଷରୁ ଅନୁବାଦ ଦିବସ ପାଳନ କରାଯାଉଛି। ଜଣଙ୍କର ଭାଷା ଅନ୍ୟ ଜଣେ ନ ବୁଝିପାରିଲେ ଭାବର ଆଦାନ ପ୍ରଦାନ ହୋଇ ପାରେ ନାହିଁ। ସେହିଭଳି ଗୋଟିଏ ଦେଶର ଭାଷା ଅନ୍ୟ ପଡ଼ୋଶୀ ଦେଶ ନ ବୁଝିପାରିଲେ ସମ୍ପର୍କରେ ଦୂରତା ବଢ଼େ। ଫଳରେ ସମ୍ପର୍କ ସ୍ଥାପନ କଷ୍ଟକର ହୋଇଯାଏ। ଏ କ୍ଷେତ୍ରରେ ଦୁଇ ଦେଶର ଭାଷା ବୁଝୁଥିବା ଜଣେ ଲୋକଙ୍କ ଦ୍ୱାରା ଭାବର ଆଦାନ ପ୍ରଦାନ କରାଯାଇଥାଏ। ଭାଷା ପ୍ରତିବନ୍ଧକକୁ ଦୂର କରିବା ପ୍ରକୃତରେ ଏକ ବଡ଼ ଆହ୍ୱାନ। ଅନୁବାଦକମାନେ ଏହି କାମକୁ ସହଜ କରନ୍ତି। ସାରା ବିଶ୍ୱରେ ସବୁଠାରୁ ଅଧିକ ଅନୂଦିତ ଭାଷା ହେଉଛି ଇଂରାଜୀ । ଏହାପରେ ଫ୍ରେଞ୍ଚ, ଜର୍ମାନ୍ ଓ ଇଟାଲିଆନ୍ ରହିଛି । ବର୍ତ୍ତମାନ ସମୟରେ ଅନୁବାଦ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଯାଇଛି। ଅନୁବାଦ ଯୋଗୁଁ ଆମେ କୌଣସି ଭାଷା ସମ୍ପର୍କରେ ଜାଣିପାରୁଛୁ ଓ ଶିଖିପାରୁଛୁ। ବିଭିନ୍ନ ରାଷ୍ଟ୍ରକୁ ଏକାଠି କରି ପାରସ୍ପରିକ କଥାବାର୍ତ୍ତା ମାଧ୍ୟମରେ ପୃଥିବୀରେ ଶାନ୍ତି, ସୁରକ୍ଷା ଓ ପ୍ରଗତିକୁ ସଶକ୍ତ କରିବା ପଛରେ ରହିଥିବା ଅନୁବାଦକମାନଙ୍କ ଭୂମିକାକୁ ମନେ ପକାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଏ। ଅନୁବାଦ ହେଉଛି ଏକ ମାଧ୍ୟମ, ଯାହା ଭାଷାର ପ୍ରାଚୀର ଭାଙ୍ଗେ, ବିଭିନ୍ନ ସଂସ୍କୃତିକୁ ଯୋଡ଼େ ଏବଂ ହୃଦୟକୁ ନିକଟତର କରେ। କହିବାକୁ ଗଲେ, ଯଦି ଅନୁବାଦ ନଥାନ୍ତା ତ ଦୁନିଆର ଜ୍ଞାନ ଓ ସଂସ୍କୃତି ଗୋଟିଏ ସୀମା ଭିତରେ ବାନ୍ଧି ହୋଇ ରହିଯାଇଥାନ୍ତା। ସେଥିପାଇଁ ଏହି ଦିନଟି ପ୍ରତ୍ୟେକ ଭାଷା ସେବକଙ୍କ ପାଇଁ ଏକ ଗର୍ବର ଦିନ। ଏହି ଦିବସ ପାଳନ ଅବସରରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁବାଦ ସମ୍ପର୍କୀୟ କର୍ମଶାଳା ଅନୁଷ୍ଠିତ ହୋଇଥାଏ।

# ରିଲ୍ସରୁ ଧରାପଡ଼ିଲା ଚୋରି ଗହଣା

ବିଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର ଏହି ଆଧୁନିକ ଯୁଗରେ ସୋସିଆଲ ମିଡିଆ ଯେତିକି ଲୋକପ୍ରିୟ ହେବାରେ ଲାଗିଛି, ଏହା ସାହାଯ୍ୟରେ ଅପରାଧୀମାନଙ୍କୁ ଧରିବା ପୋଲିସ ପାଇଁ ସେତିକି ସହଜ ହୋଇଛି। ନିକଟରେ ମଧ୍ୟପ୍ରଦେଶର ଇନ୍ଦୋର ସହରରୁ ଏଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି, ଯାହା ଶୁଣିଲେ ଯେକେହି ଆଶ୍ଚର୍ଯ୍ୟ ହେବେ। ଯେଉଁ ଚୋରକୁ ପୋଲିସ ଓ ଘରର ମାଲିକ ଖୋଜି ପାଉ ନ ଥିଲେ, ସେ ଇନଷ୍ଟାଗ୍ରାମ୍‌ରେ ରିଲ୍ସ ବନାଇବାର ଅଭ୍ୟାସ ଯୋଗୁଁ ଏବେ ଜେଲ୍ ହାଜତରେ। ଇନ୍ଦୋରର ଲସୁଡ଼ିଆ ଥାନା ଅଞ୍ଚଳରେ ଥିବା ଏକ ପ୍ରତିଷ୍ଠିତ ଟାଉନସିପ୍‌ର ଏକ ଘରେ ବିଗତ ଦୁଇ ବର୍ଷ ହେଲାଣି ଅଜବ ଘଟଣା ଘଟୁଥିଲା। ଘରୁ ସୁନା ମୁଦି, ହୀରାର ଅଳଙ୍କାର, ଦାମୀ ଚଷମା ଭଳି ଜିନିଷ ଗୋଟିଏ ପରେ ଗୋଟିଏ ଗାଏବ ହେବାରେ ଲାଗିଥିଲା। ପରିବାର ଲୋକ ଚିନ୍ତାରେ



ଥିଲେ ଯେ, ଘରକୁ କୌଣସି ବାହାର ଲୋକ ନ ଆସି ମଧ୍ୟ ଗହଣା ଚୋରି ହେଉଛି କେମିତି? ପରିବାର ଲୋକେ ଏନେଇ ପୋଲିସରେ ଅଭିଯୋଗ ମଧ୍ୟ କରିଥିଲେ, କିନ୍ତୁ କୌଣସି ସୁରାକ୍ ମିଳୁ ନ ଥିଲା। ଏହି ସମୟରେ ଘରେ କାମ କରୁଥିବା ଘରୋଇ ସହାୟିକା ପୁନମ୍ ଦୁଇ ମାସ ତଳେ ହଠାତ୍ କାମ ଛାଡ଼ି ଦେଇଥିଲା। ଦିନେ ଘରର ବୋହୂ ଶାଶୁଙ୍କ ଗହଣା ଚୋରି ସମ୍ପର୍କରେ ଚିନ୍ତା କରି ଇନଷ୍ଟାଗ୍ରାମ୍ ସ୍କ୍ରଲ୍ କରୁଥିଲେ। ହଠାତ୍ ତାଙ୍କ ନଜର ପୂର୍ବତନ କାମବାଲୀ ପୁନମ୍‌ର ଏକ ପ୍ରୋଫାଇଲ୍ ଉପରେ ପଡ଼ିଲା। ପୁନମ୍ ସେଠାରେ ଷ୍ଟାଇଲିଶ୍ ଅନ୍ଦାଜ୍‌ରେ ଏକ ଫଟୋ ଓ ଭିଡିଓ ପୋଷ୍ଟ କରିଥିଲା। ବୋହୂ ଜଣକ ଯେତେବେଳେ ଭିଡିଓଟିକୁ ଧ୍ୟାନର ସହ ଦେଖିଲେ, ପୁନମ୍ ବେକରେ ଯେଉଁ ଡାଇମଣ୍ଡ ପେଣ୍ଡେଣ୍ଟ ଥିବା ସୁନା ଚେନ୍ ପିନ୍ଧି ରିଲ୍ସ ବନାଇଥିଲା, ସେଇଟି ତାଙ୍କ ଘରୁ ଚୋରି ହୋଇଥିବା ଗହଣା ବୋଲି ଜାଣିପାରିଥିଲେ। ଏହାପରେ ପୋଲିସ୍ ଇନଷ୍ଟାଗ୍ରାମ ଫଟୋକୁ ତଦନ୍ତର ବଡ଼ ପ୍ରମାଣ ମାନି ପୁନମ୍‌କୁ ପଚରାଉଚରା ପାଇଁ ଡାକିଲେ। ପୋଲିସ୍ ଅନୁସାରେ, ପଚରାଉଚରା ସମୟରେ ପୁନମ୍ ଘରୁ ସୁନା ଚେନ୍ ସହିତ ଅନ୍ୟ ଅଳଙ୍କାର ଓ ଜିନିଷ ଚୋରି କରିବା ସ୍ୱୀକାର କଲା। ଏବେ ସୁଦ୍ଧା ୩ ଲକ୍ଷ ଟଙ୍କାରୁ ଅଧିକ ସୁନା ଓ ହୀରା ଗହଣା ସମେତ ଅନ୍ୟ ଜିନିଷକୁ ଜବତ କରାଯାଇଛି। ଜବତ ହୋଇଥିବା ଜିନିଷରେ ସୁନା ଚେନ୍, ମୁଦି ଏବଂ ଅନ୍ୟ ଜିନିଷ ସାମିଲ ଅଛି। ଏହି ମାମଲାରେ ବଡ଼ ବିଶେଷତ୍ୱ ହେଉଛି ଅଭିଯୁକ୍ତ ମହିଳା ଚୋରି କରାଯାଇଥିବା ସୁନା ଚେନ୍ ପିନ୍ଧି ଇନଷ୍ଟାଗ୍ରାମରେ ରିଲ୍ ତିଆରି କରିଥିଲେ। ଏହି ରିଲ୍ ପରିବାର ନଜରରେ ଆସିଲା ଏବଂ ଏହା ପରେ ପୋଲିସ୍‌କୁ ଅଭିଯୁକ୍ତ ପାଖରେ ପହଞ୍ଚିବାରେ ସାହାଯ୍ୟ ମିଳିଲା। ତେବେ ସାମାଜିକ ଗଣମାଧ୍ୟମ ଏହି ଚୋରିର ପର୍ଦ୍ଦାଫାଶ କରିବାରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା।

# ସମ୍ଭାବନା



## ଗୁରୁତ୍ୱପୂର୍ଣ୍ଣ ପଢ଼ା ପରିବେଶ

**ସାଧାରଣତଃ ପିଲାଙ୍କୁ ବୁଝାଯାଏ, ପାଠ ପଢୁଥିବା ପିଲା ଯେଉଁ ସ୍ଥାନକୁ ଗଲେ ବି ପଢ଼ିପାରନ୍ତି। ହେଲେ ସ୍ଥାନ ପରିବର୍ତ୍ତନ କଲେ କ'ଣ ପଢ଼ାରେ ମନ ଲାଗେ। ଏଭଳି ପ୍ରଶ୍ନ ବେଳେ ବେଳେ ମନକୁ ଆସେ। ତେବେ ଏକ ନୂଆ ସ୍ଥାନରେ ବସିଲେ, ମସ୍ତିଷ୍କ ସେହି ପରିବେଶକୁ ନେଇ ତାଜା ଅନୁଭବ କରେ।**



- ଗୋଟିଏ ସ୍ଥାନରେ ସବୁଦିନ ପଢ଼ିବା ଦ୍ୱାରା ମସ୍ତିଷ୍କ ସେହି ସ୍ଥାନ ସହିତ ସହଜରେ ଜଡ଼ିତ ହୋଇଯାଏ। ଯାହାକି ନୂଆ ସ୍ଥାନକୁ ଗଲେ ଏହି ଯୋଡ଼ି ହେବା ଅଭ୍ୟାସଟା ଭାଙ୍ଗିଥାଏ।
- ପୁରୁଣା ସ୍ଥାନରେ ଥିବା ଟିଭି, ମୋବାଇଲ ଭଳି କିଛି ଅନ୍ୟ ଜିନିଷ ଧ୍ୟାନକୁ ବିଚ୍ୟୁତ କରେ। ହେଲେ ନୂଆ ସ୍ଥାନରେ ଏହା ଦୂର ହେବାର ଆଶଙ୍କା ଅଛି।
- ଗୋଟିଏ ସ୍ଥାନରେ ବେଶି ସମୟ ବସି ରହିଲେ, ମସ୍ତିଷ୍କ ସକ୍ରିୟ ରହେ ନାହିଁ। ତେଣୁ ସ୍ଥାନ ପରିବର୍ତ୍ତନ ଦ୍ୱାରା ମସ୍ତିଷ୍କର ସକ୍ରିୟତା ବୃଦ୍ଧି ପାଏ।
- ଅନେକ ଗବେଷଣାରେ ଦେଖା ଯାଇଛି, ଅଲଗା ଅଲଗା ସ୍ଥାନରେ ପଢ଼ିଲେ ମସ୍ତିଷ୍କ ଅଲଗା ଅଲଗା ସ୍ମୃତି ସହିତ ଜଡ଼ିତ ହୁଏ। ଏହା ଦ୍ୱାରା କୌଣସି ତଥ୍ୟକୁ ମନେ ରଖିବା ସହଜ ହୋଇଯାଏ।
- ତେବେ ନୂଆ ସ୍ଥାନକୁ ଗଲେ ମସ୍ତିଷ୍କ ନୂଆ ନୂଆ କଥା ଚିନ୍ତା କରିବାକୁ ବେଶି ସକ୍ଷମ ହୁଏ।
- ଗୋଟିଏ ସ୍ଥାନରେ ବସିଲେ ଆଳସ୍ୟ ଦେଖା ଦେଉଥିବା ବେଳେ ସ୍ଥାନ ପରିବର୍ତ୍ତନରେ ଏହା ହୁଏ ନାହିଁ।
- ନୂଆ ସ୍ଥାନରେ ବସି ପଢ଼ିଲେ ନୂଆ ଉତ୍ସାହରେ ପଢ଼ିବାରେ ମନ ଲାଗେ।

# ବଦଳିବ ହ୍ୱାଟ୍ସଆପ୍ ଲୁକ୍

ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନୂଆ ଫିଚର୍‌ମାନ ପରିଚିତ କରାଉଛି। ଏହି କ୍ରମରେ ଆଣ୍ଡ୍ରଏଡ୍ ଫୋନ୍‌ରେ ହ୍ୱାଟ୍ସଆପ୍ ବ୍ୟବହାରକାରୀ ଆଗାମୀ ଦିନରେ ଏକ ନୂଆ ଫିଚର୍ ସହିତ ପରିଚିତ ହେବେ। ଆଗାମୀ ଦିନରେ ଆପ୍‌ର ଇଣ୍ଟରଫେସ୍‌ରେ ପରିବର୍ତ୍ତନ ଆସିବ। ହ୍ୱାଟ୍ସଆପ୍ ଆଣ୍ଡ୍ରଏଡ୍ ଆପ୍ ପାଇଁ ନୂଆ ବଟମ୍ ନେଭିଗେସନ ବାର୍‌ର ପରୀକ୍ଷଣ କରୁଛି। ଅବଶ୍ୟ ଏହା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି। ତେଣୁ ଏହି ଫିଚର୍ ସମସ୍ତ ବ୍ୟବହାରକାରୀଙ୍କ ପାଇଁ କେବେ ଉପଲବ୍ଧ ହେବ, ସେକଥା ସାମ୍ନାକୁ ଆସି ନାହିଁ। କୁହାଯାଉଛି ଯେ, ଏହାର ଲୁକ୍ ଆଇଫୋନ୍‌ରେ ମିଳୁଥିବା ହ୍ୱାଟ୍ସଆପ୍ ଇଣ୍ଟରଫେସ୍ ସହିତ ମେଳ ଖାଇବ। ତେବେ ଆଣ୍ଡ୍ରଏଡ ଭର୍ସନରେ କମ୍ପାନି ଗୁଗଲର ଡିଜାଇନ ଗାଇଡଲାଇନ୍‌କୁ ଦୃଷ୍ଟିରେ ରଖି ପରିବର୍ତ୍ତନ କରିବ। ସେହିପରି ହ୍ୱାଟ୍ସଆପ୍ ବିଟା ଫର୍ ଆଣ୍ଡ୍ରଏଡ୍ ଭର୍ସନ ୨.୨୬.୩୮.୧୦ରେ ନୂଆ ଡିଜାଇନ ଦେଖିବାକୁ ମିଳିଛି। ଏଥିରେ ସ୍କ୍ରିନ ତଳେ ଥିବା ନେଭିଗେସନ ବାର୍‌ର ଲୁକ୍‌ରେ ପରିବର୍ତ୍ତନ ଆସିଛି। ଏହି ପରିବର୍ତ୍ତନ କେବଳ ସେକ୍ସନ ସ୍ଥାନ ପର୍ଯ୍ୟନ୍ତ ସୀମିତ ନାହିଁ। ନୂଆ ଡିଜାଇନ୍‌ରେ ନେଭିଗେସନ ବାର୍‌ର ଆକାର, ଟ୍ୟାବ୍ ଏବଂ କଣ୍ଟ୍ରୋଲ ଲୁକ୍‌ରେ ବି ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଅନ୍ୟପଟେ ନୂଆ ବାର୍ ସ୍କ୍ରିନ୍‌ର ଫ୍ଲୋଟିଂ ଲୁକ୍ ଏହି ଫିଚର୍‌କୁ ନିଆରା କରିବ।




# ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ...

**ଆଜିକାଲି ଅଧିକାଂଶ ଯୁବପିଢ଼ି କାହା ଅଧୀନରେ କାମ କରିବାକୁ ପସନ୍ଦ କରୁନାହାନ୍ତି। ତେଣୁ ନିଜସ୍ୱ ବ୍ୟବସାୟ କରିବାକୁ ଯୁବକଯୁବତୀ ଅଧିକ ଆଗ୍ରହ ଦେଖାଉଛନ୍ତି। ଛୋଟ ହେଉ କିମ୍ବା ବଡ଼, ଯେକୌଣସି ବ୍ୟବସାୟ ଆରମ୍ଭ ପୂର୍ବରୁ ଯୋଜନାବଦ୍ଧ ଭାବେ କାମ କଲେ ସଫଳତା ମିଳିଥାଏ।**



- ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ଯୋଜନା ପ୍ରସ୍ତୁତ କରି ସେହି ଅନୁସାରେ ନିଜକୁ ପ୍ରସ୍ତୁତ କରନ୍ତୁ। ଅଭିଜ୍ଞ ବ୍ୟବସାୟୀଙ୍କ ଠାରୁ ପରାମର୍ଶ ନେଇପାରିବେ। କେଉଁ ଜିନିଷକୁ ନେଇ ବ୍ୟବସାୟ ଆରମ୍ଭ କରିବେ, ଅନ୍ୟମାନଙ୍କଠାରୁ ଗ୍ରାହକଙ୍କୁ ଭଲ ସେବା କେମିତି ଯୋଗାଇ ଦେବେ ସେନେଇ ପ୍ରଥମରୁ ରଣନୀତି ପ୍ରସ୍ତୁତ କରନ୍ତୁ।
- ଯେଉଁ ବ୍ୟବସାୟ ଆରମ୍ଭ କରିବାକୁ ଯାଉଛନ୍ତି, ତାହାର ସ୍ଥିତି ଏବେ ମାର୍କେଟ୍‌ରେ କେମିତି ଅଛି, ତାହାର ପୁଙ୍ଖାନୁପୁଙ୍ଖ ତର୍ଜମା କରନ୍ତୁ। ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ଗ୍ରାହକଙ୍କର ସେହି ଜିନିଷ ପ୍ରତି ଦୃଷ୍ଟିକୋଣ କିପରି ରହିଛି ତାହା ଜାଣିବା ନିହାତି ଆବଶ୍ୟକ।
- ବ୍ୟବସାୟରେ ଆୟ ବୃଦ୍ଧି ନିଜର ଦକ୍ଷତା ଓ କାର୍ଯ୍ୟଶୈଳୀ ଅନୁସାରେ ନିର୍ଭର କରିଥାଏ। ଏଥିପାଇଁ ସଠିକ୍ ନିର୍ଣ୍ଣୟ ନେବାର ଆବଶ୍ୟକତା ରହିଛି।
- ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ କେତେ ଟଙ୍କା ଏଥିରେ ନିବେଶ କରିବେ ଓ କେତେ ଟଙ୍କା ଋଣ କରିବେ ପ୍ରଥମରୁ ସ୍ଥିର କରନ୍ତୁ। ଏହାକୁ ମାସିକ କି ବାର୍ଷିକ ଶୁଝିବେ ପ୍ରଥମରୁ ହିଁ ଯୋଜନା କରନ୍ତୁ।

# ଜେନ୍ ଜେଡ୍‌ଙ୍କ 'ଏରା'



**ଜେନ୍ ଜିଙ୍କ ଡିଜିଟାଲ ଭାଷାରେ 'ଏରା' କେବଳ ଏକ ଶବ୍ଦ ନୁହେଁ, ବରଂ ଜୀବନର ଅଲଗା ଅଲଗା ପର୍ଯ୍ୟାୟକୁ ପ୍ରକାଶ କରିବାର ଏକ ମାଧ୍ୟମ ପାଲଟିଛି। 'ସଫ୍ଟ ଗର୍ଲ ଏରା'ଠୁ ଆରମ୍ଭ କରି 'ହିଲିଂ', 'ଫିଟ୍‌ନେସ୍', 'ସେଲଫ ଲଭ୍ ଏରା' ଭଳି ଜୀବନର ପ୍ରତ୍ୟେକ ପର୍ଯ୍ୟାୟକୁ ସେମାନେ 'ଏରା' ନାଁରେ ଆପଣାଉଛନ୍ତି।**

ସାମାଜିକ ଗଣମାଧ୍ୟମ କଥାବାର୍ତ୍ତା ଏବଂ ଟ୍ରେଣ୍ଡ ସହିତ ନିଜ ଜୀବନକୁ ପରିପ୍ରକାଶ କରିବାର ଶୈଳୀକୁ ବଦଳାଇବାରେ ଲାଗିଛି। ଲୋକମାନେ ନିଜ ପସନ୍ଦ, ମୁଡ୍, ଲାଇଫଷ୍ଟାଇଲ ଏବଂ ଜୀବନର ଅଲଗା ଅଲଗା ପର୍ଯ୍ୟାୟର ଏକ ବିଶେଷ ନାଁ ଦେଉଛନ୍ତି। ବିଶେଷକରି ଜେନ୍ ଜିଙ୍କ ଡିଜିଟାଲ ଭାଷାରେ 'ଏରା' ଏହି ଟ୍ରେଣ୍ଡର ଅଂଶ। କିଏ 'ସଫ୍ଟ ଗର୍ଲ ଏରା', 'କିଏ ହିଲିଂ ଏରା', 'ଫିଟନେସ୍ ଏରା', 'ସେଲଫ ଲଭ୍ ଏରା'ରେ ଥିବା କହୁଛନ୍ତି। ଏହାର ଅର୍ଥ ଜୀବନର ପ୍ରତ୍ୟେକ ନୂଆ ପର୍ଯ୍ୟାୟ ଏବେ ଏକ ନୂଆ 'ଏରା' ହୋଇପାରେ। ତେବେ ସେମାନେ କାହିଁକି 'ଏରା' ନାଁ ଦେଉଛନ୍ତି ଏହାକୁ ନେଇ ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ।

ସରଳ ଭାଷାରେ କହିଲେ 'ଏରା' ଜୀବନରେ ଏକ ବିଶେଷ ପର୍ଯ୍ୟାୟକୁ କହିବା ଲାଗି ବ୍ୟବହାର କରାଯାଏ। ଏହାର ଅର୍ଥ ହେଉଛି ଜୀବନରେ ଯେଉଁ ଜିନିଷ ସବୁଠୁ ଅଧିକ ଗୁରୁତ୍ୱ ବହନ କରେ, ତାହାକୁ ଜଣେ ନିଜେ ନିଜର 'ଏରା' ବୋଲି କହିପାରିବ। ଯେଉଁମାନେ ନିଜର ହେଲଥ ଏବଂ ଫିଟ୍‌ନେସ ଉପରେ ଧ୍ୟାନ ଦେଉଛନ୍ତି, ସେମାନେ ନିଜକୁ 'ଫିଟ୍‌ନେସ ଏରା'ରେ ଥିବା କହିପାରିବେ। ସେହିପରି ବ୍ରେକ୍‌ଅପ୍ ପରେ ନିଜ ଉପରେ ଧ୍ୟାନ ଦେଉଥିବା ବ୍ୟକ୍ତି ନିଜ ଜୀବନକୁ 'ହିଲିଂ ଏରା' କହୁଛନ୍ତି।

ଅନ୍ୟପଟେ 'ସଫ୍ଟ ଗର୍ଲ ଏରା' ଏହାର ସବୁଠୁ ବଡ଼ ଉଦାହରଣ। ଏହା କେବଳ କପଡ଼ା ତଥା ମେକ୍‌ଅପ୍ ସହ ଜଡ଼ିତ ଟ୍ରେଣ୍ଡ ନୁହେଁ। ଏଥିରେ ସଫ୍ଟନେସ୍, ସେଲଫ୍ କେୟାର, ଆରାମ ଏବଂ ନିଜ ଖୁସିକୁ ପ୍ରାଥମିକତା ଦେବା ସାମିଲ ଅଛି। ତେବେ ସଫ୍ଟ ଗର୍ଲ ଟ୍ରେଣ୍ଡର ଆରମ୍ଭ ଏହିଭଳି ଭାବେ ଆରମ୍ଭ ହୋଇ ନ ଥିଲା। ସମୟ ସହିତ ଏହାର ଅର୍ଥ ଫେଶନଠୁ ଆଗକୁ ବଢ଼ି ଜୀବନଶୈଳୀ ଏବଂ ବ୍ୟକ୍ତିଗତ ଇଚ୍ଛାରେ ପହଞ୍ଚିଛି। ଏକ ରିପୋର୍ଟ ଅନୁସାରେ, ୪୩ ପ୍ରତିଶତ ଭାରତୀୟ ଜେନ୍ ଜେଡ୍ 'ସେଲଫ୍ ଇମପ୍ରୁଭମେଣ୍ଟ ଏରା'ରେ ଆଶା ରଖିଥିଲେ। ଏ ଦୃଷ୍ଟିରୁ ବର୍ତ୍ତମାନ 'ଏରା' କେବଳ ଇଣ୍ଟରନେଟ୍ ଟ୍ରେଣ୍ଡ ହୋଇ ରହି ନାହିଁ।

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ନୀରୁ, ମହିଳା ରିଲେ ଟିମ୍‌କୁ ସ୍ୱର୍ଣ୍ଣ

- ଭାରତର ସ୍ୱର୍ଣ୍ଣ ପଦକ ସଂଖ୍ୟା ୬ ଛୁଇଁଲା
- ତୃତୀୟ ପଦକ ସହ ଗୁଲବୀରଙ୍କ ଇତିହାସ
- ଫାଇନାଲରେ ଦୁଇ ବକ୍ସର, ୨ ପଦକ ପକ୍କା
- ଦେବ ମିନାଙ୍କ ଜାତୀୟ ରେକର୍ଡ ବ୍ୟର୍ଥ
- ଭାରତ-ଶ୍ରୀଲଙ୍କା ପୁରୁଷ କ୍ରିକେଟ ସେମିଫାଇନାଲ

ଟୋକିଓ,୨୯।୯ (ଏଜେନ୍ସି)

ସୁଟର ନୀରୁ ଧଣ୍ଡା ଓ ମହିଳା ୪ ଗୁଣା ୪୦୦ ମିଟର ରିଲେ ଟିମ୍ ଜାପାନରେ ଚାଲିଥିବା ଏସିଆନ ଗେମ୍ସର ୧୧ଶ ଦିନରେ ଭାରତ ଲାଗି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଏହା ସହ ଆଜି ଭାରତକୁ ୮ଟି ପଦକ ମିଳିଛି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୫ଟି କାଂସ୍ୟ ପଦକ ରହିଛି। ଏହାକୁ ମିଶାଇ ଭାରତକୁ ମୋଟ ୬ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୬ କାଂସ୍ୟ ସହ ମୋଟ ୫୩ଟି ପଦକ ଜିତି ତାଲିକାର ୧୦ମ ସ୍ଥାନକୁ ଉନ୍ନୀତ ହୋଇଛି। ଆଥଲେଟିକ୍ସ, ସୁଟିଂରେ ଭାରତକୁ ଏହି ପଦକ ମିଳିଛି। ନୀରୁ ଧଣ୍ଡା ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଛନ୍ତି। ମହିଳା ଟ୍ରାପ୍ ଇଭେଣ୍ଟରେ ନୀରୁ ସ୍ୱର୍ଣ୍ଣ ଜିତିବା ପୂର୍ବରୁ ଅସିମା ଆହଲୱତ ଓ ମନୀଷା ଖୀରଙ୍କ ସହ ମିଶି ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ଆଥଲେଟମାନେ ସର୍ବାଧିକ ୫ଟି, ସୁଟର ୨ଟି ଓ ବକ୍ସର ଗୋଟିଏ ପଦକ ବିଜୟୀ ହୋଇଛନ୍ତି। ପୁରୁଷ ୫୦୦୦ ମିଟର ଦୌଡ଼ରେ ଗୁଲବୀର ସିଂ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଏହା ଫଳରେ ଚଳିତ ଏସିଆନ ଗେମ୍ସରେ ସେ ବ୍ୟକ୍ତିଗତ ଭାବେ ତୃତୀୟ ପଦକ ଜିତି ମହିଳା ରିଲେ ଟିମ୍ ଭଳି ଇତିହାସ ସୃଷ୍ଟି କରିଛନ୍ତି। ଆଥଲେଟିକ୍ସରେ ମିକ୍ସଡ ୪ ଗୁଣା ୧୦୦ ମିଟର ରିଲେ ଟିମ୍, ୪ ଗୁଣା ୪୦୦ ପୁରୁଷ ରିଲେ ଟିମ୍, ମହିଳା ହାଇ ଜମ୍ପ ଓ ବକ୍ସର ନରେନ୍ଦର ସିଂ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ଦୁଇ ଜଣ ବକ୍ସର ପରବିନ ଓ ଅଙ୍କୁଶ ପାଙ୍ଘଲ ଫାଇନାଲରେ ପ୍ରବେଶ କରିବା ଫଳରେ ଆଉ ଦୁଇଟି କାଂସ୍ୟ ପଦକ ନିଶ୍ଚିତ ହୋଇଛି। ବର୍ଷା ଯୋଗୁ କ୍ରିକେଟ ଖେଳ ବାଧାପ୍ରାପ୍ତ ହେବାପରେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ସେମିଫାଇନାଲ ମୁକାବିଲା ହେବାକୁ ସ୍ଥିର ହୋଇଛି।

## ଗେମ୍ସ ରେକର୍ଡ ସହ ସୁଟିଂରେ ଧଣ୍ଡାଙ୍କୁ ଡବଲ ମେଡାଲ



ଏସିଆନ ଗେମ୍ସ ସୁଟିଂରେ ଭାରତୀୟ ଟିମ୍ ସୁପର ଫ୍ଲପ୍ ହେବା ପରେ ଟ୍ରାପ୍ ଇଭେଣ୍ଟରେ ଆଜି ଡବଲ ସଫଳତା ମିଳିଛି। ଷ୍ଟାର ସୁଟର ନୀରୁ ଧଣ୍ଡା ଆଜି ଅନୁଷ୍ଠିତ ମହିଳା ଟ୍ରାପ୍ ସୁଟିଂର ଇଣ୍ଡିଭିଜୁଆଲ କାଟାଗୋରୀରେ ଏସିଆନ ଗେମ୍ସ ସହ ସ୍ୱର୍ଣ୍ଣ ପଦକ ଓ ଟିମ୍ ଟ୍ରାପ୍ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ମହିଳା ଟ୍ରାପ୍ ଇଣ୍ଡିଭିଜୁଆଲ ଇଭେଣ୍ଟରେ ନୀରୁ ୨୮ ପଏଣ୍ଟ ସ୍କୋର କରି ଏସୀୟ ରେକର୍ଡ ପ୍ରତିଷ୍ଠା କରିବା ସହ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏହା ସହ ସେ ଭାରତ ଲାଗି ୫ମ ତଥା ସୁଟିଂରୁ ଦ୍ୱିତୀୟ ସ୍ୱର୍ଣ୍ଣପଦକ କବ୍‌ଜା କରିଥିଲେ।

ପୂର୍ବରୁ ଟ୍ରାପ୍ ଟିମ୍ ଇଭେଣ୍ଟରେ ନୀରୁ, ଅସିମା ଅହଲୱତ୍ ଓ ମନୀଷା ଖୀର ମିଳିତଭାବେ ୩୨୮ ପଏଣ୍ଟ ସ୍କୋର କରି ଚୀନ୍ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଫଳରେ ଏମାନଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ନୀରୁଙ୍କ ଲାଗି ଆଜି ଡବଲ ମେଡାଲ ଜିତିବାର ଦିନ ଥିଲା। କତାରକୁ କାଂସ୍ୟ ପଦକ ମିଳିଥିଲା।

## ଆଥ୍‌ଲେଟିକ୍ସରେ ମହିଳା ରିଲେ ଟିମ୍ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ମହିଳା ୪ ଗୁଣା ୪୦୦ ମହିଳା ରିଲେ ଟିମ୍ ଏସିଆନ ଗେମ୍ସ ଆଥଲେଟିକ୍ସରେ ଭାରତ ଲାଗି ପ୍ରଥମ ତଥା ପ୍ରତିଯୋଗିତାରେ ୬ଷ୍ଠ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଆଜି ଅନୁଷ୍ଠିତ ଫାଇନାଲରେ କିରା ପାହାଲ, ଏମ୍‌ଆର୍ ପୂଭାମ୍ମା, ପ୍ରାଚୀ ଓ ବିଥ୍ୟା ରାମରାଜ ୩ ମିନିଟ୍ ୨୯.୬୯ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ବାହାରିନ୍‌କୁ ରୌପ୍ୟ ଓ ଚୀନ୍‌କୁ କାଂସ୍ୟ ପଦକ ମିଳିଥିଲା। ଏହା ଫଳରେ ଦୀର୍ଘ ୪୪ ବର୍ଷ ଧରି ଭାରତର ୪ ଗୁଣା ୪୦୦ ମହିଳା ରିଲେ ଟିମ୍ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ରିଲେ ଟିମ୍ ଏହାକୁ ମିଶାଇ ଏସିଆନ ଗେମ୍ସରେ ୭ମ ସ୍ୱର୍ଣ୍ଣପଦକ ବିଜୟୀ ହେବାରେ ସଫଳ ହୋଇଛନ୍ତି। ୨୦୧୮ ରେ ଦଳ ଶେଷ ସ୍ୱର୍ଣ୍ଣ ଜିତିଥିଲା। ସେହିପରି ବିଥ୍ୟା ରାମରାଜ ମଧ୍ୟ ଏଠାରେ ତୃତୀୟ ପଦକ ଜିତିଛନ୍ତି। ଗତକାଲି ସେ ମହିଳା ୪୦୦ ମିଟର ହର୍ଡଲ୍ସରେ ପିଟି ଉଷାଙ୍କ ଜାତୀୟ ରେକର୍ଡ ଭାଙ୍ଗିବା ସହ କାଂସ୍ୟ ଓ ୪ ଗୁଣା ୪୦୦ ମିଟର ମିକ୍ସଡ ରିଲେରେ ରୌପ୍ୟ ପଦକ କବ୍‌ଜା କରିଥିଲେ।




ରିଲେ ରେସ୍‌ରେ ଭାରତକୁ ଆଉ ଦୁଇଟି ପଦକ ମିଳିଛି। ୪ ଗୁଣା ୪୦୦ ମିଟର ପୁରୁଷ ରିଲେ ଟିମ୍‌କୁ କାଂସ୍ୟ ମିଳିଛି। ଏଥିରେ ବିଶାଳ ଟିକେ, ଧରମବୀର, ମନୁ ଓ ଜୟକୁମାର ଅଂଶଗ୍ରହଣ କରିଥିଲେ। ସେହିପରି ପୁରୁଷ ୪ ଗୁଣା ୧୦୦ ମିଟର ମିକ୍ସଡ ରିଲେ ରେସ୍‌ରେ ମଧ୍ୟ କାଂସ୍ୟ ପଦକ ମିଳିଛି। ହରିତା ଭଦ୍ର, ସ୍ନେହା ଏସ୍‌ଏସ୍, ଅନିମେଶ କୁଜୁର ଓ ଗୁରିନ୍ଦରବୀର ସିଂହଙ୍କୁ ନେଇ ଗଠିତ ଟିମ୍ ୪୧.୦୬ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ ମଧ୍ୟ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ସବୁଠାରୁ ଅଧିକ ପଦକ ଜିତୁଥିବା ଆଥଲେଟିକ୍ସ ଇଭେଣ୍ଟ ଆଜି ଶେଷ ହୋଇଛି। ଭାରତ ଗୋଟିଏ ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୪ଟି କାଂସ୍ୟ ସହ ମୋଟ ୨୪ଟି ପଦକ ହାସଲ କରିଛି।

## ଗୁଲବୀର ସିଂହଙ୍କୁ ହ୍ୟାଟ୍ରିକ୍ ମେଡାଲ




ଲଙ୍ଗ ଡିଷ୍ଟାନ୍ସ ରନର ଗୁଲବୀର ସିଂହ ଆଜି ଅନୁଷ୍ଠିତ ପୁରୁଷ ୫୦୦୦ ମିଟର ରେସ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସେ ଏହି ଦୂରତାକୁ ୧୩ ମିନିଟ୍ ୩୨.୭୫ ସେକେଣ୍ଡରେ ଜିତି ଚଳିତ ପ୍ରତିଯୋଗିତାରେ ହ୍ୟାଟ୍ରିକ୍ ପଦକ ହାସଲ କରି ରେକର୍ଡ କରିଛନ୍ତି। ଏହା ପୂର୍ବରୁ ସେ ପୁରୁଷ ୧୦,୦୦୦ ମିଟର ଓ ୧୫୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଗତ ୩ ଦିନରେ ଗୁଲବୀର ୩ଟି ପଦକ ଜିତି ଭାରତୀୟ ଆଥଲେଟଙ୍କ ଲାଗି ଉଦାହରଣ ସୃଷ୍ଟି କରିପାରିଛନ୍ତି। ଚଳିତ ଏସିଆନ ଗେମ୍ସରେ ୩ଟି ପଦକ ଜିତିବାରେ ମହିଳା ରନର ବିଥ୍ୟା ରାମରାଜ ସଫଳ ହୋଇଛନ୍ତି। ସେ ଗୋଟିଏ ଇଣ୍ଡିଭିଜୁଆଲ ଓ ୨ଟି ରିଲେ ଟିମ୍‌ରେ ଭାଗ ନେଇ ୩ଟି ପଦକ ଜିତିଛନ୍ତି। ଗୁଲବୀରଙ୍କ ୩ଟି ଯାକ ପଦକ ଇଣ୍ଡିଭିଜୁଆଲ ରେସ୍‌ରୁ ମିଳିଛି।

## ଭାରତ-ଶ୍ରୀଲଙ୍କା ସେମିଫାଇନାଲ

**ପୁରୁଷ କ୍ରିକେଟ**

ନିଶିନ,୨୯।୯ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆନ ଗେମ୍ସ ପୁରୁଷ କ୍ରିକେଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ଅକ୍ଟୋବର ୧ରେ ଖେଳାଯିବାକୁ ଥିବା ସେମିଫାଇନାଲରେ ଭାରତ ସହ ଶ୍ରୀଲଙ୍କାର ଓ ପାକିସ୍ତାନ ସହ ବାଂଲାଦେଶର ମୁକାବିଲା ହେବ। ଏହି ମୁକାବିଲାର ବିଜେତା ଟିମ୍ ସହ ଫାଇନାଲ ମୁକାବିଲା ଅକ୍ଟୋବର ୩ରେ ଖେଳାଯିବ। ପୂର୍ବରୁ ମହିଳା ବିଭାଗରେ ପାକିସ୍ତାନକୁ ହରାଇ ଭାରତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। କ୍ରମାଗତ ବର୍ଷା ଓ ଖରାପ ପଡ଼ିଆ ଯୋଗୁଁ ଆଜିର ଦୁଇଟି କ୍ୱାର୍ଟର ଫାଇନାଲକୁ ମିଶାଇ କ୍ରମାଗତ ୬ଟି ମ୍ୟାଚ୍ ବାତିଲ ହୋଇଛି। ଆଜି ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ ହେବା ଫଳରେ ମାଲେସିଆ ବିପକ୍ଷରେ ବାଂଲାଦେଶ ଓ ନେପାଳ ବିପକ୍ଷରେ ଶ୍ରୀଲଙ୍କାର ମାନ୍ୟତା ଅଧିକ ଥିବାରୁ ସେମିଫାଇନାଲକୁ ଯାଇଛନ୍ତି। ସେମିଫାଇନାଲ ମୁକାବିଲା ଯଦି ବର୍ଷା ଯୋଗୁ ବାତିଲ ହୁଏ, ତେବେ ଆଇସିସିରେ ଅଧିକ ମାନ୍ୟତା ଭିତ୍ତିରେ ଭାରତ ଓ ପାକିସ୍ତାନ ଫାଇନାଲକୁ ଯିବେ। ଫାଇନାଲ ବାତିଲ ହେଲେ ଉଭୟ ଦଳକୁ ଯୁଗ୍ମ ଚାମ୍ପିଅନ ଘୋଷଣା କରାଯିବ। ଏହାର ଅର୍ଥ ଉଭୟ ସ୍ୱର୍ଣ୍ଣପଦକ ମିଳିତଭାବେ ବିଜୟୀ ହେବେ।

## ପୂଜାଙ୍କୁ କାଂସ୍ୟ, ଦେବ ମୀନାଙ୍କ ଜାତୀୟ ରେକର୍ଡ



ଆଉ ଜଣେ ମହିଳା ଆଥଲେଟ ତଥା ଜାତୀୟ ରେକର୍ଡଧାରୀ ପୂଜା ହାଇଜମ୍ପରେ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଇଭେଣ୍ଟରେ ସେ ୧.୮୪ ମିଟର ଉଚ୍ଚତାକୁ ଡେଇଁ ତୃତୀୟ ସ୍ଥାନରେ ରହିଥିଲେ। ଚଳିତବର୍ଷ ଆରମ୍ଭରେ ସେ ୧.୯୩ ମିଟର ଉଚ୍ଚତାକୁ ଡେଇଁ ସାହାନା କୁମାରୀଙ୍କ ନାମରେ ଥିବା ୧୪ ବର୍ଷର ଜାତୀୟ ରେକର୍ଡକୁ ଭାଙ୍ଗିଦେଇଥିଲେ। କିନ୍ତୁ ଏଠାରେ ତାହା ଦୋହରାଇ ପାରି ନ ଥିଲେ। ଉଜ୍‌ବେକିସ୍ତାନର ସେଫୁଲାଏଭା ୧.୯୦ ମିଟରକୁ ଡେଇଁ ସ୍ୱର୍ଣ୍ଣ ଓ କାଜାଖସ୍ତାନର କ୍ରିଷ୍ଟିନା ଓଭଚିନ୍ନିକୋଭା ୧.୮୭ ମିଟର ଉଚ୍ଚତାକୁ ଡେଇଁ ରୌପ୍ୟ ପଦକ ଜିତିଥିଲେ। ପୁରୁଷ ପୋଲ ଭଲ୍ଟରେ ଦେବ ମୀନା ୫.୫୦ ମିଟର ଉଚ୍ଚତାକୁ ଡେଇଁ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହିଥିଲେ। ଏଥିରେ ଭାଗନେଇଥିବା କୁଲଦୀପ ୧୦ମ ସ୍ଥାନରେ ରହିଥିଲେ। ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ମହିଳା ହାମର ଥ୍ରୋ'ରେ ତାନ୍ୟା ଚୌଧୁରୀ ଚତୁର୍ଥ ଓ ଅନୁସ୍କା ଯାଦବ ୫ମ, ପୁରୁଷ ୮୦୦ ମିଟର ଦୌଡ଼ରେ ମହମ୍ମଦ୍ ଅଫସଲ ୮ମ ଓ ମହିଳାରେ ପୂଜା ୭ମ ସ୍ଥାନ ଅଧିକାର କରିଥିଲେ।

## ନରେନ୍ଦରଙ୍କୁ କାଂସ୍ୟ, ୨ ବକ୍ସର ଫାଇନାଲରେ

ବକ୍ସିଂରେ ଭାରତ କାଂସ୍ୟ ପଦକରୁ ଖାତା ଖୋଲିଛି। ପୁରୁଷ ୯୦ କେଜିରୁ ଊର୍ଦ୍ଧ୍ୱ କାଟାଗୋରୀରେ ନରେନ୍ଦର ବେରୱାଲ ସେମିଫାଇନାଲରେ କାଜାଖସ୍ତାନର ଆଇବେକ୍ ଓରାଲବେ'ଙ୍କଠାରୁ ୫-୦ରେ ପରାଜିତ ହୋଇଥିଲେ। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ତାଙ୍କୁ କାଂସ୍ୟ ପଦକ ମିଳିଥିଲା। ତାଙ୍କ ବ୍ୟତୀତ ଆଉ ଦୁଇ ଜଣ ବକ୍ସର ଆଜିର ସେମିଫାଇନାଲ ଲଢ଼େଇରେ ବିଜୟୀ ହୋଇଛନ୍ତି। ସେମାନେ ହେଲେ ପୁରୁଷ ୮୦ କେଜିରେ ଅଙ୍କୁଶ ପାଙ୍ଘଲ ଓ ମହିଳା ୬୫ କେଜିରେ ପରବିନ୍। ଏମାନେ ଫାଇନାଲରେ ପ୍ରବେଶ କରିବା ଫଳରେ ଅତିକମ୍‌ରେ ଆଉ ୨ଟି ପଦକ ଜିତିବା ସ୍ପଷ୍ଟ ହୋଇଛି। ସେହିପରି ଆସନ୍ତାକାଲି ଭାରତର ଆଉ ୩ଜଣ ବକ୍ସର ସେମିଫାଇନାଲ ଖେଳିବେ।

**ଆଜି ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ**

# ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ଗୌହାଟୀ, ୨୯।୯ (ଏଜେନ୍ସି): ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଓ ଭାରତ ମଧ୍ୟରେ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚ୍ ବୁଧବାର ସ୍ଥାନୀୟ ବର୍ଷାପରା କ୍ରିକେଟ୍ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚରେ ଘରୋଇ ଭାରତ ୮ ୱିକେଟରେ ବିଜୟୀ ଲାଭ କରିଥିଲା। ୨୯୬ ରନର ଟାର୍ଗେଟକୁ ପିଛା କରିଥିବା ଭାରତ ଅଧିନାୟକ ଶୁବମନ ଗିଲ୍ (୧୦୮ ବଲରେ ୧୧୦ ରନ) ଓ ବିରାଟ କୋହଲି (୮୮ ବଲରେ ୧୩୯* ରନ)ଙ୍କ ଦମ୍‌ଦାର ଶତକ ବଳରେ ମାତ୍ର ୨ଟି ୱିକେଟ ହରାଇ ୫୦ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ତେଣୁ ଘରୋଇ ଦଳ ଏହି ବିଜୟଧାରା ବଜାୟ ରଖି ଆଗୁଆ ସିରିଜ କବ୍‌ଜା କରିବା ଲକ୍ଷ୍ୟରେ ରହିଛି। ଅପରପକ୍ଷରେ ସାଇ ହୋପଙ୍କ ୱେଷ୍ଟଇଣ୍ଡିଜ ଦଳ ପାଇଁ ଏହି ମ୍ୟାଚ୍ 'କର ବା ମର' ସଦୃଶ ହୋଇଛି। ସିରିଜ ବଞ୍ଚାଇବାକୁ ହେଲେ ଇଣ୍ଡିଜ ଦଳକୁ ଏହି ମ୍ୟାଚ୍‌ରେ ନିଶ୍ଚିତ ବିଜୟ ଆବଶ୍ୟକ କରୁଛି। ତେଣୁ ବୁଧବାର କ୍ରିକେଟ୍‌ପ୍ରେମୀ ଏକ ରୋମାଞ୍ଚକ ମ୍ୟାଚ୍ ଦେଖିବା ଆଶାରେ ରହିଛନ୍ତି।

**ବର୍ଷାପରାରେ ହ୍ୟାଟ୍ରିକ୍ ଶତକ ଲକ୍ଷ୍ୟରେ କୋହଲି**

ବର୍ଷାପଡ଼ା ଷ୍ଟାଡିୟମର ରେକର୍ଡ ଉପରେ ନଜର ପକାଇଲେ ଭାରତ ଏଠାରେ ଖେଳିଥିବା ଶେଷ ଦୁଇଟି ଦିନିକିଆରେ ବିଜୟ ଲାଭ କରିଥିଲା। କିଙ୍ଗ୍ କୋହଲି ଉଭୟ ମ୍ୟାଚରେ ଶତକୀୟ ପାଳି ଖେଳି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତେଣୁ କୋହଲିଙ୍କ ପାଇଁ ଏହି ଭେନ୍ୟୁରେ ହ୍ୟାଟ୍ରିକ ଦିନିକିଆ ଶତକ ହାସଲ କରିବାର ମଧ୍ୟ ସୁବର୍ଣ୍ଣ ସୁଯୋଗ ରହିଛି। ପୂର୍ବରୁ ଏହି ଭେନ୍ୟୁରେ ଖେଳାଯାଇଥିବା ୨ଟି ଯାକ ଦିନିକିଆର ଚାରୋଟି ଇନିଂସରେ ୩୦୦ରୁ ଊର୍ଦ୍ଧ୍ୱ ସ୍କୋର ଦେଖିବାକୁ ମିଳିଛି। ତେଣୁ ୩୦୦ ରନ ସ୍କୋର ଏହି ଗ୍ରାଉଣ୍ଡରେ ସୁରକ୍ଷିତ ସ୍କୋର ନୁହେଁ ବୋଲି ରେକର୍ଡରୁ ଜଣାପଡ଼ିଛି।

**ମ୍ୟାଚ୍ ଆରମ୍ଭ: ଅପରାହ୍ଣ ୨ଟା**
**ସ୍ଥାନ: ଗୌହାଟୀ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ/ଜିଓହଷ୍ଟାର**

## ସିଏସ୍‌କେ'ର ବୋଲିଂ କୋଚ୍ ହେବେ ମୋହିତ୍

ଚେନ୍ନଇ, ୨୯।୯ (ଏଜେନ୍ସି): ପୂର୍ବତନ ଦ୍ରୁତ ବୋଲର ମୋହିତ ଶର୍ମା ଚେନ୍ନଇ ସୁପର୍ କିଙ୍ଗସ (ସିଏସକେ)ର ନୂଆ ବୋଲିଂ କୋଚ୍ ହେବେ। ଦକ୍ଷିଣ ଆଫ୍ରିକାର ଏରିକ ସିମନ୍ସଙ୍କ ସ୍ଥାନରେ ୩୮ ବର୍ଷୀୟ ମୋହିତ୍ ଏହି ଦାୟିତ୍ୱ ଗ୍ରହଣ କରିବେ। 'ନୂତନ ମୁଖ୍ୟ କୋଚ୍ ଜାହିର ଖାନ ବର୍ତ୍ତମାନ ସପୋର୍ଟ ଷ୍ଟାଫ୍ ଚୟନ ପ୍ରକ୍ରିୟାକୁ ଚୂଡ଼ାନ୍ତ କରୁଛନ୍ତି। ବୋଲିଂ କୋଚ୍ ଭୂମିକା ପାଇଁ ସେ ମୋହିତଙ୍କୁ ଚୟନ କରିବାର ଯଥେଷ୍ଟ ସମ୍ଭାବନା ରହିଛି' ବୋଲି ସିଏସକେ ସିଇଓ କାଶୀ ବିଶ୍ୱନାଥନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ମୋହିତ ୪ଟି ସିଜନ ଧରି ଆଇପିଏଲ୍‌ରେ ସିଏସକେ ପାଇଁ ମୋଟ୍ ୪୮ଟି ମ୍ୟାଚ୍ ଖେଳିଛନ୍ତି। ଓଭରଅଲ୍ ସେ ଆଇପିଏଲ୍‌ରେ ୧୨୦ଟି ମ୍ୟାଚ୍ ଖେଳି ୧୩୪ଟି ୱିକେଟ ନେଇଛନ୍ତି।

■ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଅନ୍‌ଅଫିସିଆଲ୍ ଯୁବ ଟେଷ୍ଟ

## ଭାରତର ଇଂନିସ ବିଜୟ

ରାଜକୋଟ, ୨୯।୯ (ଏଜେନ୍ସି): ସ୍ଥାନୀୟ ନିରଞ୍ଜନ ଶାହ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଅନ୍‌ଅଫିସିଆଲ୍ ଯୁବ (୧୯ ବର୍ଷରୁ କମ୍) ଟେଷ୍ଟରେ ଭାରତ ଏକ ପାଳି ଓ ୪୮ ରନରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଅଷ୍ଟ୍ରେଲିଆ ୨୧୭ ରନ ଜବାବରେ ଭାରତ ମଙ୍ଗଳବାର ତୃତୀୟ ଦିବସରେ ୪୯୪ ରନ କରି ପ୍ରଥମ ପାଳିରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ଓପନର୍ ଲକ୍ଷ୍ୟ ରାଜେଶ ରାଇଚନ୍ଦନି ୨୧୦ ରନର ମାରାଥନ ଦ୍ୱିଶତକୀୟ ପାଳି ଖେଳିଥିଲେ। ସେହିଭଳି ୧୦ମ ସ୍ଥାନରେ ଆସିଥିବା ମୋହିତ ଉଲଭା ୯୨ ରନର ଉଲ୍ଲେଖନୀୟ ପାଳି ଖେଳିଥିଲେ। ଜବାବରେ ୨୭୭ ରନ ପଛରେ ଥାଇ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ଯୁବ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୨୯ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରଥମ ପାଳିରେ ଶତକୀୟ (୧୦୨ ରନ) ପାଳି ଖେଳିଥିବା ବ୍ଲେକ କାଟଲେ ଆଜି ମଧ୍ୟ ୧୨୩ ରନ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆକୁ ପାଳି ପରାଜୟରୁ ରକ୍ଷା କରିପାରି ନ ଥିଲେ। ଘରୋଇ ଭାରତୀୟ ଦଳ ପକ୍ଷରୁ ଅଧିନାୟକ ତଥା ଅଫ୍-ସ୍ପିନର ଯଶବର୍ଦ୍ଧନ ଚୌହାନ ୬ଟି ଓ ବାମହାତୀ ସ୍ପିନର ଇଶାନ ଓମ୍ ୪ଟି ୱିକେଟ ନେଇ ଭାରତକୁ ଗୋଟିଏ ଦିନ ପୂର୍ବରୁ ବଡ଼ ବିଜୟ ଭେଟି ଦେଇଥିଲେ।

# ଆଜି ଓଡ଼ିଶା ଟି-୨୦ ଲିଗ୍ ଫାଇନାଲ

ଭୁବନେଶ୍ୱର, ୨୯।୯ (ସମିସ): ଆଇକନିକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍' ଦ୍ୱିତୀୟ ସଂସ୍କରଣ ଫାଇନାଲ ମ୍ୟାଚ୍ ବୁଧବାର ଖେଳାଯିବ। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ କେନ୍ଦୁଝର ମାଇନର୍ସ ପ୍ରଥମ ଦଳ ଭାବରେ ଫାଇନାଲରେ ପ୍ରବେଶ କରିଛି। ଗତକାଲି ଲିଗ୍ ପର୍ଯ୍ୟାୟ ସମାପ୍ତପରେ କେନ୍ଦୁଝର ଉନ୍ନତ ରନରେଟ୍ ସହ ୬ ପଏଣ୍ଟ ପାଇ ଶୀର୍ଷରେ ରହି ସିଧାସଳଖ ଫାଇନାଲକୁ ଯୋଗ୍ୟତା ଅର୍ଜନ କରିଥିଲା। ଅପରପକ୍ଷରେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିବା ସମ୍ବଲପୁର ୱାରିୟର୍ସ ଓ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ମଙ୍ଗଳବାର ଏକମାତ୍ର କ୍ୱାଲିଫାୟର ଖେଳାଯାଉଛି। ଏହି ମ୍ୟାଚର ଶେଷ ଖବର ସୁଦ୍ଧା ସମ୍ବଲପୁର ୧୩ ଓଭରରେ ୩ ୱିକେଟ ହରାଇ ୧୦୨ ରନ କରିଛି। କ୍ୱାଲିଫାୟର ମ୍ୟାଚର ବିଜୟୀ ଦଳ ବୁଧବାର କେନ୍ଦୁଝର ସହ ରାତି ୭ଟା ୩୦ରେ ଫାଇନାଲ ଖେଳିବ।




ଅପରପକ୍ଷରେ ମଙ୍ଗଳବାର ଓସିଏ ଗ୍ରୀନ ଓ ଓସିଏ ବ୍ଲୁ' ଦଳ ମଧ୍ୟରେ ଏକ ମହିଳା ଟି-୨୦ ପ୍ରଦର୍ଶନୀ ମ୍ୟାଚ୍ ଖେଳାଯାଇଥିଲା। ଏହି ମ୍ୟାଚରେ ଓସିଏ ବ୍ଲୁ ଦଳ ୭ ୱିକେଟରେ ବିଜୟୀ ହୋଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଗ୍ରୀନ ୨୦ ଓଭରରେ ୭ ୱିକେଟ ହରାଇ ୧୧୨ ରନ କରିଥିଲା। ଦଳ ପକ୍ଷରୁ ସଙ୍ଗୀତା ଖାଡ଼ିଆ ୩୩ ବଲରେ ୩୦ ରନ, ତନ୍ମୟୀ ବେହେରା ୧୫ ବଲରେ ୨୧ ଓ ମୋନାଲିସା ରାଉତ ୨୮ ବଲରେ ୨୫ ରନ କରିଥିଲେ। ବ୍ଲୁ' ପକ୍ଷରୁ ଜିଏମ୍ ଅଳକାନନ୍ଦା ୪ ଓଭରରେ ୧୨ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଓସିଏ ବ୍ଲୁ ଦଳ ୩ ୱିକେଟ ହରାଇ ଶେଷ ଓଭରରେ ବିଜୟୀ ହୋଇଥିଲା। ଶିଳ୍ପା ସ୍ୱାଇଁ ୩୧ ବଲରେ ୨୬ ଓ ପ୍ରଜ୍ଞା ମହାନ୍ତି ୩୨ ବଲରେ ୨୭ ରନ କରିଥିଲେ। ଅଳକାନନ୍ଦାଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

## ଜାତୀୟ ଜୁନିଅର ଥ୍ରୋ ବଲ୍ : କ୍ୱାର୍ଟରରେ ଓଡ଼ିଶା




ଭୁବନେଶ୍ୱର,୨୯।୯ (ସମିସ): ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ ମହାରାଷ୍ଟ୍ରର ନାସିକ୍‌ଠାରେ ଚାଲିଥିବା ଜାତୀୟ ଜୁନିଅର ଥ୍ରୋବଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବାଳକ ବିଭାଗେ ଆନ୍ଧ୍ରପ୍ରଦେଶ, ପୁଡୁଚେରୀ ଓ ଗୋଆକୁ ୨-୦ ଲେଖାଏଁ ସେଟ୍‌ରେ ପରାସ୍ତ କରି ଓଡ଼ିଶା ଦଳ ପୁଲର ଚାମ୍ପିଅନ ହେବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ସେହିପରି ପଶ୍ଚିମବଙ୍ଗ, ଗୋଆ ଓ କେରଳକୁ ହରାଇ ବାଳିକା ଦଳ ମଧ୍ୟ ପୁଲ ଚାମ୍ପିଅନ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ବାଳିକା ବିଭାଗରେ ଶୁଭଲକ୍ଷ୍ମୀ ସ୍ୱାଇଁ ଓ ଦୀପକ ବେହେରା ଉନ୍ନତ ଖେଳ ପ୍ରଦର୍ଶନ କରିଛନ୍ତି। କ୍ୱାର୍ଟର ଫାଇନାଲରେ ବିଜୟ ଲାଗି ଓଡ଼ିଶା ଥ୍ରୋ ବଲ ସଂଘ ସଭାପତି ଭୂପିନ୍ଦର ସିଂହ, ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଓ ପ୍ରତିଷ୍ଠାତା ସଦସ୍ୟ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY